

ପବିତ୍ର ମହାବିଷୁବ ସଂକ୍ରାନ୍ତି
ଏବଂ ଓଡ଼ିଆ ନୂଆବର୍ଷ ଉପଲକ୍ଷେ
ରାଜ୍ୟବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-286 ♦TUESDAY ♦14 APRIL 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୮୬ ♦ମଙ୍ଗଳବାର ♦୧୪ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ରଣକ୍ଷେତ୍ର ପାଲଟିବ ହର୍ମୁଜ


ଭିତର ପୃଷ୍ଠାରେ...
- ପଞ୍ଚଭୂତରେ ଲୀନ ହେଲେ ଆଶା ଭୋସ୍‌ଲେ
- ପଶ୍ଚିମବଙ୍ଗ ଭୋଟର ମାମଲାରେ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମ୍‌କୋର୍ଟ




## ଆମେରିକାର ଦାଦାଗିରି, ଇରାନ ବନ୍ଦରକୁ ଅବରୋଧ

- ଆକ୍ରମଣ ଧମକ ଦେଲା ଇରାନ
- ହର୍ମୁଜରେ ଫସିଛି ୧୫ ଭାରତୀୟ ଜାହାଜ

■ ୱାସିଂଟନ/ତେହରାନ/ ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ଦୀର୍ଘ ଦଶନ୍ଧି ପରେ ଆମେରିକା ଏବଂ ଇରାନ ମଧ୍ୟରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ରେ ଅନୁଷ୍ଠିତ ଐତିହାସିକ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଆରମ୍ଭ ହୋଇଯାଇଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାଦାଗିରି। ହର୍ମୁଜରେ ଅବସ୍ଥିତ ଇରାନର ସମସ୍ତ ବନ୍ଦରକୁ ଅବରୋଧ କରିବା ଲାଗି ଟ୍ରମ୍ପ ଘୋଷଣା କରିବା ପରେ ଏହି ଅଞ୍ଚଳରେ ପୁଣି ଥରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଇରାନ ବନ୍ଦରକୁ କୌଣସି ଜାହାଜକୁ ଯିବା ଆସିବାକୁ ଦିଆଯିବ ନାହିଁ ବୋଲି ଆମେରିକା ଘୋଷଣା କରିବା ସହିତ ହର୍ମୁଜରେ ସାମରିକ ଜାହାଜ ମୁତୟନ କରିଛି। ଏହି ଅଞ୍ଚଳ ଦେଇ ଇରାନ ବନ୍ଦରକୁ ଯିବା ଆସିବା ସମସ୍ତ ଜାହାଜର ଯାଞ୍ଚ କରିବ ବୋଲି କହିଛି। ▶ପୃଷ୍ଠା-୭

## ଏଲ୍ ନିନୋ ପ୍ରଭାବ
# ଏଥର କମ୍ ବର୍ଷା

■ ନୂଆଦିଲ୍ଲୀ,୧୩।୪(ଏଜେନ୍ସି): ଚଳିତ ବର୍ଷ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ରହିବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ସୋମବାର ଏ ନେଇ ସୂଚନା ଦେଇଛି। ଗତ ୩ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ବର୍ଷାର ପରିମାଣ କମିବାକୁ ଯାଉଛି। ଚଳିତ ବର୍ଷ ହାରାହାରି ବର୍ଷାର ୯୨ ପ୍ରତିଶତ ବୃଷ୍ଟିପାତ ହେବା ନେଇ ଅନୁମାନ କରାଯାଉଛି। ସାଧାରଣତଃ ୯୬ରୁ ୧୦୪ ପ୍ରତିଶତ ବର୍ଷାକୁ ସ୍ୱାଭାବିକ୍ ବୋଲି କୁହାଯାଇଥାଏ। ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତି ଜୁନ ମାସ ପରେ ଏଲ୍ ନିନୋରେ ପରିଣତ ହେବାର ସମ୍ଭାବନା ରହିଛି, ଯାହା ମୌସୁମୀ ବାୟୁକୁ ଦୁର୍ବଳ କରିଥାଏ। ଦେଶର ଅଧିକାଂଶ ସ୍ଥାନରେ କମ୍ ବର୍ଷା ହେବାକୁ ଥିବା ବେଳେ, ଉତ୍ତର- ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ସ୍ୱାଭାବିକ୍ ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ଦେଶର ମୋଟ ବର୍ଷାର ପ୍ରାୟ ୭୦ ପ୍ରତିଶତ ମୌସୁମୀରୁ ହିଁ ମିଳିଥାଏ। ବର୍ଷା କମ୍ ହେଲେ କୃଷି ଉତ୍ପାଦନ ହ୍ରାସ ପାଇବା ସହ ଖାଦ୍ୟଶସ୍ୟ ଦର ବଢ଼ିବା ଆଶଙ୍କା ଥାଏ। ଫଳରେ କମ୍ ବର୍ଷା ଦେଶର ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ। ସାଧାରଣତଃ ଜୁନ୍ ୧ ସୁଦ୍ଧା ମୌସୁମୀ ବାୟୁ କେରଳ ଛୁଇଁ ଥାଏ ସାରା ଦେଶରେ ବ୍ୟାପୀବା ପାଇଁ ୩୦ରୁ ୪୫ ଦିନ ସମୟ ନେଇଥାଏ। ମୌସୁମୀ କେରଳରେ ପହଞ୍ଚିବାର ୧୦ରୁ ୧୨ ଦିନ ମଧ୍ୟରେ, ଅର୍ଥାତ ଜୁନ ୧୦ରୁ ୧୫ ତାରିଖ ମଧ୍ୟରେ ଓଡ଼ିଶାରେ ପ୍ରବେଶ କରିଥାଏ।

# ମାନସ ଓ ସୁଲତାଙ୍କୁ ଗୁରୁ ଦାୟିତ୍ୱ ଦେଲେ ନବୀନ

- ରାଜ୍ୟସଭାରେ ମାନସ ବିଜେଡି ସଂସଦୀୟ ଦଳ ନେତା
- ସୁଲତାଙ୍କୁ ଉପ ନେତା ଓ ମୁଖ୍ୟ ସଚେତକ ଦାୟିତ୍ୱ




■ ଭୁବନେଶ୍ୱର,୧୩।୪(ସମିସ): ଦଳର ଦୁଇ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ସୁଲତା ଦେଓଙ୍କ ଉପରେ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମାନସଙ୍କୁ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଓ ସୁଲତା ଦେଓଙ୍କୁ ଉପନେତା ତଥା ମୁଖ୍ୟ ସଚେତକ ରୂପେ ନିଯୁକ୍ତି ଦିଆଯାଇଥିବା ସଂକ୍ରାନ୍ତରେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ନବୀନ ଚିଠି ଲେଖି ଅବଗତ କରିଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନ ପରେ ଦଳର କିଛି ସଂସଦଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏହି ନୂଆ ନିଯୁକ୍ତି ଦିଆଯାଇଥିବା ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in





ସକାଳ THE SAKALA
www.sakalaepaper.com


# ଚୁକ୍ତିର ଅତି ନିକଟତର ହୋଇ ମଧ୍ୟ ଦୂରେଇଗଲେ ଆମେରିକା-ଇରାନ

## କାହିଁକି ଫେଲ୍ ମାରିଲା ଜେଡି ଭାନ୍ସଙ୍କ ପାକିସ୍ତାନ ମିସନ୍?



ୱାସିଂଟନ, ୧୩।୪(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏବେ ସମସ୍ତଙ୍କ ଦୃଷ୍ଟିରେ ରହିଛନ୍ତି । ଭାନ୍ସଙ୍କ ବହୁ ପ୍ରତିକ୍ଷିତ ତଥା ଗୁପ୍ତ ପାକିସ୍ତାନ ଗସ୍ତ କୌଣସି ସକାରାତ୍ମକ ନିଷ୍କର୍ଷ ବିନା ଶେଷ ହୋଇଛି । ଯେଉଁ ଯୁଦ୍ଧକୁ ସେ ବ୍ୟକ୍ତିଗତ ଭାବେ ବିରୋଧ କରୁଥିଲେ, ସେହି ବିବାଦର ସମାଧାନ ପାଇଁ ସେ ପାକିସ୍ତାନ ଯାଇଥିଲେ ହେଁ, ମାତ୍ର ୨୧ ଘଣ୍ଟାର ରହଣି ମଧ୍ୟରେ ଇରାନ ସହ କୌଣସି ସ୍ଥାୟୀ ଚୁକ୍ତି କରିବାରେ ସେ ବିଫଳ ହୋଇଛନ୍ତି । ଫଳରେ ତାଙ୍କର ପାକିସ୍ତାନ ମିଶନ ଫେଲ୍ ମାରିଛି । ପାରମ୍ପରିକ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ସପ୍ତାହ ସପ୍ତାହ ଧରି ପ୍ରସ୍ତୁତି କରାଯାଉଥିବା ବେଳେ, ଭାନ୍ସଙ୍କ ଏହି ଗସ୍ତ ମାତ୍ର କିଛି ଦିନ ମଧ୍ୟରେ ଯୋଜନା କରାଯାଇଥିଲା । ଏହି ତରବରିଆ ପଦକ୍ଷେପ ଏବଂ ସ୍ପଷ୍ଟ ରୋଡମ୍ୟାପର ଅଭାବ ଯୋଗୁଁ ଆଲୋଚନାରେ ଅନେକ ବାଧା ସୃଷ୍ଟି ହୋଇଥିଲା । ଇସଲାମାବାଦ୍‌ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରାୟ ୧୬ ଘଣ୍ଟା ଧରି ଚାଲିଥିବା ରୁଦ୍ଧଦ୍ୱାର ବୈଠକରେ ଉଭୟ ପକ୍ଷ ମଧ୍ୟରେ ତୀବ୍ର ମତଭେଦ ଦେଖାଦେଇଥିଲା । ଇରାନ ପକ୍ଷରୁ ସେମାନଙ୍କ ଅଟକ ଥିବା ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ସର୍ତ୍ତ ରଖାଯାଇଥିବା ବେଳେ ଆମେରିକା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା । ଭାନ୍ସ ଜଣେ ଶାନ୍ତିବାଦୀ ନେତା ଭାବେ ପରିଚିତ ହୋଇଥିବା ବେଳେ, ଅନ୍ୟପଟେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ବସାଧାରଣରେ ଇରାନ ବିରୋଧରେ କଠୋର ମନ୍ତବ୍ୟ ଦେବା ଜାରି ରଖିଥିଲେ । ଏହି ବିରୋଧାଭାଷ କାରଣରୁ ଆଲୋଚନା ପ୍ରକ୍ରିୟା ଦୁର୍ବଳ ହୋଇଥିଲା । ଆଲୋଚନା ଶେଷରେ ଗଣମାଧ୍ୟମକୁ ସମ୍ବୋଧିତ କରି ଭାନ୍ସ କହିଥିଲେ ଯେ, ଆମେରିକା ଇରାନ ପାଖରୁ ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଦୃଢ ପ୍ରତିଶ୍ରୁତି ପାଇବାରେ ବିଫଳ ହୋଇଛି । ସେ ନିଜେ ଏହି ମିଶନର ବିଫଳତାକୁ ସ୍ୱୀକାର କରିବା ସହ ଦେଶକୁ ଫେରିଯାଇଥିଲେ । ଭାନ୍ସଙ୍କ ପାଇଁ ଏହି ଗସ୍ତ ଏକ ବଡ଼ କୂଟନୈତିକ ଆହ୍ୱାନ ଥିଲା । ମାତ୍ର କୌଣସି ସଫଳତା ନ ମିଳିବା ଫଳରେ ଏବେ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ବଢ଼ିବା ଆଶଙ୍କା ଦେଖା ଦେଇଛି । ଶାନ୍ତି ପ୍ରତିଷ୍ଠା ପାଇଁ କରାଯାଇଥିବା ଏହି ଶେଷ ପ୍ରୟାସ ବିଫଳ ହେବା ପରେ ପଶ୍ଚିମ ଏସିଆର ଭବିଷ୍ୟତ ଏବେ ଅନ୍ଧକାରମୟ ମନେ ହେଉଛି ।

## ଆମେରିକାର ଜିଦ୍‌ଖୋର ଆଭିମୁଖ୍ୟକୁ ଦାୟୀ କଲା ଇରାନ



ତେହରାନ, ୧୩।୪(ଏଜେନ୍ସି): ଇସଲାମାବାଦ୍‌ରେ ଅନୁଷ୍ଠିତ ଆମେରିକା ଓ ଇରାନ ମଧ୍ୟରେ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ ମୋଡ଼ରେ ହିଁ ବିଫଳ ହୋଇଛି । ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚିଙ୍କ ଅନୁଯାୟୀ, ଉଭୟ ଦେଶ ଏକ ଐତିହାସିକ ବୁଝାମଣାର ଅତି ନିକଟତର ଥିଲେ ହେଁ ଶେଷ ମୁହୂର୍ତ୍ତରେ ଆମେରିକାର କଠୋର ଆଭିମୁଖ୍ୟ ଯୋଗୁଁ ଏହା ସମ୍ଭବ ହୋଇପାରିଲା ନାହିଁ । ଆରାଘଚି କହିଛନ୍ତି ଯେ, ଇରାନ ସମ୍ପୂର୍ଣ୍ଣ ସଦିଚ୍ଛା ସହ ଆଲୋଚନା ଆରମ୍ଭ କରିଥିଲା । କିନ୍ତୁ 'ଇସଲାମାବାଦ ସମ୍ମତି ପତ୍ର' ସ୍ୱାକ୍ଷର ହେବା ପୂର୍ବରୁ ଆମେରକା ନିଜର ସର୍ତ୍ତଗୁଡ଼ିକ ବଦଳାଇବା ପୂର୍ବରୁ ଅବରୋଧର ନୀତି ଆପଣେଇଥିଲା, ଯାହା ଆଲୋଚନାକୁ ବିଫଳ କରିଦେଇଥିଲା । ଇରାନର ରାଷ୍ଟ୍ରପତି ମାସୁଦ ପେଜେସକିଆନ କହିଛନ୍ତି ଯେ ଯଦି ଆମେରିକା ନିଜର ଏକଛତ୍ରବାଦୀ ମନୋଭାବକୁ ତ୍ୟାଗ କରି ଇରାନର ଅଧିକାରକୁ ସମ୍ମାନ ଦିଏ, ତେବେ ଭବିଷ୍ୟତରେ ବୁଝାମଣା ପାଇଁ ପଥ ପରିଷ୍କାର ହୋଇପାରିବ । ସେ ଇରାନର ବୁଝାମଣାକାରୀ ଦଳର ପ୍ରଶଂସା କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ବନ୍ଦରଗୁଡ଼ିକୁ ସାମୁଦ୍ରିକ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି । ଏହାର ପ୍ରତିଜବାବ୍‌ରେ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକେର କାଲିବାଫ କହିଛନ୍ତି ଯେ, ଏଭଳି ଧମକର ପ୍ରଭାବ ଇରାନ ଉପରେ ପଡ଼ିବ ନାହିଁ । ଯଦି ଆମେରିକା ଯୁଦ୍ଧ ଚାହେଁ, ତେବେ ଇରାନ ପ୍ରସ୍ତୁତ ଅଛି । ଆଉ ଯଦି ଚୁକ୍ତି ସହ ଆଲୋଚନା କରେ ତେବେ ଇରାନ ମଧ୍ୟ ସେହି ଅନୁଯାୟୀ କାର୍ଯ୍ୟ କରିବ । ଇରାନ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ ସମ୍ମାନଜନକ ସର୍ତ୍ତ ବିନା ସେମାନେ କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ । ଏହି ବିବାଦ ଏବେ ମଧ୍ୟପ୍ରାଚ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ବଢ଼ାଇ ଦେଇଛି ।

## ସିମେଣ୍ଟ ମିକ୍ସର ସହ ଭ୍ୟାନ୍‌ର ମୁହାଁମୁହିଁ ଧକ୍କା; ୧୧ ମୃତ

ଥାଣେ, ୧୩।୪(ଏଜେନ୍ସି): ମହାରାଷ୍ଟ୍ରର ଥାଣେ ଜିଲ୍ଲା ମୁରବାଡ଼ ଅଞ୍ଚଳରେ ସୋମବାର ସକାଳେ ଏକ ଭୀଷଣ ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ଭ୍ୟାନ୍ ଏବଂ ସିମେଣ୍ଟ ମିକ୍ସର ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସୋମବାର ସକାଳ ୧୦.୪୫ରେ ଏହି ମର୍ମନ୍ତୁଦ ଦୁର୍ଘଟଣା ମୁରବାଡ଼ର ଗୋଭିଲ ଗ୍ରାମ ନିକଟସ୍ଥ ରାଇତା ପୋଲ ଉପରେ ଘଟିଥିଲା । କଲ୍ୟାଣରୁ ମୁରବାଡ଼ ଅଭିମୁଖେ ଯାଉଥିବା ଏକ ଇକୋ ଭ୍ୟାନ୍ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ସିମେଣ୍ଟ ମିକ୍ସର ଟ୍ରକ ସହ ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଭ୍ୟାନଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଛି । ଏଥିରେ ୮ଜଣ ପୁରୁଷ ଏବଂ ୩ ଜଣ ମହିଳାଙ୍କ ସମେତ ୧୧ ଜଣ ପ୍ରାଣ ହରାଇଛନ୍ତି । ଅଧିକାଂଶ ଯାତ୍ରୀ ଘଟଣାସ୍ଥଳରେ ହିଁ ଆଖି ବୁଜିଥିଲେ । ଦୁଇଜଣ ଗୁରୁତର ଆହତଙ୍କୁ ଉଲ୍ଲାସନଗର ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ମୃତଦେହଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ନୋଏଡ଼ାରେ ଶ୍ରମିକ ଆନ୍ଦୋଳନ ବେଳେ ହିଂସାକାଣ୍ଡ

ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ଉତ୍ତରପ୍ରଦେଶର ନୋଏଡାରେ ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିବା ଏକ ବିଶାଳ ବିକ୍ଷୋଭ ସୋମବାର ହିଂସାତ୍ମକ ରୂପ ଧାରଣ କରିଛି । ଦରମା ବୃଦ୍ଧି ଓ ବିଭିନ୍ନ ସୁବିଧା ସୁଯୋଗ ଦାବିରେ ରାସ୍ତାକୁ ଓହ୍ଲାଇଥିବା ଶ୍ରମିକମାନେ ପୁଲିସ ଗାଡ଼ି ସମେତ ଅନେକ ବାହନ ଭଙ୍ଗାରୁଜା କରିବା ସହ ପଥରମାଡ଼ କରିଛନ୍ତି । ଏହି ଘଟଣା ଯୋଗୁଁ ନୋଏଡ଼ାର ସେକ୍ଟର ଫେଜ-୨ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ବିକ୍ଷୋଭକାରୀମାନେ ପୁଲିସ ଭ୍ୟାନ ଏବଂ ଅନ୍ୟାନ୍ୟ ଗାଡ଼ିଗୁଡ଼ିକୁ କ୍ଷତିଗ୍ରସ୍ତ କରିଛନ୍ତି । ଆଜି ସକାଳୁ ଏହି ଆନ୍ଦୋଳନ ଯୋଗୁଁ ନୋଏଡ଼ାର ମୁଖ୍ୟ ରାସ୍ତାଗୁଡ଼ିକରେ ଟ୍ରାଫିକ ଜାମ୍ ଦେଖିବାକୁ ମିଳିଛି । ପଡୋଶୀ ହରିୟାଣା ସରକାର ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀରେ ୩୫ ପ୍ରତିଶତ ବୃଦ୍ଧି କରିଥିବାରୁ, ନୋଏଡା ଶ୍ରମିକମାନେ ମଧ୍ୟ ସମାନ ପାରିଶ୍ରମିକ ଦାବି କରୁଛନ୍ତି । ଶ୍ରମିକମାନଙ୍କ କହିବା ଅନୁଯାୟୀ, ଗୁରୁଗ୍ରାମ ସର୍ବନିମ୍ନ ମଜୁରୀ ୨୦, ୦୦୦ ଟଙ୍କା ଥିବା ବେଳେ ସେମାନଙ୍କୁ ମାତ୍ର ୧୦, ୦୦୦ ଟଙ୍କା ଦିଆଯାଉଛି । ଏଥିସହ ସେମାନଙ୍କ ଓଭରଟାଇମ ପାଉଣା ଏବଂ ମହିଳାମାନଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟସ୍ଥଳୀ ମଧ୍ୟ ସେମାନଙ୍କର ପ୍ରମୁଖ ଦାବି ରହିଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବା ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରମିକଙ୍କ ପାଇଁ ସମ୍ମାନଜନକ ପାରିଶ୍ରମିକ ଓ ସୁରକ୍ଷିତ ବାତାବରଣ ଜରୁରୀ ବୋଲି ସେ କହିଛନ୍ତି । ପ୍ରଶାସନ ପକ୍ଷରୁ ଶ୍ରମିକମାନଙ୍କୁ ଗୁଜବରୁ ଦୂରେଇ ରହିବାକୁ ଏବଂ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ ନିବେଦନ କରାଯାଇଛି ।

## କାଲିଫର୍ଣ୍ଣିଆ ଜଳପ୍ରପାତରେ ବୁଡ଼ି ଭାରତୀୟ ଇଞ୍ଜିନିୟରଙ୍କ ମୃତ୍ୟୁ

କାଲିଫର୍ଣ୍ଣିଆ, ୧୩।୪(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ ନିଜର ୨୬ତମ ଜନ୍ମଦିନ ପାଳନ କରୁଥିବା ସମୟରେ ଏକ ଜଳପ୍ରପାତରେ ବୁଡ଼ି ଆନ୍ଧ୍ରପ୍ରଦେଶର ଜଣେ ଯୁବ ସଫ୍ଟୱେୟାର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ସିଙ୍ଗିରେଡ୍ଡୀ ସାଇ ଶ୍ରୀହରିକୃଷ୍ଣ ଏବଂ ସେ ଆନ୍ଧ୍ରପ୍ରଦେଶର ପିରିଡି ଗାଁର ବାସିନ୍ଦା ଥିଲେ । ସୂଚନା ଅନୁଯାୟୀ, ଶ୍ରୀହରିକୃଷ୍ଣ ଗତ ଶନିବାର ନିଜ ବନ୍ଧୁମାନଙ୍କ ସହ କାଲିଫର୍ଣ୍ଣିଆର ଏକ ଜଳପ୍ରପାତକୁ ଜନ୍ମଦିନ ପାଳିବାକୁ ଯାଇଥିଲେ । ସେଠାରେ ସେ ପାଣିକୁ ଓହ୍ଲାଇଥିବା ବେଳେ ହଠାତ୍ ପାଣି ଭିତରେ ଥିବା ଭଉଁରୀ ହାବୁଡ଼ରେ ପଡ଼ି ଯାଇଥିଲେ । ତାଙ୍କ ବନ୍ଧୁମାନେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାଣିର ପ୍ରଖର ସ୍ରୋତ ଯୋଗୁଁ ସେମାନେ ବିଫଳ ହୋଇଥିଲେ । ପରେ ଜରୁରୀକାଳୀନ ସେବା କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ । ତାଙ୍କ ପାର୍ଥିବ ଶରୀରକୁ ଭାରତ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି । ଟିଡିପି ଦଳର ବିଧାୟକ ଶ୍ରୀ ରଙ୍ଗାରାଓ ଏନେଇ ଆନ୍ଧ୍ରପ୍ରଦେଶ ଏନଆରଆଇ ସଶକ୍ତିକରଣ ମନ୍ତ୍ରୀ କୋଣ୍ଡାପଲ୍ଲୀ ଶ୍ରୀନିବାସଙ୍କ ସହ ଆଲୋଚନା କରିଛନ୍ତି ।

ଧର୍ମଯୁଦ୍ଧ ବନାମ ଶାନ୍ତିର ବାର୍ତ୍ତା

## ଇରାନ ଯୁଦ୍ଧକୁ ନେଇ ଟ୍ରମ୍ପ ଓ ପୋପ୍ ମୁହାଁମୁହିଁ



ୱାସିଂଟନ, ୧୩।୪(ଏଜେନ୍ସି): ଇରାନ ସହ ଚାଲିଥିବା ସଂଘର୍ଷ ଓ ଯୁଦ୍ଧ ଏବେ ଆଧ୍ୟାତ୍ମିକ ବିବାଦ ରୂପ ନେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଈଶ୍ୱରଙ୍କ ଦ୍ୱାରା ଅନୁମୋଦିତ' ବୋଲି ଦର୍ଶାଇଥିବା ବେଳେ, କ୍ୟାଥୋଲିକ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଲିଓ (ଏକ୍ସଆଇଭି ଅର୍ଥାତ ୧୪) ଏହାକୁ ଦୃଢ଼ ବିରୋଧ କରିଛନ୍ତି । ଏହି ଘଟଣା ରାଷ୍ଟ୍ରପତିଙ୍କ କ୍ଷମତା ଓ ପୋପ୍‌ଙ୍କ ନୈତିକ ଅଧିକାର ମଧ୍ୟରେ ଏକ ବଡ଼ ଧରଣର ବିବାଦ ସୃଷ୍ଟି କରିଛି । ଟ୍ରମ୍ପ ନିଜର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ଏଆଇ ଜନିତ ଚିତ୍ର ସେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଜଣେ ବାଇବେଲ ଯୁଗର ପ୍ରଚାରକ ଭାବେ ଚିତ୍ରିତ କରାଯାଇଛି । ସେ ଦାବି କରିଛନ୍ତି ଯେ, ଇରାନ ବିରୋଧରେ ଚାଲିଥିବା ଯୁଦ୍ଧରେ ଭଗବାନ ଆମେରିକା ସହ ଅଛନ୍ତି ଏବଂ ସେ ନିଜକୁ ଈଶ୍ୱରଙ୍କ ଏକ ମାଧ୍ୟମ ଭାବେ ଉପସ୍ଥାପନ କରିଛନ୍ତି । ଅପରପକ୍ଷରେ ପୋପ୍ ଏହି ଯୁଦ୍ଧକୁ ନିନ୍ଦା କରି କହିଛନ୍ତି ଯେ, ଈଶ୍ୱର କୌଣସି ଯୁଦ୍ଧ ବା ସଂଘର୍ଷକୁ ଆଶୀର୍ବାଦ ଦିଅନ୍ତି ନାହିଁ । ସେ ଟ୍ରମ୍ପଙ୍କ ନାମ ନ ନେଇ ଚେତାବନୀ ଦେଇଛନ୍ତି ଯେ, ଯେଉଁମାନଙ୍କ ହାତ ରକ୍ତରେ ଭିଜିଛି, ଭଗବାନ ସେମାନଙ୍କ ପ୍ରାର୍ଥନା ଶୁଣନ୍ତି ନାହିଁ । ପୋପ୍‌ଙ୍କ ଏହି ଆଭିମୁଖ୍ୟ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି, ଯାହା ଫଳରେ ସେ ପୋପ୍‌ଙ୍କୁ ଜଣେ ଦୁର୍ବଳ ଓ ଉଦାରବାଦୀ ନେତା ବୋଲି କହିବା ସହ ସମାଲୋଚନା କରିଛନ୍ତି । ଆମେରିକାରେ ପ୍ରାୟ ୭୦ ନିୟୁତରୁ ଅଧିକ କ୍ୟାଥୋଲିକ ଭୋଟର ଅଛନ୍ତି । ଆଗାମୀ ନଭେମ୍ବରରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ପୋପ୍ ଏବଂ ରାଷ୍ଟ୍ରପତିଙ୍କ ମଧ୍ୟରେ ଚାଲିଥିବା ଏହି ବାକ୍‌ଯୁଦ୍ଧ କ୍ୟାଥୋଲିକ ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । ଟ୍ରମ୍ପ ଏହି ଯୁଦ୍ଧକୁ ଏକ ପ୍ରବିତ୍ର ଯୁଦ୍ଧ ବା 'ହୋଲି ୱାର'ର ରୂପ ଦେଇ ନିଜର ଭୋଟବ୍ୟାଙ୍କ ସୁରକ୍ଷିତ କରିବାକୁ ଚେଷ୍ଟା କରିଛନ୍ତି । ରିପୋର୍ଟ ଅନୁଯାୟୀ, ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନର ଅଧିକାରୀମାନେ ଭାଟିକାନ ପ୍ରତିନିଧିମାନଙ୍କୁ ଡକାଇ ଚର୍ଚ୍ଚକୁ ଆମେରିକା ପକ୍ଷକୁ ନେବାକୁ ଚାପ ପକାଇଥିଲେ । ଏପରିକି ଚର୍ଚ୍ଚ ଉପରେ ସୈନ୍ୟ ବଳ ପ୍ରୟୋଗ କରିବା ଭଳି ଐତିହାସିକ ଉଦାହରଣ ଦେଇ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ଫଳରେ ଇରାନ ଯୁଦ୍ଧ ଏବେ କେବଳ ସୀମା ମଧ୍ୟରେ ସୀମିତ ନରହି ଏକ ଆଧ୍ୟାତ୍ମିକ ଏବଂ ନୈତିକ ମଞ୍ଚରେ ପହଞ୍ଚିଛି । ପୋପ୍‌ଙ୍କ ଶାନ୍ତି ପାଇଁ ଆହ୍ୱାନ ଓ ଟ୍ରମ୍ପଙ୍କ ଈଶ୍ୱରଙ୍କ ଆଶୀର୍ବାଦ ଦାବି ମଧ୍ୟରେ ବିଶ୍ୱବାସୀ ଏକ ନୂଆ ବିବାଦ ଦେଖିବାର ସୁଯୋଗ ପାଇଛନ୍ତି । ଏହି ବିବାଦ ଅଗାମୀ ଦିନରେ ଆମେରିକାର ଆଭ୍ୟନ୍ତରୀଣ ରାଜନୀତି ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ଗଭୀର ଭାବେ ପ୍ରଭାବିତ କରିବ ।



## ଏଆଇ ଚିତ୍ର ପୋଷ୍ଟ କରି ନିଜକୁ ଯୀଶୁ ଖ୍ରୀଷ୍ଟ ଭାବେ ଚିତ୍ରଣ କଲେ ଟ୍ରମ୍ପ

ୱାସିଂଟନ, ୧୩।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ କ୍ୟାଥୋଲିକ ଧର୍ମଗୁରୁ ପୋପ ଲିଓ ମଧ୍ୟରେ ବିବାଦ ଚାଲିଥିବା ବେଳେ ଟ୍ରମ୍ପ ଆଉ ଏକ କାଣ୍ଡ ଘଟାଇଛନ୍ତି । ସେ ନିଜକୁ ଜଣେ ଦୈବୀ ପୁରୁଷ ବା ଯୀଶୁ ଖ୍ରୀଷ୍ଟଙ୍କ ଭଳି ଉପସ୍ଥାପନ କରୁଥିବା ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଚିତ୍ର ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି । ଏହି ଚିତ୍ରରେ ସେ ଏକ ସ୍ୱତନ୍ତ୍ର ପୋଷାକ ପିନ୍ଧି ସ୍ୱର୍ଗୀୟ ଆଲୋକ ମଧ୍ୟରେ ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ସୁସ୍ଥ କରୁଥିବାର ଦେଖାଯାଇଛି । ତାଙ୍କ ପାଖରେ ଦେବଦୂତ ଓ ସୈନିକମାନେ ଛିଡ଼ା ହୋଇଥିବା ଭଳି ପ୍ରତୀୟମାନ ହେଉଛି । ଏହି ଚିତ୍ର ମାଧ୍ୟମରେ ସେ ନିଜ ଈଶ୍ୱର ପ୍ରତିନିଧି ଭାବେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି । ପୋପ୍ ଲିଓ ଆମେରିକାର ନୀତିକୁ ସମାଲୋଚନା କରି କହିଥିଲେ ଯେ, ସର୍ବଶକ୍ତିମାନ ହେବାର ଭ୍ରମ ଯୋଗୁଁ ଯୁଦ୍ଧ ବଢ଼ୁଛି । ଏହାର ଜବାବରେ ଟ୍ରମ୍ପ କହିଛନ୍ତି ଯେ, ସେ ପୋପ୍‌ଙ୍କର ଜଣେ ପ୍ରଶଂସକ ନୁହଁନ୍ତି । ସେ ଅଭିଯୋଗ କରିଛନ୍ତି ଯେ ପୋପ୍ ଇରାନକୁ ପରମାଣୁ ଅସ୍ତ୍ର ରଖିବା ପାଇଁ ସୁଯୋଗ ଦେବାକୁ ଚାହୁଁଛନ୍ତି । ଜଣେ ଆମେରିକୀୟ ରାଷ୍ଟ୍ରପତି ଓ ଭାଟିକାନର ପୋପଙ୍କ ମଧ୍ୟରେ ଏଭଳି ପ୍ରତ୍ୟେକ୍ଷ ବାକ୍ ଯୁଦ୍ଧ ପୂର୍ବରୁ କେବେ ଦେଖିବାକୁ ମିଳି ନଥିଲା । ଏହି ଘଟଣା ଅଗାମୀ ଦିନରେ ଆମେରିକା ରାଜନୀତି ଏବଂ ସାରା ବିଶ୍ୱରେ ଥିବା କ୍ୟାଥୋଲିକ୍ ସମ୍ପ୍ରଦାୟ ଉପରେ କି ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା ।

## ହର୍ମୁଜ ଅବରୋଧରେ ସାମିଲ ହେବାକୁ ମନାକଲା ବ୍ରିଟେନ

ଲଣ୍ଡନ, ୧୩।୪(ଏଜେନ୍ସି): ଆମେରିକା ଦ୍ୱାରା ଇରାନ ବିରୋଧରେ ଘୋଷଣା କରାଯାଇଥିବା ହର୍ମୁଜ ଅବରୋଧରେ ବ୍ରିଟେନ ସାମିଲ ହେବ ନାହିଁ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର ସ୍ପଷ୍ଟ କରିଛନ୍ତି । ଇରାନ ସହିତ ବ୍ରିଟେନ କୌଣସି ଯୁଦ୍ଧ ମଧ୍ୟକୁ ଟାଣି ହୋଇ ଯିବାକୁ ଚାହୁଁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ବ୍ରିଟେନ ଆମେରିକାର ଅବରୋଧ ନିଷ୍ପତ୍ତିଠାରୁ ନିଜକୁ ଦୂରେଇ ରଖିଥିଲେ ମଧ୍ୟ ଏହି ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ବଜାୟ ରଖିବା ପାଇଁ ନିଜର ବର୍ତ୍ତମାନର କାର୍ଯ୍ୟକଳାପ ଜାରି ରଖିବ । ଏଥିରେ ବିଶେଷ କରି ମାଇନ୍-ସ୍ୱିପିଂ ଏବଂ ଆଣ୍ଟି-ଡ୍ରୋନ୍ ଅଭିଯାନ ରହିଛି । ଏହାସହିତ ଇରାନ ପକ୍ଷରୁ ଜାହାଜ ଚଳାଚଳ ଉପରେ ଟିକସ ବା ଶୁଳ୍କ ଆଦାୟ କରାଯାଉଥିବା ରିପୋର୍ଟକୁ ମଧ୍ୟ ବ୍ରିଟେନ ଦୃଢ଼ ବିରୋଧ କରିଛି । ହର୍ମୁଜ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ । ଏହି ପଥ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଏବଂ ଏଲଏନଜି ପରିବହନ କରାଯାଇଥାଏ ।

# ପଶ୍ଚିମବଙ୍ଗରେ ଭୋଟରଙ୍କ ଚିନ୍ତା ବଢ଼ିଲା

## ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍) ବେଳେ ଯେଉଁ ଭୋଟରମାନଙ୍କ ନାମକୁ କାଟି ଦିଆଯାଇଛି, ସେମାନେ ଏବେ ଭୋଟ୍ ଦେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । କାରଣ ଏବେ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ସୁପ୍ରିମ କୋର୍ଟ ମନା କରିଦେଇଛନ୍ତି । ଆସନ୍ତା ୨୩ ଏବଂ ୨୯ ତାରିଖରେ ମତଦାନ ହେବାକୁ ଯାଉଥିବା ବେଳେ ଏହି ଭୋଟରମାନଙ୍କ ଆବେଦନ ଏବେ ବି ଟ୍ରିବ୍ୟୁନାଲରେ ପଡ଼ିରହିଛି ଏବଂ ମତଦାନ ତାରିଖ ପୂର୍ବରୁ ରାୟ୍ ଆସିବାର ସମ୍ଭାବନା କମ୍ । ମାମଲା ବିଚାରାଧୀନ ଥିବା ବେଳେ ସେମାନଙ୍କୁ ମତଦାନ ପାଇଁ ଅନୁମତି ଦିଆଯାଉ ବୋଲି କେତେକ ଭୋଟର ସୁପ୍ରିମ କୋର୍ଟରେ ପିଟିସନ ଦାଖଲ କରିଥିଲେ । କିନ୍ତୁ ସେମାନଙ୍କର ଏହି ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି । ଏମିତି ଅନୁମତି ଦେଲେ ପରିସ୍ଥିତି ଜଟିଳ ହୋଇପଡ଼ିବ । ତେଣୁ ଆବେଦନକାରୀ ଟ୍ରିବୁନାଲ ଯାଆନ୍ତୁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି । ସୂଚନାଯୋଗ୍ୟ ଯେ ରାଜ୍ୟରେ ଏସଆଇଆର ପ୍ରକ୍ରିୟାରେ ୯୦ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ସେମାନଙ୍କ ମଧ୍ୟରୁ ୩୪ ଲକ୍ଷ ଭୋଟର ଏହା ବିରୋଧରେ ପିଟିସନ ଦାଖଲ କରିଛନ୍ତି ଏବଂ ୧୯ଟି ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଏହାର ବିଚାର କରୁଛନ୍ତି ।



ଆଜି ଶୁଣାଣି ଆରମ୍ଭରେ ଖଣ୍ଡପୀଠ କହିଥିଲେ ଯେ କେବଳ ନିର୍ବାଚନ ପରିଚାଳନା ଚାପରେ ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ ଏବଂ ଭୋଟର ତାଲିକାରେ ରହିବା ଜଣେ ନାଗରିକଙ୍କର ନିରନ୍ତର ଅଧିକାର । ଜଣେ ବ୍ୟକ୍ତି ଯେଉଁ ଦେଶରେ ଜନ୍ମଗ୍ରହଣ କରିଛି, ସେଠାକାର ଭୋଟର ତାଲିକାରେ ରହିବା କେବଳ ଏକ ସାମ୍ବିଧାନିକ ଅଧିକାର ନୁହେଁ, ବରଂ ଭାବଗତ ପ୍ରସଙ୍ଗ ମଧ୍ୟ । ନିର୍ବାଚନୀ ଉତ୍ସାହ ମଧ୍ୟରେ ଏହି ମୌଳିକ ଅଧିକାର ପ୍ରତି ଆଖି ବନ୍ଦ କରାଯାଇପାରିବ ନାହିଁ । ତେବେ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଏସ୍ଆଇଆର୍ ପ୍ରକ୍ରିୟାରେ ହୋଇଥିବା କିଛି ତ୍ରୁଟି ଉପରେ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ବିଶେଷ କରି ଅନ୍ୟ ରାଜ୍ୟ ତୁଳନାରେ ପଶ୍ଚିମବଙ୍ଗ ପାଇଁ ଲଜିକାଲ ଡିସ୍କ୍ରିପାନସି ଭଳି ଏକ ନୂତନ ଶ୍ରେଣୀ ସୃଷ୍ଟିକରିବାକୁ ନେଇ କୋର୍ଟ ପ୍ରଶ୍ନ କରିଛନ୍ତି । ଜଷ୍ଟିସ ବାଗଚି କହିଛନ୍ତି ଯେ, ଯେତେବେଳେ ହଜାର ହଜାର ଦସ୍ତାବିଜ୍ ଯାଞ୍ଚ୍ କରାଯାଏ, ସେତେବେଳେ ତ୍ରୁଟି ରହିବା ସ୍ୱାଭାବିକ । ତେଣୁ ବାଦ୍ ପଡ଼ିଥିବା ଭୋଟରଙ୍କ ଅଭିଯୋଗ ଶୁଣିବା ପାଇଁ ଏକ ଶକ୍ତିଶାଳୀ ଅପିଲ ବ୍ୟବସ୍ଥା ରହିବା ଜରୁରୀ ।

ନିର୍ବାଚନ କମିସନ ଏପ୍ରିଲ ୯ ତାରିଖ ସୁଦ୍ଧା ଭୋଟର ତାଲିକାକୁ ଚୂଡାନ୍ତ ଭାବେ ସ୍ଥିର କରିସାରିଛନ୍ତି । ମାତ୍ର ଅନେକ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିବାରୁ ସେମାନେ ଟ୍ରିବ୍ୟୁନାଲରେ ଅପିଲ କରିଛନ୍ତି । ଯଦି ସେମାନଙ୍କ ଅପିଲ ସଫଳ ହୁଏ, ତେବେ ସେମାନଙ୍କୁ ଭୋଟ ଦେବାକୁ ଅନୁମତି ମିଳୁ ବୋଲି ଆବେଦନରେ ଦର୍ଶାଯାଇଛି ।



## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଦାୟ ନେଲେ ଆଶା

ମୁମ୍ବାଇ, ୧୩।୪(ଏଜେନ୍ସି): ଭାରତୀୟ ସଙ୍ଗୀତ ଜଗତର ଅନ୍ୟତମ ଶ୍ରେଷ୍ଠ ସ୍ୱର ଆଶା ଭୋସଲେଙ୍କର ଆଜି ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତ୍ରିରଙ୍ଗାରେ ଆବୃତ କରି ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ରଖାଯାଇଥିଲା । ହଜାର ହଜାର ପ୍ରଶଂସକ ଏବଂ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ପୁଷ୍ପଚକ୍ର ଅର୍ପଣ କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର, ଏକନାଥ ସିନ୍ଦେ, ମୁମ୍ବାଇ ମେୟର ରିତୁ ତାୱାଡେ ଏବଂ ଏମଏନଏସ ମୁଖ୍ୟ ରାଜ ଠାକରେଙ୍କ ସମେତ ବହୁ ରାଜନେତା ଉପସ୍ଥିତ ଥିଲେ । ସଙ୍ଗୀତ ଏବଂ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ଯଥା ଆମୀର ଖାନ, ଭିକି କୌଶଲ, ହରିହରନ, ଶାନ ଏବଂ ପଦ୍ମିନୀ କୋହ୍ଲାପୁରେ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ଅଭିନେତା ରଣବୀର ସିଂ ଏବଂ କ୍ରିକେଟର ମହମ୍ମଦ ସିରାଜ ମଧ୍ୟ ଆଶାଙ୍କ ନାତୁଣୀ ଜାନାଇ ଭୋସଲେଙ୍କୁ ସାନ୍ତ୍ୱନା ଦେଉଥିବା ଦେଖିବାକୁ ମିଳିଥିଲା । ରାଷ୍ଟ୍ରୀୟ ସମ୍ମାନ ପୂର୍ବକ ତାଙ୍କ ଶରୀରରେ ଗୁଡ଼ାଯାଇଥିବା ତ୍ରିରଙ୍ଗାକୁ ତାଙ୍କ ପୁତ୍ର ଆନନ୍ଦ ଭୋସଲେଙ୍କୁ ହସ୍ତାନ୍ତର କରାଯାଇଥିଲା । ପରେ ଆଶାଙ୍କ ଅମର ଆତ୍ମାର ସମ୍ମାନାର୍ଥେ ବନ୍ଧୁକ ସଲାମୀ ପ୍ରଦାନ କରାଯାଇଥିଲା । ପରିବାର ସଦସ୍ୟ ଏବଂ ହଜାର ହଜାର ପ୍ରଶଂସକଙ୍କ ଗହଣରେ ଆନନ୍ଦ ମୁଖାଗ୍ନି ଦେଇଥିଲେ । ପଣ୍ଡିତ ଦୀନନାଥ ମଙ୍ଗେଶକରଙ୍କ କନ୍ୟା ଏବଂ ଲତା ମଙ୍ଗେସକରଙ୍କ ଭଉଣୀ ଆଶା ବଲିଉଡ ସଙ୍ଗୀତର ଏକ ପ୍ରମୁଖ ସ୍ତମ୍ଭ ଭାବରେ ସ୍ୱର୍ଣ୍ଣିମ ଯୁଗକୁ ସମୃଦ୍ଧ କରିଥିଲେ । ତାଙ୍କର ଦେହାବସାନ ସମଗ୍ର ରାଷ୍ଟ୍ର ପାଇଁ ଏକ ଅପୂରଣୀୟ କ୍ଷତି ।

## ଅଷ୍ଟ୍ରେଲିଆରେ ୧୨୫ ବର୍ଷରେ ପ୍ରଥମ: ସେନା ମୁଖ୍ୟ ହେଲେ ମହିଳା ଅଧିକାରୀ

ମେଲବୋର୍ଣ୍ଣ, ୧୩।୪(ଏଜେନ୍ସି): ଅଷ୍ଟ୍ରେଲିଆ ସେନା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି । ସେନା ଗଠନରେ ୧୨୫ ବର୍ଷ ପରେ ପ୍ରଥମଥର ପାଇଁ ଜଣେ ମହିଳା ଅଧିକାରୀଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି । ଲେଫ୍ଟନାଣ୍ଟ ଜେନେରାଲ ସୁଜାନ କୋଏଲ ଆସନ୍ତା ଜୁଲାଇ ମାସରୁ ଏହି ଗରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ଗ୍ରହଣ କରିବେ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିସ୍ ଏହି ନିଯୁକ୍ତିକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ, ଦେଶର ପ୍ରତିରକ୍ଷା ବାହିନୀରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ । ସୁଜାନ କୋଏଲ ବର୍ତ୍ତମାନର ସେନା ମୁଖ୍ୟ ସାଇମନ ଷ୍ଟୁଆର୍ଟଙ୍କ ସ୍ଥାନ ନେବେ । ୫୫ ବର୍ଷୀୟା ସୁଜାନ ୧୯୮୭ରେ ଅଷ୍ଟ୍ରେଲିଆ ସେନାରେ ଯୋଗ ଦେଇଥିଲେ । ନିଜର ଦୀର୍ଘ ସାମରିକ କ୍ୟାରିୟରରେ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ କମାଣ୍ଡ ଓ ନେତୃତ୍ୱ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ଅଷ୍ଟ୍ରେଲିଆ ପ୍ରତିରକ୍ଷା ବାହିନୀରେ ମହିଳାଙ୍କ ଅଂଶଗ୍ରହଣ ପ୍ରାୟ ୨୧ ପ୍ରତିଶତ ରହିଛି । ସରକାର ୨୦୩୦ ମସିହା ସୁଦ୍ଧା ଏହି ସଂଖ୍ୟାକୁ ୨୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ଚୀନର ପ୍ରଯୁକ୍ତିବିଦ୍ୟା ସହାୟତାରେ ଭାରତୀୟ ସେନା ଉପରେ ପାକିସ୍ତାନର ନଜର

ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍ଆଇ ଭାରତୀୟ ସେନାର ଗତିବିଧି ଉପରେ ନଜର ରଖିବା ପାଇଁ ଚୀନର କ୍ଲାଉଡ୍ ଟେକ୍ନୋଲୋଜି ସହାୟତାରେ ଏକ ବଡ଼ ଧରଣର ସିସିଟିଭି ଗୁପ୍ତଚର ଗ୍ରୀଡ୍ ପ୍ରସ୍ତୁତ କରିଥିବା ଜଣାପଡ଼ିଛି । ଚୀନର ଏସେ କ୍ଲାଉଡ୍ ସିଷ୍ଟମ ଦ୍ୱାରା ପରିଚାଳିତ ଏହି ସିସିଟିଭି କ୍ୟାମେରାଗୁଡ଼ିକ ମାଧ୍ୟମରେ ଆଇଏସ୍ଆଇ ଭାରତୀୟ ସାମରିକ ଶିବିର ନିକଟରୁ ସିଧାପ୍ରସାରଣ ଦେଖୁଥିଲା ବୋଲି ଜଣାପଡ଼ିଛି । ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏହି ଆନ୍ତଃରାଜ୍ୟ ଗୁପ୍ତଚର ଏବଂ ଆତଙ୍କବାଦୀ ଶୃଙ୍ଖଳର ପର୍ଦ୍ଦାଫାଶ କରିବା ସହ ଅନେକ ସୌର ଚାଳିତ ସିସି କ୍ୟାମେରା ଜବତ କରିଛି । ସୂଚନା ଅନୁଯାୟୀ, ଅପରେସନ୍ ସିନ୍ଦୂରରେ ପାକିସ୍ତାନର ପାରମ୍ପରିକ ଟ୍ରାକିଂ ବ୍ୟବସ୍ଥାକୁ ଭାରତ ନଷ୍ଟ କରିଥିଲା । ଏହାପରେ ଆଇଏସ୍ଆଇ ନିଜର ଗୁପ୍ତଚର ବ୍ୟବସ୍ଥାକୁ ପୁନଃଜୀବିତ କରିବା ପାଇଁ ଶସ୍ତା ଚୀନ୍ ପ୍ରଯୁକ୍ତିବିଦ୍ୟାର ସହାୟତା ନେଇଛି । ଏହି କାର୍ଯ୍ୟ ଏକ ଗ୍ୟାଙ୍ଗ ବା ସାଂଗଠାନିକ ଭାବେ ପରିଚାଳିତ ହେଉଥିଲା । ଏଥିରେ ପାକିସ୍ତାନ ଭିତ୍ତିକ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ ଜଡ଼ିତ ରହିଛି । ଏହି ଗ୍ୟାଙ୍ଗ୍ ରେଳଷ୍ଟେସନ ଏବଂ ସେନା ଚଳପ୍ରଚଳ କରୁଥିବା ମାର୍ଗ ସମେତ ପ୍ରାୟ ୫୦ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କ୍ୟାମେରା ଲଗାଇବାକୁ ଲକ୍ଷ୍ୟ ରଖିଥିଲା । ତଦନ୍ତରୁ ଜଣାପଡ଼ିଛି ଯେ ଅତି କମରେ ଦୁଇଟି-ଗୋଟିଏ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ରେଳ ଷ୍ଟେସନରେ ଏବଂ ଅନ୍ୟଟି ସୋନିପତ ରେଳ ଷ୍ଟେସନରେ ଲଗାଯାଇଥିଲା । ସୋନିପତ ଷ୍ଟେସନରେ ଲଗାଯାଇଥିବା କ୍ୟାମେରାଟି ମାର୍ଚ୍ଚ ୧୮ ତାରିଖରେ ହଟାଯାଇଥିଲା । ତେବେ ଏହା ପୂର୍ବରୁ ପ୍ରାୟ ୧୫ ଦିନ ଧରି ଏହି କ୍ୟାମେରା ଦେଶ ବାହରକୁ ଲାଇଭ୍ ଫୁଟେଜ୍ ପଠାଉଥିଲା । ଜାନୁଆରୀରେ ପଞ୍ଜାବ ୟୁନିଟ୍ ବିଏସଏଫ୍‌ର ଜି ବ୍ରାଞ୍ଚକୁ ଗୁପ୍ତ ସୂତ୍ରରୁ ଏହି ସିସିଟିଭି ଅପରେସନ୍ ବିଷୟରେ ସୂଚନା ମିଳିଥିଲା । ଏହାପରେ ଏନେଇ କର୍ତ୍ତୃପକ୍ଷଙ୍କୁ ସତର୍କ କରାଯାଇଥିଲା ।




ମହିଳା ଟି-୨୦ ବିଶ୍ୱକପ୍
**ଚାମ୍ପିଅନ ଦଳକୁ ମିଳିବ ୨୧.୮ କୋଟି**
▶କ୍ରୀଡ଼ା ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-286 •TUESDAY •14 APRIL 2026 •PAGE-12 •₹ 7.00

•ବର୍ଷ-୪୩ •ସଂଖ୍ୟା-୨୮୬ •ମଙ୍ଗଳବାର •୧୪ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


**ଉଠିଲା ପାରଦ**
**୪୦ ଡିଗ୍ରୀ ଉପରେ ରାଜ୍ୟର ୭ ସହର**

# ଜଳିବ ଅଭ୍ୟନ୍ତର, ସିଝିବ ଉପକୂଳ

■ ଭୁବନେଶ୍ୱର, ୧୩।୪ (ସମିସ): ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ସହ ବାୟୁମଣ୍ଡଳରେ ରହୁଥିବା ଆର୍ଦ୍ରତା ହେତୁ ଭୀଷଣ ଗରମ ସହ ଗୁଳୁଗୁଳି ଅନୁଭୂତ ହେଉଛି। ଆଗକୁ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା କମ୍ ଥିବାରୁ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ସୋମବାର ୪୧ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ରାଜ୍ୟର ମୋଟ୍ ୭ଟି ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାରଠାରୁ ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏକାଧିକ ସ୍ଥାନରେ ଗରମ, ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ହିଟ୍-ୱେଭ୍ ସହ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ନେଇ ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଚଳିତ ସପ୍ତାହରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଫଳରେ ଏପ୍ରିଲ ମଧ୍ୟ ଭାଗର ତାପମାତ୍ରା ସ୍ୱାଭାବିକ ତୁଳନାରେ ୨-୩ ଡିଗ୍ରୀ ଅଧିକ ରହିବ। ଏହି ସମୟରେ ବର୍ଷାର ସମ୍ଭାବନା ଆଦୌ ନଥିବା ବେଳେ ଆଗାମୀ ୭ଦିନ ପର୍ଯ୍ୟନ୍ତ କାଳବୈଶାଖୀ ଆଶଙ୍କା ମଧ୍ୟ ୧୦ପ୍ରତିଶତରୁ କମ୍ ରହିଛି। ରାଜ୍ୟକୁ ଏବେ କ୍ରମାଗତ ଭାବେ ପ୍ରବାହିତ ଉତ୍ତର-ପଶ୍ଚିମା ବାୟୁ ଯୋଗୁଁ ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ଆଭ୍ୟନ୍ତରୀଣ ଓଡ଼ିଶାରେ କେନ୍ଦ୍ରୀୟ ଭାରତରୁ ଆସୁଥିବା ଶୁଷ୍କ ଓ ଗରମ ଉତ୍ତର-ପଶ୍ଚିମା ବାୟୁର ପ୍ରଭାବ ଅଧିକ ରହିବାର ଆଶଙ୍କା ରହିଛି। ଅନ୍ୟପଟେ, ଉପକୂଳବର୍ତ୍ତୀ ଅଞ୍ଚଳରେ ଦକ୍ଷିଣ-ଦକ୍ଷିଣପଶ୍ଚିମବାୟୁପ୍ରଭାବରେଅଧିକଜଳୀୟବାଷ୍ପ ଆସୁଥିବାରୁ ପ୍ରବଳ ଗୁଳୁଗୁଳି ଓ ଅସହ୍ୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି। କାଳବୈଶାଖୀ ସମ୍ଭାବନା ପ୍ରାୟ ନଥିବାରୁ ସାରା ରାଜ୍ୟରେ ଆକାଶ ନିର୍ମଳ ରହିବ ଏବଂ ପ୍ରଖର ସୂର୍ଯ୍ୟକିରଣ ଅନୁଭୂତ ହେବ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ପ୍ରାୟ ୪୧ ଡିଗ୍ରୀରୁ ଅଧିକ ରହିବା ସହ କେତେକ ସ୍ଥାନରେ ଏହା ୪୪ଡିଗ୍ରୀ ମଧ୍ୟ ଛୁଇଁପାରେ। ଦିନ ଓ ରାତି ତାପମାତ୍ରାରେ ମଧ୍ୟ ବଡ଼ ବ୍ୟବଧାନ ରହିବ।

ସେହିପରି ଉପକୂଳ ଓଡ଼ିଶାରେ ତାପମାତ୍ରା ୩୬ରୁ ୩୮ଡିଗ୍ରୀ ମଧ୍ୟରେ ରହିବା ସହ ଆର୍ଦ୍ରତା ୭୦-୭୫ପ୍ରତିଶତ ରହୁଥିବାରୁ, ଅନୁଭୂତ ହେଉଥିବା ତାପମାତ୍ରା (ଫିଲ୍ ଲାଇକ ଟେମ୍ପରେଚର୍) ପ୍ରାୟ ୪୫-୪୭ ଡିଗ୍ରୀ ଅନୁଭୂତ ହେବ। ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ସପ୍ତାହ ମଧ୍ୟଭାଗ ସୁଦ୍ଧା ତାପମାତ୍ରା ୩୯-୪୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସହ ଗୁଳୁଗୁଳି ଯୋଗୁଁ କଷ୍ଟକର ପରିସ୍ଥିତି ସୃଷ୍ଟି ହେବ। ଚଳିତ ସପ୍ତାହର ୫ଟି ପ୍ରମୁଖ ଉତ୍ତପ୍ତ ସ୍ଥାନ ମଧ୍ୟରେ ଝାରସୁଗୁଡ଼ାରେ ୪୩.୫-୪୪.୫, ସମ୍ବଲପୁରରେ ୪୩-୪୪ ଅନୁଗୋଳ ୪୨.୫-୪୩.୫, ବଲାଙ୍ଗିର ୪୨-୪୩, ଟିଟିଲାଗଡ଼ରେ ୪୨-୪୨.୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ରେକର୍ଡ ହେବାର ଆଶଙ୍କା ରହିଛି ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ସୂଚନାଥାଉ କି, ସୋମବାର ଟିଟିଲାଗଡ଼ରେ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୪୦.୮ଡିଗ୍ରୀ, ସମ୍ବଲପୁରରେ ୪୦.୪ଡିଗ୍ରୀ, ଭାବନୀପାଟଣାରେ ୪୦.୪ ଡିଗ୍ରୀ, ବଲାଙ୍ଗିରରେ ୪୦.୨ଡିଗ୍ରୀ, ସୋନପୁରରେ ୪୦.୧ଡିଗ୍ରୀ ଓ ଅନୁଗୋଳରେ ୪୦.୧ଡିଗ୍ରୀ ରେକର୍ଡ ହୋଇଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ଆକଳନ କରାଯାଇଛି।



| | |
|---|---|
| ଟିଟିଲାଗଡ଼ | ୪୧ |
| ଝାରସୁଗୁଡ଼ା | ୪୦.୮ |
| ସମ୍ବଲପୁର | ୪୦.୪ |
| ଭାବନୀପାଟଣା | ୪୦.୪ |
| ବଲାଙ୍ଗିର | ୪୦.୨ |
| ସୋନପୁର | ୪୦.୧ |
| ଅନୁଗୋଳ | ୪୦.୧ |

**ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲା**

# ଟେକ୍ନୋ ସ୍କୁଲ୍‌ରେ ସିବିଆଇ ଚଢ଼ଉ

■ ଭୁବନେଶ୍ୱର,୧୩।୪(ସମିସ): ଏସ୍ଆଇ ଚାକିରି ବିକ୍ରି ମାମଲାରେ ମାମଲାରେ ଖଣ୍ଡଗିରିସ୍ଥିତ ଟେକ୍ନୋ ସ୍କୁଲ କ୍ୟାମ୍ପସରେ ସିବିଆଇ ଚଢ଼ଉ କରିଛି। ଏହି ମାମଲାରେ ଫେରାର୍ ଅଭିଯୁକ୍ତ ଗୋବିନ୍ଦ ତ୍ରିପାଠୀ ଲିଙ୍କ୍‌ରେ ଚଢ଼ଉ କରାଯାଇଛି। ଏଠାରେ ପରୀକ୍ଷା ସେଣ୍ଟର ଫିକ୍ସିଂ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଚାକିରି ବିକ୍ରିର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବଂ ସିଲିକନ୍ ସିଇଓ ସୁରେଶ ନାୟକ ଲିଙ୍କ୍‌ରେ ଥିବା କିଛି ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ଉତ୍ତୀର୍ଣ୍ଣ ହେବା ପାଇଁ ଏଠାରେ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇଥିଲା। ଏ ସମ୍ପର୍କରେ ସିବିଆଇ ଜାଣିବା ପରେ ଘରୋଇ କ୍ୟାମ୍ପସ ଉପରେ ଚଢ଼ଉ କରିଥିଲା। ସିବିଆଇ ଟିମ୍ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ୧୫ଲକ୍ଷ ଟଙ୍କା ନେଇ ପରୀକ୍ଷାର୍ଥୀମାନଙ୍କର ରୋଲ୍ ନମ୍ବରକୁ ପୁନଃ ସମୟ ନିର୍ଦ୍ଧାରଣ ଅର୍ଥାତ ରିସିଡ୍ୟୁଲ କରାଯାଇ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ଏହି ପରୀକ୍ଷା କେନ୍ଦ୍ରକୁ ଆଣାଯାଉଥିଲା। ପୂର୍ବରୁ ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଥିଲା ବେଳେ ସେଥିରୁ ସମଗ୍ର ଘଟଣାର ଗୁପ୍ତ ତଥ୍ୟ ବାହାରକୁ ଆସିଥିଲା। ସୂଚନା ଅନୁଯାୟୀ, ଟେକ୍ନୋ ସ୍କୁଲ ପରୀକ୍ଷା କେନ୍ଦ୍ରରେ କିଛି ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ସିବିଆଇ ଟିମ୍ ସ୍କୁଲର ସମସ୍ତ ରେଜିଷ୍ଟର ଓ ଜରୁରୀ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ଏସ୍ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଚାର୍ଜସିଟ୍ ଦାଖଲ କରି ସାରିଛି। ଏଥିରେ ପଞ୍ଚସପ୍ତ ମାଲିକ ଶଙ୍କର ପୃଷ୍ଟି, ସିଲିକନ୍ ସିଇଓ ସୁରେଶ ନାୟକ ଏବଂ ମଧ୍ୟସ୍ଥ ମୁନ୍ନା ମହାନ୍ତିଙ୍କୁ ମାଷ୍ଟରମାଇଣ୍ଡ ବୋଲି ଦର୍ଶାଯାଇଥିଲା। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଓ ସିବିଆଇ ପକ୍ଷରୁ ପ୍ରାୟ ୨୦ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଶଙ୍କର ସହ ଅପରେଟ୍ କରୁଥିବା ରାଜ୍ୟର କିଛି ମଧ୍ୟସ୍ଥ ରହିଥିଲା ବେଳେ ରାଜ୍ୟ ବାହାରୁ ମଧ୍ୟ କିଛି ବ୍ୟକ୍ତିଙ୍କୁ ଏସ୍ଆଇ ଚାକିରି ବିକ୍ରି ମାମଲାରେ ଗିରଫ କରାଯାଇଥିଲା। ଗିରଫ ପରୀକ୍ଷାର୍ଥୀ ଓ ଅନ୍ୟ କିଛି ମଧ୍ୟସ୍ଥ ଜାମିନ ପାଇଛନ୍ତି।

ଅନ୍ୟପକ୍ଷରେ ଏହି ଚଢ଼ଉକୁ ନେଇ ଟେକ୍ନୋ ସ୍କୁଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଟେକ୍ନୋ ସ୍କୁଲର କ୍ୟାମ୍ପସକୁ ଭଡ଼ାରେ ନିଆଯାଇଥିଲା। ଭଡ଼ାରେ ନେଇଥିବା ବ୍ୟକ୍ତି ଜଣଙ୍କ ଭିନ୍ନ। ସେ ଜଣେ ଅଲଗା ମାଲିକ।

# ନବୀନଙ୍କୁ ମାନସ ଓ ସୁଲତାଙ୍କ କୃତଜ୍ଞତା



- ରାଜ୍ୟସଭାରେ ବିଜେଡିରେ ସ୍ୱର ଶାଣିତ ଥିଲା ଓ ରହିବ: ମାନସ
- ଦଳ ସଭାପତି ଦେଇଥିବା ଦାୟିତ୍ୱକୁ ନିଷ୍ଠାର ସହ ତୁଲାଇବି: ସୁଲତା
- ନୂଆ ଦାୟିତ୍ୱ ପାଇଁ ଶଙ୍ଖ ଭବନରେ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

■ ଭୁବନେଶ୍ୱର,୧୩।୪(ସମିସ): ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳର ନେତା ଓ ସୁଲତା ଦେଓଙ୍କୁ ସଂସଦୀୟ ଦଳର ଉପନେତା ତଥା ମୁଖ୍ୟ ସଚେତକ ଭାବେ ନିଯୁକ୍ତି ପରେ ଶଙ୍ଖ ଭବନରେ ଉଭୟଙ୍କୁ ଦଳ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ଅବସରରେ ଉଭୟ ସାଂସଦ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ସହ ମିଳିଥିବା ଦାୟିତ୍ୱର ସୁଚାରୁ ସମ୍ପାଦନ ନିମନ୍ତେ ନିଜର ସାଧ୍ୟମତେ ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

ସୋମବାର ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରଦୀପ ଅମାତ ପ୍ରମୁଖ ଉଭୟ ମାନସ ଓ ସୁଲତାଙ୍କୁ ସ୍ୱାଗତ ସହ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ▶ପୃଷ୍ଠା-୭

**ଅନୁଗୋଳ 'ବୟନିକା'ରୁ ବଡ଼ଧରଣର ଚୋରି**

# ଜଙ୍ଘରେ ଲୁଚାଇ ଲୁଟିନେଲେ ୭ ଲକ୍ଷର ସମ୍ବଲପୁରୀ ପାଟ

■ ଅନୁଗୋଳ, ୧୩।୪ (ସମିସ): ଅନୁଗୋଳ ଅମଲାପଡ଼ାସ୍ଥିତ 'ବୟନିକା' ଶାଢ଼ି ଶୋ'ରୁମ୍‌ରୁ ଶନିବାର ଦି'ପହରେ ଏକ ବଡ଼ଧରଣର ଚୋରି ହୋଇଛି। ଷ୍ଟୋର୍ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ୭ ଜଣ ମହିଳା ପାଖାପାଖି ୭ ଲକ୍ଷ ଟଙ୍କାର ସମ୍ବଲପୁରୀ ପାଟ ଚୋରି କରିନେଇଛନ୍ତି। ଏହି ଘଟଣା



**ଗ୍ରାହକ ବେଶରେ ଦାମୀ କାର୍‌ରେ ଆସି ମହିଳାଙ୍କ କାରନାମା**

ଚର୍ଚ୍ଚାର ବିଷୟ ହୋଇଛି। ଶନିବାର ଅପରାହ୍ଣ ପ୍ରାୟ ଗୋଟାଏ; ବୟନିକା ସାମ୍ନାରେ ଲାଗିଥିଲା ଏକ ଦାମୀ କାର୍। କାର୍‌ରୁ ୭ ମହିଳାଙ୍କ ସମେତ କାର୍ ଚାଳକ ଓହ୍ଲାଇଥିଲେ। ମହିଳାମାନଙ୍କ ଥାଟବାଟ ଦେଖି ସେମାନେ ଅଧିକ ଟଙ୍କାର ଶାଢ଼ି କିଣିବେ ବୋଲି ଷ୍ଟୋର୍ କର୍ମଚାରୀ ଆଶା କରିଥିଲେ। କିନ୍ତୁ, ସେମାନେ ଯେ ଜଣେଜଣେ ଅଭିଜ୍ଞ ଚୋରଣୀ, ତାହା ସେମାନଙ୍କ କଳ୍ପନା ବାହାରେ ଥିଲା। ସେହି ସମୟରେ ଷ୍ଟୋର୍‌ର କିଛି କର୍ମଚାରୀ ଖାଇବାକୁ ଯାଇଥିବା ବେଳେ ୨ କର୍ମଚାରୀ ଉପସ୍ଥିତ ଥିଲେ। ▶ପୃଷ୍ଠା-୭

# ସୌମ୍ୟ ହତ୍ୟା ପଛରେ ସମଲିଙ୍ଗୀ ସମ୍ପର୍କ

**ଛାଡ଼ପତ୍ର ନ ଦେବାରୁ ପ୍ରେମିକ ସହ ମିଶି ସ୍ୱାମୀକୁ ମାରିଦେଲା**

■ ଭୁବନେଶ୍ୱର/ଯାଜପୁର,୧୩।୪(ସମିସ): କାଳିମେଘା ସୌମ୍ୟସାଗର ସାମଲ ହତ୍ୟାକାଣ୍ଡ ଉପରୁ ପରଦା ହଟିଛି। ସମଲିଙ୍ଗୀ ସମ୍ପର୍କ, ପରକୀୟା ପ୍ରୀତି ଓ ଛାଡ଼ପତ୍ର ନଦେବାରୁ ସୌମ୍ୟଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଷଡ଼ଯନ୍ତ୍ରଠାରୁ ଆରମ୍ଭ କରି ବନ୍ଧୁକ ଯୋଗାଇବା ଓ ଗୁଳିମାଡ଼ କରିବା ଯାଏଁ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ଯାଜପୁର ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ସୌମ୍ୟଙ୍କ ପତ୍ନୀ ଶୁଭଶ୍ରୀ ବେହେରା ଓରଫ୍ ସୀମା, ବାନ୍ଧବୀ ତଥା ମିର୍ଜାପୁରର ପ୍ରୀତିପ୍ରଭା ପ୍ରିୟଦର୍ଶିନୀ ଖିଲାର ଓରଫ୍ ଚିନୁ, ପ୍ରେମିକ ତାପସ କୁମାର ଖିଲାର, ସୁନ୍ଦରଗଡ଼ ଯମୁନାନାକିର ସୂରଜ ସିଂ ଓ କୋଲୁଙ୍ଗାର ଅଙ୍କିତ ଠାକୁର। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ବାଇକ୍, ହେଲମେଟ୍, ୭ଟି ମୋବାଇଲ ଫୋନ୍ ଜବତ କରିଛି।

- ପତ୍ନୀ ଓ ପ୍ରେମିକ ସମେତ ୫ ଗିରଫ
- ଗିରଫଙ୍କ ମଧ୍ୟରେ ଦୁଇ ବନ୍ଧୁକ ଡିଲର୍
- ବନ୍ଧୁକ, ଗୁଳି, ବାଇକ୍ ଓ ୭ ମୋବାଇଲ ଜବତ
- ପ୍ରଥମେ ଭଉଣୀ ଓ ପରେ ଭାଇ ସହ ପ୍ରେମ ସମ୍ପର୍କରେ ଥିଲେ ପତ୍ନୀ

ପୁଲିସ ସୂଚନାନୁସାରେ, କୁଆଁସରପୁରର ସୌମ୍ୟସାଗର ଦେଢ଼ ବର୍ଷ ପୂର୍ବେ ଗରିଆପୁରର ସୀମାଙ୍କୁ ପ୍ରେମ ବିବାହ କରିବା ପରେ ଉଭୟ କାଳିମେଘାରେ ଭଡ଼ାରେ ରହୁଥିଲେ। ସୀମା ଦୀର୍ଘ ୬ ବର୍ଷ ହେବ ଏକ ବିୟୁଟି-ପାର୍ଲରରେ କାମ କରୁଥିବା ବେଳେ ସହକର୍ମୀ ଚିନୁ ସହ ତାଙ୍କର



ସମଲିଙ୍ଗୀ ସମ୍ପର୍କ ରହିଥିଲା। ଚିନୁ ଘରକୁ ଯା'-ଆସ କରିବା ଭିତରେ ତା'ର ସମ୍ପର୍କୀୟ ଭାଇ ତାପସ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ସୌମ୍ୟଙ୍କ ଅଜାଣତରେ ସୀମା ଓ ତାପସ ମହାବିନାୟକ ଓ ଅନ୍ୟାନ୍ୟ ସ୍ଥାନରେ ବୁଲାବୁଲି କରିଥିଲେ। ଏହାରି ଭିତରେ ତାପସ ବିବାହ କରିବାକୁ ଚାହୁଁଛି ବୋଲି କହିବା ସହ ସୌମ୍ୟଙ୍କୁ ଛାଡ଼ପତ୍ର ଦେଇଦେବାକୁ ସୀମାଙ୍କୁ କହିଥିଲା। ସୀମା ମଧ୍ୟ ▶ପୃଷ୍ଠା-୭


15001/16/2627





**ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



**ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ। ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା।

**ବନ୍ଦେ ଉତ୍କଳ ଜନନୀ !**

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0016

● କୋଲାବ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଯାନ୍ତ୍ରିକ ତ୍ରୁଟି

## ଜୟପୁରରେ ପାଇପ ଜଳ ଯୋଗାଣ ବନ୍ଦ

ଜୟପୁର,୧୩।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ମୁଣ୍ଡିଗୁଡା ଠାରେ କୋଲାବ ବହୁମୁଖୀ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଠାରେ ଗତକାଲି ସଂଧ୍ୟାରେ ଯାନ୍ତ୍ରିକ ତୃଟି ଯୋଗୁଁ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିଛି। ଫଳରେ ଜଳ ବିଦ୍ୟୁତ ଟରବାଇନ୍ ଦେଇ କୋଲାବ ଡ୍ୟାମରୁ ଜଳ ଯୋଗାଣ ବନ୍ଦ କରାଯାଇଛି। ଫଳରେ ବିଦ୍ୟୁତ ଉତ୍ପାଦନ ପରେ ଉଦ୍‌ବୃତ ଜଳ ସତୀଗୁଡା ଡ୍ୟାମରେ ଗଚ୍ଛିତ ହୋଇପାରୁନାହିଁ। ତେଣୁ ଜୟପୁର ସହରକୁ ସତିଗୁଡା ଡେମରୁ ପିଇବା ଓ ନିତ୍ୟ ବ୍ୟବହାର ପାଇଁ ପାଇପ ଜଳ ଯୋଗାଣ ଆଜି ବନ୍ଦ ରହିଛି। ଆଜି ରାତି ସୁଦ୍ଧା ମରାମତି କରାଯାଇ ଯାନ୍ତ୍ରୀକ ତୃଟି ସୁଧାରିବା ପରେ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ମୁଖ୍ୟ ଡେମରୁ ଜଳ ଯୋଗାଣ ବିଦ୍ୟୁତ କେନ୍ଦ୍ରକୁ ସ୍ୱାଭାବିକ ହେବ ଏବଂ ସତିଗୁଡା ଡେମରେ ଜଳ ଗଚ୍ଛିତ ରହିବା ପରେ ସହରକୁ ପାଇପ ଜଳ ଯୋଗାଣ ସ୍ୱାଭବିକ ହେବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଚିତ୍ରା ନନ୍ଦ ବେହେରା ପ୍ରକାଶ କରିଛନ୍ତି। ଏହିପରି ରବି ଚାଷ ପାଇଁ କେନାଲ ଜଳ ଯୋଗାଣ ମଧ୍ୟ ବନ୍ଦ ରହିଛି। କିନ୍ତୁ ଆଜି ରାତି ସୁଦ୍ଧା ବିଦ୍ୟୁତ ଉତ୍ପାଦନ ସହିତ ସତୀଗୁଡା ଡ୍ୟାମରେ ପାଣି ଗଚ୍ଛିତ ହେବ ଏବଂ ଆସନ୍ତା ମଙ୍ଗଳବାର ସହରରକୁ ପାଇପ ପାଣି ଏବଂ ଚାଷ ଜମିକ କେନାଲ ମାଧ୍ୟମରେ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଇରିଗେସନ ବିଭାଗର ସତୀଗୁଡା ଡେମ ଦାୟୀତ୍ୱରେ ରହିଥିବା କନିଷ୍ଠ ଯନ୍ତ୍ରୀ ମାଧବାନନ୍ଦ ଶତପଥି ପ୍ରକାଶ କରିଛନ୍ତି।

## ନିଲିଗୁଡା ଗ୍ରାମପଞ୍ଚାୟତରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ମାଲକାନଗିରି, ୧୩।୪(ସମିସ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପଡିଆ ବ୍ଲକ୍ ଅନ୍ତର୍ଗତ ନିଲିଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଶୁଣାଣି ଓ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଶତାଧିକ ସ୍ଥାନୀୟ ବାସିନ୍ଦା ନିଜର ବିଭିନ୍ନ ସମସ୍ୟା ନେଇ ପହଞ୍ଚିଥିଲେ। ଏହି ଶିବିରରେ ମୋଟ ୮୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା, ଯେଉଁଥିରେ ୩୮ଟି ବ୍ୟକ୍ତିଗତ ଏବଂ ୪୬ଟି ଗ୍ରାମ୍ୟ ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ପଟ୍ଟା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଓ ରାସ୍ତାଘାଟ ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ସିଡିଏମଓ ଡା. ଡୋଳାମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ତାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ତହସିଲଦାର, ବିଡିଓ ଏବଂ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଶିବିରରେ ସାମିଲ ହୋଇଥିଲେ।

# ଗୋ-ଚାଲାଣରେ ମନ୍ତ୍ରୀ, ବିଧାୟକ ସାମିଲ : ବାହିନୀପତି



ଜୟପୁର,୧୩।୪(ସମିସ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ପୁଜାରିପୁଟ ଗ୍ରାମପଞ୍ଚାୟତର ଫୁଫୁ ଗାଁ ଠାରେ ପ୍ରଶାସନର ବିନା ସ୍ୱାକୃତିରେ ହାଟକୁ ଉଦ୍‌ଘାଟନ କରାଯାଇ ଏଠାରେ ଗୋ-ଚାଲାଣ ପାଇଁ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । ଆଜି ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ବାହିନୀପତି ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଆନ୍ଧ୍ରପ୍ରଦେଶକୁ ଗୋଚାଲଣେ ସ୍ଥାନୀୟ ମନ୍ତ୍ରୀ ଏବଂ ଶାସକ ବିଜେପି ଦଳର ବିଧାୟକ ମାନେ ସାମିଲ ରହିଥିବା ନେଇ ଗୁରୁତର ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାରୁ ଗୋ-ସମ୍ପଦ ନଷ୍ଟ ହେବାରେ ଲାଗିଛି। ପ୍ରତ୍ୟେକ ସପ୍ତାହର ସୋମବାର ଦିନ ପ୍ରାୟ ୫ ହଜାର ଗାଇ ଆନ୍ଧ୍ରପ୍ରଦେଶ କଂସେଇ ଖାନାକୁ ଚାଲାଣ କରାଯାଉଛି। ବିଜେପି ଅସ୍ମିତା ଓ ଗୋରକ୍ଷା ନାମରେ ଶାସନଗାଦୀ ହାସଲ କରିଛନ୍ତି। କିନ୍ତୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝିଙ୍କ ଉପସ୍ଥିତିରେ ବିନା ପ୍ରଶାସନର ସ୍ୱୀକୃତିରେ ହାଟ ନାମରେ ଗୋଚାଲାଣ କେନ୍ଦ୍ରକୁ ଗତ ୬ ତାରିଖରେ ଉଦ୍‌ଘାଟନ କରାଯାଇଛି। ସେଠାରେ ଜଣେ ପୂର୍ବତନ ସମିତି ସଭ୍ୟ ତଥା ଗୋଚାଲଣକାରୀ ଉପସ୍ଥିତ ରହିବା ସ୍ପଷ୍ଟ କରିଛି ଯେ ବିଜେପି ଦଳର ଅବିଭକ୍ତ କୋରାପୁଟ ଜିଲ୍ଲା ମନ୍ତ୍ରୀ ଓ ବିଧାୟକ ମାନେ ଜିଲ୍ଲା ଗୋରୁ ଗାଇ ଚାଲାଣରେ ସଂପୃକ୍ତି ରହିଛନ୍ତି। ଉଦଘାଟନ ଉତ୍ସବ ଫଳକରେ ଉପରୋକ୍ତ ମନ୍ତ୍ରୀ ଓ ବିଧାୟକଙ୍କ ସମେତ ବ୍ଲକ ଅଧକ୍ଷା ତିଳତ୍ତୋମା ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମି ରଥ ଏବଂ ସରପଞ୍ଚ କିଶୋରୀ ନାୟକଙ୍କ ନା ରହିଛି। କିନ୍ତୁ ଜୟପୁର ବିଧାନସଭା ମଣ୍ଡଳିରେ ତାଙ୍କ ଅଗୋଚରରେ ଏହିପରି ବେଆଇନ ଗୋରୁହାଟ ସୃଷ୍ଟି କରିବା ଅପରାଧ ବୋଲି ବିଧାୟକ ଶ୍ରୀ ବାହିନୀପତି ଅଭିଯୋଗ କରିଛନ୍ତି। ତୁରନ୍ତ ରାଜ୍ୟ ସରକାର ଉକ୍ତ ହାଟକୁ ବେଆଇନ ଘୋଷଣା କରି ବନ୍ଦ କରିବାକୁ ସେ ଦାବି କରିଛନ୍ତି। ନଚେତ୍ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସେ ଧମକ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ବେଆଇନ ହାଟକୁ ଗତ ଅକ୍ଟୋବର ୬ ତାରିଖରେ କୋରାପୁଟ ବିଧାୟକ ଶ୍ରୀ ମାଛ ଉଦ୍‌ଘାଟନ କରିଥିଲେ। ପୁଣି ୬ ମାସ ପରେ ଗତ ୬ ତାରିଖରେ ମନ୍ତ୍ରୀ ବିଧାୟକ ମାନେ ଫୁଫୁଗାଁ ଠାରେ ସାପ୍ତାହିକ ବେଆଇନ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପୁରୁଣା ଜୟପୁର ଏବଂ ଜୟନ୍ତୀଗିରି ଗୋରୁ ହାଟରେ ଗୋରୁଗାଇ ବିକ୍ରି ବନ୍ଦ କରାଯାଇଥିଲା। ତେଣୁ ସ୍ଥାନୀୟ ଗୋ ଚାଲାଣକାରୀ ମାନେ ବେଆଇନ ଭାବେ ବିନା ପ୍ରଶାସନର ସ୍ୱୀକୃତରେ ଫୁଫୁ ଗାଁ ଠାରେ ଏହି ବେଆଇନ ହାଟକୁ ଶୁଭାରମ୍ଭ କରିଥିଲେ। କିନ୍ତୁ ଏଥିନେଇ ବିଧାୟକ ଶ୍ରୀ ବାହିନୀପତି ଜିଲ୍ଲା ପ୍ରଶାସନ ଏବଂ ପୁଲିସର ଦୃଷ୍ଟି ଆକର୍ଷଣ ପରେ ଏହି ହାଟକୁ ବନ୍ଦ କରାଯାଇଥିଲା। କିନ୍ତୁ ପୁଣି ୬ ମାସ ପରେ ଫଫୁ ଗାଁ ହାଟକୁ ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କ ମାନେ ଉଦଘାଟନ କରିବା ପରେ ଏଠାରୁ ସପ୍ତାହରେ ଗୋରୁ ଗାଇ ମାନଙ୍କ ଚଲାଇ ଚଲାଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଛି। ଏହି ଅବସରରେ କଂଗ୍ରେସ ଦଳ ଜିଲ୍ଲା କମିଟିର କୋଷାଧ୍ୟକ୍ଷ ନିହାର ରଞ୍ଜନ ବିଶୋୟୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନ୍ଦିପ ସାମନ୍ତରାୟ, ଜିଲ୍ଲା କୃଷକ କଂଗ୍ରେସର ଅଧ୍ୟକ୍ଷ ଭବାନୀ ପ୍ରସାଦ ରଥ, ଜିଲ୍ଲା ଉପସଭାପତି ଦେବେନ୍ଦ୍ର ବାହିନୀପତି, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ବ୍ଲକ ସଭାପତି ବସନ୍ତ ନାୟକ, କାଉସିଲର ଗୋପୀନାଥ ମହାନ୍ତି ପ୍ରମୁଖ ସାମ୍ବିଦକ ସମ୍ମିଳନୀରେ ଉପସ୍ଥିତ ଥିଲେ।

● ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ମରଣାନ୍ତକ ଆକ୍ରମଣ ଘଟଣା

## ଟ୍ରାକ୍ଟର ଡ୍ରାଇଭର ଗିରଫ, ୫ ଫେରାର

ଜୟପୁର,୧୩।୪(ସମିସ): ଜୟପୁର ସଦରଥାନା ବାଲିଆ ଗ୍ରାମ ନିକଟସ୍ଥ ସତିନଦୀ ପୋଲ ନିକଟରେ ଗତ ଶନିବାର ଦିନ ଦିବସରେ ଖଣି ବିଭାଗର ଜଣେ କନିଷ୍ଠ ଖଣି ଅଧିକାରୀଙ୍କୁ ବାଲି ମାଫିଆମାନେ ମରଣାନ୍ତକ ଆକ୍ରମଣ କରିଥିଲେ।ଘଟଣାରେ ବେଆଇନ ଚାଲାଣ କରୁଥିବା ବାଲି ବୋଝେଇ ଟ୍ରାକ୍ଟର ଡ୍ରାଇଭର ଦାମପୁଟ ଗ୍ରାମର କୃଷ୍ଣଚନ୍ଦ୍ର ବିଶୋୟୀଙ୍କୁ ସଦରଥାନା ପୁଲିସ ଆଜି ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ ମାମଲାରେ ଟ୍ରାକ୍ଟର ମାଲିକ ଏବଂ ଅନ୍ୟ ୪ ଜଣ ଫେରାର ରହିଛନ୍ତି। ସେମାନଙ୍କୁ ଅତିଶିଘ୍ର ଗିରଫ କରାଯିବ ବୋଲି ସଦରଥାନା ଅତିରିକ୍ତ ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ‘ଆମ ରୁଚି ଆମ ଖାଦ୍ୟ’କାର୍ଯ୍ୟକ୍ରମ



କୋରାପୁଟ,୧୩।୪(ସମିସ): ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ କୋରାପୁଟ ବ୍ଲକ ଏବଂ ପୌରପାଳିକାରେ "ଆମ ରୁଚି ଆମ ଖାଦ୍ୟ" ପାରମ୍ପରିକ ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା। କୋରାପୁଟ ପଞ୍ଚାୟତ ସମିତି ସଭାଗୃହ ଠାରେ ଆୟୋଜିତ ଖାଦ୍ୟ ଉତ୍ସବ ମେଳାରେ ଅଧକ୍ଷା ନମିତା ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋରାପୁଟ ବ୍ଲକ ଉପାଧ୍ୟକ୍ଷ ଶିବ ଗୋଲରୀ, ବିଡିଓ ଦେବାଶିଷ ଗୌଡ ପ୍ରମୁଖ ଯୋଗ ଦେଇ ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତି ପାରମ୍ପରିକ ଖାଦ୍ୟର ସ୍ୱାଦ ଗ୍ରହଣ କରିଥିଲେ। ଓଡିଶା ଜୀବିକା ମିଶନ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସ୍ନେହଲତା ମିଶ୍ର , ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସସ୍ମିତା ଖୋସଲା ଯୋଗଦେଇ ପରିଚାଳନା କରିଥିଲେ।ସେହିପରି କୋରାପୁଟ ପୌରପାଳିକା ପକ୍ଷରୁ ପୂଜାରୀପୁଟ କଲ୍ୟାଣ ମଣ୍ଡପ ଠାରେ ଆମ ରୁଚି ଆମ ଖାଦ୍ୟ ପାରମ୍ପରିକ ଖାଦ୍ୟ ଉତ୍ସବ ମେଳା ଆୟୋଜନ କରାଯାଇଥିଲା। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅତିଥିବୃନ୍ଦ ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟର ସ୍ୱାଦ ଚାଖି ପ୍ରଂଶସା କରିଥିଲେ। କୋରାପୁଟ ପୌର ପରିଷଦ ଉପାଧ୍ୟକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ମ୍ୟୁନିସିପାଲ ଇଞ୍ଜିନିୟର ମନୋଜ କୁମାର ପାତ୍ର, କାଉନସିଲର ପ୍ରଫୁଲ୍ଲ କୁମାର ମହାପାତ୍ର, ମାଲେଶ୍ୱର ରାଓ, ସନ୍ଧ୍ୟାରାଣୀ ଜେନାଙ୍କ ସହ ଅନ୍ୟାନ୍ୟ କାଉନସିଲର ଏବଂ ପୌର ପରିଷଦର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ନବରଙ୍ଗପୁର/ଉମରକୋଟ,୧୩।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ଜିଲ୍ଲାପାଳ ଏହା ପରେ ପରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ "ଆମ ରୁଚି ଆମ ଖାଦ୍ୟ" କାର୍ଯ୍ୟକ୍ରମରେ ଯୋଗ ଦେଇ ପାରମ୍ପରିକ ଖାଦ୍ୟ ଷ୍ଟଲ ପରିଦର୍ଶନ କରିଥିଲେ।

## ଜୟପୁର କ୍ରିକେଟ୍ ଲିଗ୍‌ର ଅଷ୍ଟମ ଦିବସ

ଜୟପୁର,୧୩।୪(ସମିସ): ଜୟପୁର ଦଶହରା ପଡ଼ିଆ ଠାରେ ଜୟପୁର କ୍ରିକେଟ ଲିଗର ଆଜି ନବମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜିକେସିଇଟି ସ୍ୱାରିଙ୍ଗ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ୧୩୩ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଆୟୋଜକ ଇଭିନିଂ ଦଳ ମାତ୍ର ୧୧ ଓଭରରେ ୫ଟି ୱିକେଟ ହରାଇ ୧୩୪ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ସେହିପରି ୨ୟ ମ୍ୟାଚରେ ଜଗନ୍ନାଥ ଜିଆଣ୍ଟସ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୯ଟି ୱିକେଟ ୧୮୪ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବିଶ୍ୱନାଥ ସୁପରଦଳ ୧୮୫ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ବିଜୟୀ ଦଳର ଖେଳାଳି ଜିତୁ ବିଶୋୟୀଙ୍କ ମାତ୍ର ୩୯ ବଲରେ ଦ୍ରୁତ ୧୧୦ ରନ ସଂଗ୍ରହ କରିବା ସହିତ ମାତ୍ର ୧୨.୨ ଓଭରରେ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ଆଦିତ୍ୟ ରାଉତ ଏବଂ ଦ୍ୱିତୀୟ ମ୍ୟାଚରେ ଜିତୁ ବିଶୋୟୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚରେ ଏମ୍ପାୟର ଭାବେ ଜୀବନ କୁମାର, ଗୁପ୍ତ ପାଣିଗ୍ରାହୀ , ନୀଳମାଧିବ ସେଠୀ, ଅମୀର ମହାନନ୍ଦିଆ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ପୁଲିସ ହାବିଲଦାର ଏବଂ କନଷ୍ଟେବଲ ସଂଘର ସଭାପତି ଜଗା ବେହେରା ଉପସ୍ଥିତ ରହିଥିଲେ।



## ଗ୍ରାମାଞ୍ଚଳ ସମସ୍ୟା ସମାଧାନ ପାଇଁ ସାମ୍ବାଦିକ ସଂଘର ପ୍ରୟାସ



ବେହେଡା, ୧୩।୪ (ସମିସ): ନବରଙ୍ଗପୁର ଜିଲ୍ଲାରେ ସାମ୍ବାଦିକ ସଂଘ, ଉମରକୋଟ ପକ୍ଷରୁ ଆଜି ପ୍ରଥମ କରି ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାପତି ରମେଶ ସାହୁ, ମୁଖ୍ୟବକ୍ତା ଭାବେ ଉମରକୋଟ ସାମ୍ବାଦିକ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭଜନାଥ ଗଣ୍ଡ, ନାଏବ ସରପଞ୍ଚ ଘାସିରାମ ମାଝୀ, ସମିତି ସଭ୍ୟ ହୀରାଲାଲ ମାଝୀ, ସମାଜସେବୀ ରାମକୃଷ୍ଣ ଗଣ୍ଡ, ଜୟ କୋଲାର, ବିଲ୍ଲୁ ଗଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗାଁର ମୁଖ୍ୟ ସମସ୍ୟା ଗୁଡିକ ଉପରେ ଆଲୋଚନା ପରେ ଉପସ୍ଥିତ ଜନତାଙ୍କୁ ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଆସନ୍ତା ଦିନ ମାନଙ୍କରେ ପ୍ରତି ମାସରେ ଗୋଟିଏ ଗୋଟିଏ ଗାଁକୁ ଯାଇ ସେମାନଙ୍କ ଅସୁବିଧାକୁ ନେଇ ଖବର ପ୍ରସାରଣ ଜାରି ରହିବା ସହ ସରକାରଙ୍କ ସୁବିଧା ସୁଯୋଗ ଜନସାଧାରଣଙ୍କ ପାଖକୁ ପହଞ୍ଚେଇବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ। ଶେଷରେ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରି ଥିଲେ।

## ଅନ୍ତଃ ଜିଲ୍ଲା କ୍ରିକେଟ୍‌ରେ ନବରଙ୍ଗପୁର ଦଳର ଦମଦାର ପ୍ରଦର୍ଶନ



ନବରଙ୍ଗପୁର,୧୩।୪ (ସମିସ): କଟକ ନିମାପୂର୍ କ୍ରିକେଟ ପଡିଆ ଠାରେ ଅନୁଷ୍ଠିତ ହୋଉଥିବା ୧୬ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା ଦଳର ଦମଦାର ପ୍ରଦର୍ଶନ ଜାରି ରଖିଛି। ନିଜର ପ୍ରଥମ ମ୍ୟାଚରେ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଦଳ କୋରାପୁଟ ଜିଲ୍ଲା ଦଳକୁ ୧୨ ରନରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ବିଜୟ ହାସଲ କରିଛି। ନବରଙ୍ଗପୁର ଦଳ ପ୍ରଥମେ ବେଟିଂ କରି ନିଜର ସମସ୍ତ ୱିକେଟ ହରାଇ ୯୮ ରନ ସ୍କୋର କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି କୋରାପୁଟ ଦଳ ନିଜର ସମସ୍ତ ୱେକେଟ୍ ବଦଳରେ କେବଳ ୮୬ ରନ୍ ହିଁ କରିପାରିଥିଲେ ଏବଂ ୧୨ ରନ୍‌ରେ ପରାସ୍ତ ହୋଇଥିଲେ। ନିଜର ଉଚ୍ଚ କୋଟିର ପ୍ରଦର୍ଶନ ପାଇଁ ନବରଙ୍ଗପୁର ଦଳର ସ୍ୱାଧୀନ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ବ୍ୟାଟିଂରେ ସେ ୨୦ ରନ ସ୍କୋର କରିବା ସହ ୧୦ ଓଭର ରେ ୨୫ ରନ ଦେଇ ତିନୋଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର କରିଥିଲେ। ସେହିପର ନବରଙ୍ଗପୁର ଦଳର ନିଜର ଦ୍ୱିତୀୟ ମ୍ୟାଚରେ ମାଲକାନଗିରି ଜିଲ୍ଲା ଦଳକୁ ୬୮ ରନରେ ପରାସ୍ତ କରି ଦମଦାର ବିଜୟ ହାସଲ କରିଛି। ନବରଙ୍ଗପୁର ଦଳ ପ୍ରଥମେ ବ୍ୟାଟିଂ କରି ନିଜର ସମସ୍ତ ୱିକେଟ ହରାଇ ୧୭୮ ରନ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି କୋରାପୁଟ ଦଳ କେବଳ ୧୧୭ ରନ୍ ହିଁ ନିଜର ସମସ୍ତ ୱିକେଟ ହରାଇ ଥିଲେ। ଲଗାତାର ଭାବେ ନିଜର ଦମଦାର ପ୍ରଦର୍ଶନ ପାଇଁ ସ୍ୱାଧୀନ ପଟ୍ଟନାୟକ ଦ୍ୱିତୀୟ ମ୍ୟାଚରେ ବି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେ ବ୍ୟକ୍ତିଗତ ୨୨ ରନ୍ କରିବା ସହ ୯ ଓଭରରେ ୧୭ ରନ ଦେଇ ତିନୋଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର କରିଥିଲେ। ଦଳର ଏହି ସଫଳତା ପାଇଁ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ଏମ. ବାଲାକ୍ରୀଷ୍ଣା ରାଓ, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ , ଜିଲ୍ଲା କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ ସମେତ ଉଭୟ କ୍ରିକେଟ୍ ସଂଘ ଏବଂ କ୍ରୀଡା ସଂଘର ସମସ୍ତ ସଦସ୍ୟ, ନବରଙ୍ଗପୁର ଜିଲ୍ଲା କ୍ରିକେଟ ସଂଘର କୋଚ ଜି ଚନ୍ଦ୍ର ଶେଖର (ରାଜା ) ,ସଂଘର ବରିଷ୍ଠ ସଦସ୍ୟ ଦୁର୍ଯ୍ୟ ହରିଜନ, ଲାଲ ମୋହମ୍ମଦ ଖାନ, ବରିଷ୍ଠ ମହିଳା କ୍ରିକେଟ ଖେଳାଳି ଅଜିତା ଦାସ ସମେତ କ୍ରିକେଟ ସଂଘ ର ଅନ୍ୟ ପୁରୁଷ ଏବଂ ମହିଳା ସଦସ୍ୟ ଓ ଜିଲ୍ଲାର ପ୍ରାକ୍ତନ ବରିଷ୍ଠ କ୍ରୀଡାବିତ୍ ମାନେ ଶୁଭେଚ୍ଛା ଜଣାଇଛନ୍ତି।

## ପୁଲିସ୍ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

କାକିରିଗୁମା,୧୩।୪(ସମିସ) : କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କାକିରିଗୁମା ପୁଲିସ୍ ପକ୍ଷରୁ ଭିତରଗଡ଼, ଗୈଡଗୁଡା, ପଞ୍ଚଡା,ତୁନୁପାର କାକିରିଗୁମା,କୁସୁମୁଗୁଡା, କେଲାର ପଞ୍ଚାୟତ ଅବସରପ୍ରାପ୍ତ କର୍ମଚାରୀ ଏବଂ ବରିଷ୍ଠ ନାଗରିକ ମାନଙ୍କୁ ନେଇ ରବିବାର କାକିରିଗୁମା ଥାନାରେ ଏକ ବୈଠକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩୪ ଜଣ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ହୋଇଥିଲେ। ସବ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ଏବଂ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ବରିଷ୍ଠ ନାଗରିକ ମାନଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଅବସରରେ ପ୍ରାପ୍ତ କର୍ମଚାରୀ ସଂଘର ଉପଦେଷ୍ଟା ଜଗବନ୍ଧୁ ଦାସ, ସଭାପତି ନିରାକାର ବିଶୋଇ, ସମ୍ପାଦକ ଜଳନ୍ଧର ବାଘଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପାଣି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



କୋରାପୁଟ,୧୩।୪(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ଗ୍ରାମର ହରିଜନ ସାହିର ଗ୍ରାମବାସୀ ମାନେ ପାନୀୟ ଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସାହିରେ ୬୦ପରିବାର ବସବାସ କରନ୍ତି । କିନ୍ତୁ ଗ୍ରାମରେ ନଳକୂପ କିମ୍ବା ପାଇପ ଲାଇନ ନଥିବାରୁ ନାହିଁ ନଥିବା ଅସୁବିଧା ଭୋଗୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ ହରିଜନ ସାହି ରହିଛି ପାନୀୟ ଜଳ ପାଇଁ ପାଖରେ ଥିବା ଗାଁର ଏକମାତ୍ର ନଳକୂପ ଉପରେ ଗ୍ରାମବାସୀମାନେ ନିର୍ଭର କରନ୍ତି। ବର୍ତ୍ତମାନ ଗ୍ରୀଷ୍ମଋତୁ ଚାଲିଥିବାରୁ ସେହି ନଳକୂପରୁ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ପାଣି ମିଳୁନାହିଁ । ତେଣୁ ଗ୍ରାମବାସୀ ମାନେ ପାନୀୟ ଜଳ ଟିକିଏ ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଗାଁ ପାଖରେ ଏକ ନଦୀ ବହି ଯାଇଛି । କିନ୍ତୁ ପାଣି ଖରାପ ଥିବାରୁ ମାଛ ମାନେ ମରି ଭାସୁଛନ୍ତି। ତେଣୁ ସେ ପାଣି ଆଉ ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ ବୋଲି ନରସିଂହ କୁଳଦୀପ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ବିଡିଓ ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ କିଛି ସୁଫଳ ମିଳି ନଥିବା ଗ୍ରାମବାସୀ ମାନେ କହିଛନ୍ତି। ତେଣୁ ଯଥାଶୀଘ୍ର ପାନୀୟ ଜଳ ଦୂରୀଭୁତ ନିମିତ୍ତ ଜନ ପ୍ରତିନିଧିଙ୍କ ସମେତ ଅନେକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।



# ସନ୍‌ସାଇନ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ପଦ୍ମପୁର,୧୩।୪(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ସନ ସାଇନ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ 'ସନ ସାଇନ ସ୍ପାର୍କ-୨' ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲପାଳ ନିହାର ରଞ୍ଜନ କହ୍ନର (ରାଜସ୍ୱ ବିଭାଗ) ଯୋଗଦେଇ ପିଲାମାନଙ୍କର ଶୃଙ୍ଖଳାକୁ ଭୁରିଭୁରି ପ୍ରଶଂସା କରିଥିଲେ। ସେ ତାଙ୍କର ଉଦବୋଧନରେ କହିଥିଲେ, ଗୁରୁ ବିନା ଜ୍ଞାନ ଅସମ୍ଭବ, ଛୋଟ ଶିଶୁ ଏକ କଞ୍ଚା ମାଟି ହାଣ୍ଡି ସଦୃଶ । ଛୋଟବେଳୁ ଆମେ ଯେମିତି ଗଢିବା ଶିଶୁ ସେମିତି ହେବ। ତେଣୁ ପିଲାଙ୍କୁ ଉଚିତ୍ ଶିକ୍ଷା ପ୍ରଦାନ କରିବା ଉଭୟ ପିତାମାତା ଓ ଗୁରୁଙ୍କର ଲକ୍ଷ୍ୟ ହେବା ଉଚିତ। ମୁଖ୍ୟ ବକ୍ତା ଭାବେ ସମାଜ ମଙ୍ଗଳ ଅଧିକାରୀ ସୁଶ୍ରୀ ଅର୍ଚ୍ଚନା ପଣ୍ଡା ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବିପିନ ବିହାରୀ ଜେନା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନର ଚେୟାରମ୍ୟାନ୍ ସ୍ୱାଗତ ଶେଖର ଜେନା, ସମ୍ପାଦକ ସାଗର କାନ୍ତ ଜେନା, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ସରପଞ୍ଚ ପ୍ରକାଶ କଣ୍ଡାଗରୀ ଏବଂ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିତା ମିଶ୍ର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ଦେବବ୍ରତ ପରିଚ୍ଛା, ପ୍ରିନ୍ସିପାଲ୍ ପ୍ରକାଶ କୁମାର ଲିମା ଓ ନିର୍ଦ୍ଦେଶକ ପ୍ରଦୀପ ପାଲକା ଉପସ୍ଥିତ ଥିଲେ। ଶେଷରେ ନିର୍ଦ୍ଦେଶକ ପ୍ରଦୀପ ପାଲକା ଧନ୍ୟବାଦ ଜଣାଇଥିଲେ। ମଞ୍ଚ ପରିଚାଳନା ମାଖନ ଲାଲ ସେନାପତି ଓ କଲେଜ ଉପାଧ୍ୟକ୍ଷ ଗୋପାଳ କୃଷ୍ଣ ଦାମୋଦର ସୁନ୍ଦର ଭାବେ ପରିବେଷଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଟିକୁ ଶ୍ୱେତା ଓ ଅର୍ପିତା ମାଡାମ ସୁଚାରୁ ଭାବେ ପରିଚାଳନା କରିଥିଲେ।

## ହାତୀ ଉତ୍ପାତରେ ଫସଲ ନଷ୍ଟ

# ମିଳୁନି ଅନୁକମ୍ପା ରାଶି, ଚାଷୀ ହତାଶ

ମୁନିଗୁଡା,୧୩।୪(ସମିସ ): ରାୟଗଡ଼ା ଜିଲ୍ଲାର ମୁନିଗୁଡା ରେଞ୍ଜ ଅଧୀନର ବିଭିନ୍ନ ଗ୍ରାମରେ ହାତୀ ଉତ୍ପାତ ଫଳରେ ଚାଷୀମାନଙ୍କ ଫସଲ ବିପୁଳ ଭାବେ ନଷ୍ଟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନେ ସରକାରୀ ଅନୁକମ୍ପା ରାଶି ପାଇପାରିନାହାନ୍ତି। ବର୍ଷ ପରେ ବର୍ଷ ହେଉଥିବା ସତ୍ତ୍ୱେ ମଧ୍ୟ କ୍ଷତିପୂରଣ ନମିଳିବାରୁ ଚାଷୀମାନଙ୍କ ମଧ୍ୟରେ ହତାଶା ଓ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, ଧାନ ସହିତ ବିଭିନ୍ନ ରବି ଫସଲ ହାତୀ ଦଳ ଦ୍ୱାରା ଧ୍ୱଂସ ହୋଇଥିଲା। ଏହା ତାଙ୍କର ବର୍ଷକର ଜୀବିକା ଉପରେ ଗୁରୁତର ପ୍ରଭାବ ପକାଇଛି। ଫସଲ ନଷ୍ଟ ହେବା ପରେ ଚାଷୀ ଅନୁକମ୍ପା ରାଶିକୁ ଆଶା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କିଛି ମିଳିନି। ପରିବାର



ଚାଲାଇବା ମୁସ୍କିଲ ହୋଇପଡ଼ିଛି ବୋଲି ମୁନିଗୁଡା ରେଞ୍ଜ ରଘୁବାରି, ଡ଼ିମିରିଗୁଡା, ଇଛାପୁର, ତେରିମେରୀ, ଉମ୍ବେର, କେଶରୀ, କାରକାମାର୍କା, ଓଡ଼ମସ୍କା, ଅମ୍ବାଦଳା ଆଦି ଗ୍ରାମର ପୀଡ଼ିତ ଚାଷୀ କହିଛନ୍ତି। ଏ ବିଷୟରେ ମୁନିଗୁଡା ରେଞ୍ଜର ପ୍ରବୀଣ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କ୍ଷତିର ତାଲିକା ପ୍ରସ୍ତୁତ କରାଯାଇଛି ଏବଂ ଅନୁକମ୍ପା ରାଶି ପ୍ରଦାନ ପାଇଁ ଉପରକୁ ପ୍ରସ୍ତାବ ପଠାଯାଇଥିଲା। ଯଥାଶୀଘ୍ର ଚାଷୀମାନେ ସହାୟତା ପାଇବେ। ତଥାପି, ଏହି ପ୍ରତିଶ୍ରୁତିରେ ଚାଷୀମାନେ ଆଶ୍ୱସ୍ତ ନୁହନ୍ତି। ବର୍ଷକର ଖାଦ୍ୟ ଫସଲ ନଷ୍ଟ ପରେ ଏବେ ସେମାନେ ଚାତକ ପରି ସରକାରୀ ସହାୟତାକୁ ଅପେକ୍ଷା କରି ବସିଛନ୍ତି। ସମୟରେ ଅନୁକମ୍ପା ରାଶି ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚାଷୀ ଧନେଶ୍ୱର ସୁନା, ଅର୍ଜୁନ ପାତ୍ର, ରଘୁନାଥ ନାୟକ, କୃଷ୍ଣ ବଚା, ରୁନୁ ମାଝୀ, ଉପେନ୍ଦ୍ର ନାୟକ, ଲୁଚନ ବଚା, ପ୍ରଦୀପ କୁମାର ଗୌଡ଼, ନିରଞ୍ଜନ ମାଝୀ ଓ ଶଙ୍କର କାଡ୍ରାକା ପ୍ରମୁଖ ଚେତାବନୀ ଦେଇଛନ୍ତି।

# 'ଆମ ରୁଚି ଆମ ଖାଦ୍ୟ' ଦିବସ



ନାରାୟଣପଟଣା,୧୩।୪ ( ସମିସ ): ଆଜି ନାରାୟଣପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ମିଶନ ଶକ୍ତି ଗୃହ ଠାରେ ଆମ ରୁଚି ଆମ ଖାଦ୍ୟ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ବଡ଼ବାବୁ ଭି ନାଗରାଜୁ, ସହକାରୀ ଯନ୍ତ୍ରୀ ଶ୍ରାବଣୀ ପାଢ଼ୀ, ମିଶନ ଶକ୍ତି ବିପିନି କିଶୋର କରରକରା,, ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲ, ବ୍ଲକର ସମସ୍ତ କର୍ମଚାରୀ, ଏମବିକେ, ସିଆରପି , ସ୍ୱୟଂ ସହାୟକ ଗୋଷ୍ଠୀର ମା' ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ନିଜର ପାରମ୍ପରିକ ଖାଦ୍ୟ ଉପରେ ନିଜର ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ମା' ମାନଙ୍କୁ ଉପସ୍ଥାପନା କରିଥିଲେ। ସ୍ୱୟଂ ସହାୟକ ମା' ମାନେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ। ଶେଷରେ ମଞ୍ଚ ପରିଚାଳନା କିଶୋର କରକରା କରିଥିଲେ।

# ଓଡ଼ିଆ ପକ୍ଷରେ ପାରମ୍ପରିକ ଖାଦ୍ୟ ଦିବସ



ରାମନାଗୁଡ଼ା,୧୩।୪(ସମିସ): ଓଡ଼ିଆ ପକ୍ଷ ୨୦୨୬ ଅବସରରେ ରାୟଗଡା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ "ଆମ ରୁଚି ଆମ ଖାଦ୍ୟ" ପାରମ୍ପରିକ ଖାଦ୍ୟ ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ଯୋଗଦେଇ ଓଡ଼ିଆ ପରମ୍ପରାଗତ କାର୍ଯ୍ୟକ୍ରମରେ ପଖାଳ, ଡାଲମା, ସାଗ, ପିଠା, ଛେନା ପୋଡ଼ ପିଠା ପରି ବିଭିନ୍ନ ଓଡ଼ିଆ ପାରମ୍ପରିକ ଖାଦ୍ୟ ସହ ପାଖାପାଖି ୬୦ ପ୍ରକାରର ଓଡିଶା ର ପାରମ୍ପରିକ ବ୍ୟଞ୍ଜନ ପ୍ରଦର୍ଶନୀ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ , ଉପାଧ୍ୟକ୍ଷା ଶ୍ରୀମତୀ ଜାନକୀ ନିମାଲା, ଭାମିନି ସମିତି ସଭ୍ୟା, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଶିଶୁ ବିକାଶ ଯୋଜନା ଅଧିକାରୀ ରାମନାଗୁଡ଼ା ଶ୍ରୀମତୀ ଅଞ୍ଜଳି ମହାପାତ୍ର, ଯୋଗାଣ ନିରୀକ୍ଷକ ଶଙ୍କର ବେହେରା , ବିପିସି, ମିଶନ ଶକ୍ତି ଜୟନ୍ତ ସେଠୀ, ବି ପି ସି , ଗ୍ରାମୀଣ ଗୃହ ସନ୍ତୋଷ କୁମାର ରତ୍ନାଲୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୮ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ , ୩ ଜଣ ଅଙ୍ଗନବାଡି କର୍ମୀ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ସେଥି ମଧ୍ୟରୁ ମା' ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀ, ଚାକୁଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ମା' ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ଗୋପାଳପୁର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ମାଁ ସର୍ବମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ବଡ଼ବାଙ୍ଗି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସମସ୍ତ ବିଜେତା ଏବଂ ଅଂଶ ଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିସି, ମିଶନ ଶକ୍ତି ଜୟନ୍ତ ସେଠୀ ପରିଚାଳନା କରିଥିବା ବେଳେ ବି କିରଣ କୁମାର, ବିପିଏ, ମିଶନ ଶକ୍ତି ସହଯୋଗ କରିଥିଲେ।

# 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ



ଗୁଡ଼ାରୀ ୧୩।୪ (ସମିସ: ଗୁଡ଼ାରୀ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଗୁଡାରୀ ବ୍ଲକ ଓ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ଶବର, ଏବିଡିଓ, ଏଇ, ମଧୁବନ ସରପଞ୍ଚ ବଂଶୀ ଶବର, ସୁପରଭାଇଜର ଓ ଏନଏସି ଉପାଅଧ୍ୟକ୍ଷ ଉପସ୍ଥିତ ଥିଲେ। ଓଡ଼ିଶାର ପାରମ୍ପରିକ ଖାଦ୍ୟର ଆଦର ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ବାର ମାସରେ ତେର ପରବକୁ ମିଠା, ପିଠାପଣା ତଥା ଖାଦ୍ୟପେୟ ସାରା ବିଶ୍ୱରେ ଓଡିଶାକୁ ପରିଚିତ କରିଛି। ଆମର ଏହି ସମୃଦ୍ଧ ଖାଦ୍ୟ ପରମ୍ପରାକୁ ଲୋକାଦୃତ କରିବା ଏବଂ ଗୌରବ ବଢାଇବା ପାଇଁ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏଣୁ ସଭିଙ୍କୁ ନେଇ ପାରମ୍ପରିକ ଖାଦ୍ୟ ଦିବସ ପାଳନ କରିବା। ସ୍ଥାନୀୟ ତଥା ଆଞ୍ଚଳିକ ଖାଦ୍ୟ ସଂସ୍କୃତିକୁ ଗୁରୁତ୍ୱ ଦେବା ସହ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଲୋକ ଲୋଚନକୁ ଆଣିବା ପାଇଁ ଏହା ଏକ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏସଏଚଜି ମହିଳ ଓ ଅଙ୍ଗନବାଡି କର୍ମିମାନେ ନିଜ ନିଜ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କରି ଆଣିଥିଲେ। ପ୍ରଥମେ ସମସ୍ତ ଅତିଥି ପାରମ୍ପରିକ ସୁସ୍ୱାଦ ଖାଦ୍ୟକୁ ଘରେ ପରିବେଷଣ କରିବା ଏବଂ ସବୁ ସମୟରେ ବ୍ୟବହାର କରିବା ଆବଶ୍ୟକ ବୋଲି କହିଥିଲେ। ପରେ ସମସ୍ତ ଅତିଥ ଆଣିଥିବା ଖାଦ୍ୟକୁ ଖାଇ ସ୍ଥାନ ନିରୁପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମିସନ ଶକ୍ତି ବିପିସି ସୁନୀଲ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ଓ ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ରାୟଗଡ଼ା ଜିଲ୍ଲା ଜଙ୍ଗମ ସଂଘର ବୈଠକ




ରାୟଗଡ଼ା,୧୩।୪(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ନିକଟସ୍ଥ କୋତାପେଟା ଶିବ ମନ୍ଦିର ଠାରେ ରବିବାର ଦିନ ରାୟଗଡା ଜିଲ୍ଲା ମାହାଳି (ଜଙ୍ଗମ) ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ରାମନାଗୁଡା, ବାଙ୍କିଲି, କଲ୍ୟାଣସିଙ୍ଗପୁର, ଶିକରପାଇ,ଚାଟିକଣା, ନାରାୟଣପୁର, ପୂଜାରୀଗୁଡା ଏବଂ ରାୟଗଡ଼ାର ପ୍ରାୟ ୫୦ଟି ପରିବାରର ଶତାଧିକ ଲୋକ ଉପସ୍ଥିତ ଥିଲେ। ବୈଠକରେ ସଦସ୍ୟମାନେ ଆମ ଜଙ୍ଗମ ଜାତି ରାଜ୍ୟ ସରକାରଙ୍କ ଜାତି ତାଲିକାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆ ବର୍ଗ ନତୁବା ସାଧାରଣ ବର୍ଗ ହିସାବରେ ଗଣନା କରାଯାଉ ନ ଥିବା ବେଳେ ଅନ୍ୟ ଜିଲ୍ଲାମାନଙ୍କରେ ଆମ ଭଳି ମନ୍ଦିର ପୂଜାରୀ ମାନଙ୍କୁ ମାଳି କିମ୍ବା ଯାହାକି ହିସାବରେ ଗଣାଯାଉଛି। ଏଣୁ ରାୟଗଡ଼ା ଜିଲ୍ଲାରେ ଆନୁଷ୍ଠାନିକ ଭାବେ ଏକ ସଂଘର ଆବ୍ୟଶକ ହେଉଥିବାରୁ ରବିବାର ଏପ୍ରିଲ ୧୨ ତାରିଖରେ ରାୟଗଡ଼ା ଜିଲ୍ଲାରେ ମାହାଳି (ଜଙ୍ଗମ) ପରିବାର ଏକ ସଂଘ ଗଠନ କରାଯାଇଛି। ଏଥିରେ ସଂଘ ସଭାପତି ଭାବେ ଆମୃତାକଭି ଗୋବିନ୍ଦ ରାଓ ଓ ସଂପାଦକ ଭାବେ ସିଧୁଲା ଜଗଦିଶ ଚୟନ ହୋଇଥିବା ବେଳେ ଉପସଭାପତି ରୂପେ ପାତ୍ରି ଭେନୁଗୋପାଳ, ଯୁଗ୍ମ ସଂପାଦକ ମିଗଡା ଶଙ୍କର ରାଓ, କୋଷାଧ୍ୟକ୍ଷ ମିଗଡା ଲୀଲାରାଣୀ ଚୟନ ହୋଇଛନ୍ତି। ସେହିପରି ସଭ୍ୟସଭ୍ୟା ମଧ୍ୟରେ କମୁରୁ କଲ୍ୟାଣୀ, ଆଣ୍ଡେ ମୃତ୍ୟୁଞ୍ଜୟା, ପିଡିଲା ଗୌରୀ, ଧୁପମ ଶଙ୍କର ରାଓ, ସଙ୍ଗମ ନୀଳକଣ୍ଠ, କିନରକାନ୍ତ ବିରଭଦ୍ର ସ୍ୱାମୀ ପ୍ରମୁଖ ଚୟନ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ସଂଘ ଜିଲ୍ଲାରେ ରହୁଥିବା ସମସ୍ତ ଜଙ୍ଗମ ପରିବାର ତଥା ଜାତିର ଉନ୍ନତି ଓ ସାମାଜିକ ସୁରକ୍ଷା ଦିଗରେ କାମ କରିବ ବୋଲି ସଭାପତି ଶ୍ରୀ ରାଓ ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




କଲ୍ୟାଣସିଂହପୁର,୧୩।୪(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଭାଗୃହଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣୀରେ ବ୍ଲକ ଅଧ୍ୟକ୍ଷା ଆମ୍ରିତା କାଡ୍ରାକା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଘୋଷନାଲ ବାର୍ଲା, ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା , ପିଏ ଆଇଟିଡିଏ ଚନ୍ଦ୍ର କାନ୍ତ ମାଝୀ, ସିଡ଼ିଏମଓ ଡକ୍ଟର ଭି. ସୋରଜିନୀ ଦେବୀ, ମଞ୍ଚାସୀନ ରହିଥିଲେ। ଏଥିରେ ମୋଟ ୩୪ଟି ଅଭିଯୋଗ ଶୁଣାଣି ହୋଇଥିଲା। ସେଥିରୁ ୨୧ଟି ବ୍ୟକ୍ତିଗତ ସମସ୍ୟା, ୧୩ଟି ଗୋଷ୍ଠୀଭିର୍ତ୍ତିକ ରହିଥିଲା। ପାନୀୟ ଜଳ, ରାସ୍ତା, ବିଦ୍ୟୁତ, କାତାଗୁଡା ଅଙ୍ଗନବାଡି କେନ୍ଦ୍ର ସମସ୍ୟା, ବିଦ୍ୟାଳୟ ଉପରେ ବିଦ୍ୟୁତ ତାର ଯାଇଥିବା ସମସ୍ୟା, ହାତୀମୁଣ୍ଡା କେନାଲ ନିମ୍ନମାନର ହୋଇଥିବା, କଲ୍ୟାଣ ସିଂହପୁର ଲ୍ୟାମ୍ପସରେ ଖରିଫ ଓ ରବି ଚାଷ ପାଇଁ ନିୟନ୍ତ୍ରଣ ବଜାର କମିଟି ପକ୍ଷରୁ ବିହନ ଓ ସାର ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ଦୂର ଦୁରାନ୍ତରୁ ଚାଷୀ ଆସି ହନ୍ତସନ୍ତ ହେଉଥିବାରୁ ଏହାକୁ ନେଇ ଚାଷୀ ସମାଜ ପକ୍ଷରୁ ବୁଡ଼ାଗୁଡା ନିୟନ୍ତ୍ରଣ ବଜାର ଠାରେ ଆଉ ଏକ ଗୋଦାମ ସହ ବିହନ ଓ ସାର ବିକ୍ରୟ କେନ୍ଦ୍ର ଖୋଲିବା ନିମନ୍ତେ ଓ ପାର୍ଶାଲି ରାସ୍ତା ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ। ୧୭ଜଣ ମହିଳା ଓ ପୁରୁଷ ଙ୍କୁ ଘର ଡିହ ପଟା ବଣ୍ଟନ କରାଯାଇଛି। । ସଦର ପଞ୍ଚାୟତର ଏଥିରେ ଜିଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ସମେତ ବିଡ଼ିଓ ମନୀଷା ଦାସ , ତହସିଲଦାର ମାନସ ରଞ୍ଜନ ମାନସେଠ, ସହକାରୀ ଯନ୍ତ୍ରୀ ସମୀର କୁମାର ରଥଙ୍କ ସମେତ ବ୍ଲକ, ତହସିଲ କାର୍ଯ୍ୟାଳୟ ଓ ଆଇସିଡ଼ିଏସ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସମିତି କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ପକ୍ଷରୁ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ'କୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଉଦ୍‌ଘାଟନ କରିଥିଲେ। ଏଥିରେ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ମାଣ୍ଡିଆ ଜାତୀୟ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନୀ କରିଥିଲେ।

# ଚନ୍ଦ୍ରପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଗ୍ରାମସଭା




ଚନ୍ଦ୍ରପୁର,୧୩।୪(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ସଦ୍‌ଭାବନା ଗୃହରେ ଆଜି ସ୍ୱତନ୍ତ୍ର ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସୌମ୍ୟକାନ୍ତ ବୋଙ୍ଗାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୋଇନ କିମ୍ବାକା ସମ୍ମାନିତ ଅତିଥି ଭାବେ ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ବିଭାଗୀୟ ଅଧିକାରୀ ପି ନରେନ୍ଦ୍ର ରାଓ,ଜି ପି ଡି ଏ ରାଜେନ୍ଦ୍ର ପାଳ, ସରପଞ୍ଚ ଭୀମ ଗୋଗେରେଙ୍ଗା, ଫକିର ଗୁମିଟାଙ୍ଗା, ଫୁଲମାଇ କ୍ରାଡିକା, ସମିତି ସଭ୍ୟ ଆକୁମାଝୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ କରୁଣା କର ସେନାପତି, ବିଭିନ୍ନ ପଞ୍ଚାୟତରୁ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱତନ୍ତ୍ର ଗ୍ରାମସଭା ସମ୍ପର୍କରେ ବୁଝାଇଥିଲେ । ଜିପିଡି ଓ ରାଜେନ୍ଦ୍ର ପାଳ ସଭା ସାଙ୍ଗ କରିଥିଲେ। ପ୍ରଦୀପ ଜାଗାରଙ୍ଗା ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଓଡିଆ ପକ୍ଷରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ



ବିଷମ କଟକ,୧୩।୪ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅନୁକୂଲ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ୨୦୨୬ ଓଡିଶା ପକ୍ଷ ପାଳନ ଉପଲକ୍ଷେ ଦୁଇଦିନିଆ ଆମ ଖାଦ୍ୟା ଆମ ରୁଚି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟର ସମସ୍ତ ଅଙ୍ଗନ ୱାଡି କର୍ମୀ , ବିଭିନ୍ନ ମହିଳା ସାଙ୍ଗହହାୟକ ଗୋଷ୍ଠୀଙ୍କ ମିଳିତ ପ୍ରୟାସରେ ଆମ ଖାଦ୍ୟ ଆମ ରୁଚି କାର୍ଯ୍ୟକ୍ରମ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷୟ କେନ୍ଦ୍ରର ଅଧ୍ୟକ୍ଷ ଜଗନ୍ନାଥ ମେହେର ସମିତି ଉପାଧ୍ୟକ୍ଷ ଦେବି ପ୍ରସାଦ ପଟ୍ଟନାୟକ, ବ୍ଲକର ମିଶନ ଶକ୍ତି ଅଧିକାରୀ ମାନସି ଟାକ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ଆମ ଖାଦ୍ୟ ଆମ ରୁଚି ଖାଦ୍ୟ ଶିବିରରେ ସମସ୍ତ ଅଙ୍ଗନ ୱାଡିକର୍ମୀ, ବିଭିନ୍ନ ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀ ତରଫରୁ ପାରମ୍ପରିକ ପୃଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଖାଦ୍ୟ ଶିବିରରେ ପ୍ରଦର୍ଶନ କରାଯାଇଥିଲା। ମହିଳା ସ୍ୱୟଂସହାୟକ ଗୋଷ୍ଠୀ ତରଫରୁ ମାଣ୍ଡିଆ ଚକୁଳି, ମାଣ୍ଡିଆ ଲଡୁ, ମାଣ୍ଡିଆ ଯାଉ, ମାଣ୍ଡିଆ ପିଠା, ମାଣ୍ଡିଆ ଓ ପାଲୁ ମିଶ୍ରିତ ଯାଉ, ମାଣ୍ଡିଆ ଇଡିଲି, କାଙ୍ଗୁଚାଉଳ ଖିରି ଭଳି ବିଭିନ୍ନ ପୃଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଅଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା ପାଖାଳ ଭାତ, ବଡି ଚୁରା, ସଜନା ଭଜା, ବାଇଗଣ ଭଜା, ବାଇଗଣ ଭର୍ତ୍ତା ସାଙ୍ଗକୁ ମାଣ୍ଡିଆରେ ତିଆରି ହୋଇଥିବା ବିଭିନ୍ନ ପୃଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା।

# ବାଲି ପାଇଁ ଟେଣ୍ଡର, ସହରବାସୀ ଆଶ୍ୱସ୍ତ



## ତଥାପି ବାଲି ଚୋରି ପାଇଁ ଦଲାଲ୍ ସଜବାଜ

ଗୁଡାରୀ,୧୩।୪(ସମିସ): ଗୁଡାରୀରେ ସରକାରଙ୍କ ଆବାସ ଗୃହ ହେଉ କି ବେସରକାରୀ କୋଠା ନିର୍ମାଣ ପାଇଁ ଲୋକଙ୍କୁ ଗୁଡାରୀ ପରିଷଦରେ ବାଲି ପାଇଁ ହନ୍ତସନ୍ତ ହେବାକୁ ପଡୁଥିଲା। ନାଳବାଲିର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ନଦୀ ବାଲି କୋର୍ଟ କଚେରୀ ମାମଲାରେ ଛନ୍ଦି ହୋଇ ପଡ଼ିରହିଛି। ଯାହାର ପ୍ରଭାବ କୋଠା ନିର୍ମାଣକାରୀଙ୍କ ଉପରେ ସିଧାସଳଖ ପଡିଛି। ଏମିତି ଘଡି ସନ୍ଧି ମୁହୂର୍ତ୍ତରେ କିଛି ଦିନ ତଳେ ଏହାକୁ ନେଇ ଟେଣ୍ଡର ଡକାଯାଇଥିଲା। କିନ୍ତୁ କୌଣସି କାରଣ ବଶତଃ ଏହାକୁ ବାତିଲ କରିଥିଲେ ରାଜ୍ୟ ଖଣିଜ ସମ୍ପଦ ବିଭାଗ। ଏମିତିରେ ଘର ତିଆରି କରୁଥିବା ଲୋକ ବାଲି ପାଇଁ କାମ ବନ୍ଦ କରିବାକୁ ପଡୁଥିଲା । ନଚେତ ବାଲି ଦଲାଲଙ୍କ ଠାରୁ ଚଢା ଦରରେ କିଣିବାକୁ ପଡୁଥିଲା। ଏଥି ମଧ୍ୟରେ ଜିଲ୍ଲା ଖଣିଜ ବିଭାଗ ଗତ ୯ ତାରିଖ ଦିନ ସାମୂହିକ କିଛି ମାସ ପାଇଁ ବଂଶଧାରାରୁ ୨୮୦୦ ସିଏମ ବାଲିକୁ ଟେଣ୍ଡର କରିଛି। ଏଥିରେ ସବିତା ପଣ୍ଡାଙ୍କ ନାମରେ ୩୨୮୩୦୨ ଟଙ୍କା ଏହି ବାଲି ଟେଣ୍ଡର ଦିଆଯାଇଛି। ବାଲି ପାଇଁ କୋଠା ନିର୍ମାଣ କରି ଟିକେ ଆଶ୍ୱସ୍ତି ପାଇଥିବା ବେଳେ ରୟାଲଟିର ବାଘଛାଲ ଦେଖାଇ ରାତିଅଧିଆ କିମ୍ବା ଦିନ ଦ୍ୱିପହରରେ ବାଲି ଚୋରି କରିବା ବାଟ ଫିଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ଖଣିଜ ସମ୍ପଦ ବିଭାଗ ବାଲିକୁ ନେଇ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ପାଇଁ ଅନେଇ ବସି ରହିଥିବା ବେଳେ ଏପଟେ ବିନା କାଗଜପତ୍ରରେ ରାତି ଅଧିଆ ବାଲି ଚୋରି କରି ବିକ୍ରି କରିବା ପାଇଁ ଯୋଜନା ଆରମ୍ଭ କରିଥିବା ଲୋକଲୋଚନ ଆସୁଛି। ବିଗତ ବର୍ଷ ଗୁଡ଼ିକରେ ଲକ୍ଷ ଲକ୍ଷ ଟଙ୍କା ବାଲି ଚୋରା ଚାଲାଣ ହୋଇଛି । ଏଥିରେ ବିଭାଗ ଧରପଗଡ଼ରେ କିଛି ଗାଡି ଧରାପଡି ଥିବାବେଳେ ଅନେକ ବାଲି ମାଫିଆ ଏହି ବ୍ୟବସାୟରେ ମାଲେମାଲ ହୋଇଛନ୍ତି। ଏଣୁ ନେଡ଼ି ଗୁଡ କଉଣୀକୁ ବୋହିବା ପୂର୍ବରୁ ଜିଲ୍ଲା ଲଘୁ ଖଣିଜ ସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ। ନଚେତ ବାଲି ଦଲାଲମାନେ ଗାଡ଼ି ଘୋଡ଼ା ଧରି ଆରାମରେ ରହୁଥିବା ବେଳେ ବିଭାଗ ଦେବାଳିଆ ହେବା ବଡ଼କଥା ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ଲାଗିରହିଛି।

# ମନ୍ଦିର ପରିସର ସଫା କଲେ 'ପାଳକ'

## ସର୍ବଧର୍ମ ସମାନର ଦେଲେ ବାର୍ତ୍ତା



ନନ୍ଦପୁର,୧୩।୪ (ସମିସ): ମହା ବିଷୁବ ସଂକ୍ରାନ୍ତି ନେଇ ନନ୍ଦପୁର ହନୁମାନ ମନ୍ଦିରରେ ରଙ୍ଗ ଲଗା ସହ ସଫେଇ କାର୍ଯ୍ୟ ଚାଲିଥିବା ବେଳେ ନିଜସ୍ୱ ଇଚ୍ଛାରେ ଜଣେ ଈଶାଇ ଧାର୍ମର ପାଳକ ବିମଳ ରାଓ ସ୍ମିଥ୍ କୋଦାଳ ଝାଡୁ ଧରି ମନ୍ଦିର ପରିସରରେ ଆବର୍ଜନା ସଫା କରିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। ଧର୍ମକୁ ନେଇ ରାଜନୀତି କରୁଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଗୋଟିଏ ବଡ ଶିକ୍ଷା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ ସୋମବାର ସକାଳୁ ନନ୍ଦପୁର ସ୍ଥିତ ହନୁମାନ ମନ୍ଦିର ପରିସରରେ ପ୍ରେସ କ୍ଲବ୍ ପକ୍ଷରୁ ସଭାପତି ତ୍ରିନାଥ ଖରା , ଲୁଜିଂ ଅଙ୍ଗନୱାଡ଼ି କର୍ମୀ ସ୍ନେହ ମୟୀ ଦାସ, ବିଜେଡି ମହିଳା ସଭାନେତ୍ରୀ କୁନି ପାଲି , ଭାରତୀ ପଣ୍ଡା , ଯୁବ ସାମାଜିକ ଜି. କିରଣ କୁମାର, ସନୁ ପାଙ୍ଗି ପ୍ରେସ କ୍ଲବ୍ ସମ୍ପାଦକ ରମେଶ କୁମାର ଅଧିକାରୀ ପ୍ରମୁଖ ସଫେଇ କାର୍ଯ୍ୟ କରୁଥିବା ସମୟରେ ସ୍ୱଇଚ୍ଛାରେ ଜଇଲମ ଚର୍ଚ୍ଚର ପାଳକ ବିମଳ ରାଓ ସ୍ମିଥ କୋଦାଳ ଓ ଝାଡୁ ଧରି ଏହି ସଫେଇ କାର୍ଯ୍ୟରେ ସାମିଲ ହୋଇ ମନ୍ଦିର ପରିସରର ଅଳିଆ ଆବର୍ଜନା ସଫେଇ କରିଥିଲେ। ସୁନାମ ଧନ୍ୟ କବି ବିଚିତ୍ରା ନନ୍ଦ ପଣ୍ଡା ତାଙ୍କୁ ପ୍ରଶଂସା କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଶୈଶବର ସ୍ମୃତି ହୃଦୟର ଚିରନ୍ତନ ସମ୍ପଦ।
-କୈଳାସ ସତ୍ୟାର୍ଥୀ

## ଅର୍ଥନୈତିକ ବିପଦ

୧୫ ଦିନିଆ ଯୁଦ୍ଧବିରତି ମଧ୍ୟରେ ଇସଲାମାବାଦରେ ଅନୁଷ୍ଠିତ ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି କଥାବାର୍ତ୍ତା ବିଫଳ ହୋଇଛି। ସାରା ବିଶ୍ୱର ନଜର ଇସଲାମାବାଦ ଉପରେ ଥିବା ବେଳେ ବିନା କୌଣସି ସହମତିରେ ୨୧ ଘଣ୍ଟିଆ ଆଲୋଚନା ଶେଷ ହୋଇଛି। ଯଦି ଯୁଦ୍ଧବିରତି ଜାରି ରହେ, ତାହାହେଲେ ଆଲୋଚନା ପାଇଁ ଆହୁରି ସୁଯୋଗ ରହିଛି। ଦୁଇପକ୍ଷ ମଧ୍ୟରେ ଯେଉଁସବୁ ପ୍ରସଙ୍ଗକୁ ନେଇ କଥାବାର୍ତ୍ତା ବିଫଳ ହୋଇଥିବା କୁହାଯାଉଛି, ସେଗୁଡ଼ିକ ହେଉଛି ପୁରୁଣା ବିବାଦ। ଦୀର୍ଘ ଦିନର ଜଟିଳ ବିବାଦ ଗୋଟିଏ ଦିନରେ ସମାଧାନ ହୋଇଯିବ ବୋଲି ଆଶା କରିବା ବୃଥା; ଏହା ଉଭୟ ଆମେରିକା ଏବଂ ଇରାନ ସ୍ୱୀକାର କରିଛନ୍ତି। ସେମାନେ ଏହି ପ୍ରସଙ୍ଗରେ ଆଗକୁ ମଧ୍ୟ ଆଲୋଚନା ଜାରି ରଖିବେ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ଏହି ଆଲୋଚନା ପାଇଁ ମଧ୍ୟସ୍ଥି ସାଜିଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଆଶାବାଦୀ। ସେପଟେ ଏହି ଆଲୋଚନାକୁ ବଢ଼ାଇ ନେବା ଲାଗି ରୁଷ୍ ମଧ୍ୟ ଆଗେଇ ଆସିଛି। ରୁଷ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସମାପ୍ତ କରିବା ଲାଗି ସେ ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛନ୍ତି। ୟୁକ୍ରେନ୍ ଯୁଦ୍ଧରେ ମାତିଥିବା ରୁଷର ଏହି ପ୍ରସ୍ତାବକୁ ଆମେରିକା କେତେଦୂର ଗ୍ରହଣ କରୁଛି, ତାହା ଦେଖିବାର କଥା। ତେବେ ଇସଲାମାବାଦ ଆଲୋଚନା ସରିବା ମାତ୍ରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଯେଉଁଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ତାହା ଉଦ୍‌ବେଗଜନକ। ତାଙ୍କର ପ୍ରତିକ୍ରିୟା ଏବଂ ହର୍ମୁଜ ସମୁଦ୍ରପଥ ଅବରୋଧ କରିବା ଲାଗି ଧମକ ଯୁଦ୍ଧ ଅପେକ୍ଷା ଅର୍ଥନୈତିକ ସଙ୍କଟକୁ ଅଧିକ ଘନୀଭୂତ କରିବାକୁ ଯାଉଛି। ଇରାନ ସହ ୪୦ ଦିନରୁ ଅଧିକ ସମୟ ଧରି ଯୁଦ୍ଧ ଯୋଗୁଁ



ଆମେରିକା କେବଳ ସାମରିକ ରୂପେ କ୍ଷତିଗ୍ରସ୍ତ ହୋଇନାହିଁ, ଅପମାନଜନକ ପରିସ୍ଥିତିର ମଧ୍ୟ ସମ୍ମୁଖୀନ ହୋଇଛି। ଏଭଳି ପରିସ୍ଥିତିରେ ହର୍ମୁଜ ସମୁଦ୍ରପଥକୁ ଅବରୋଧ କରିବା ଲାଗି ଧମକ ଦେଇ ଟ୍ରମ୍ପ ଆଉ ଗୋଟିଏ ସଙ୍କଟକୁ ଆମନ୍ତ୍ରଣ କରିଛନ୍ତି। ଏହି ପଥ ଦେଇ ବିଶ୍ୱର ୨୦ ଭାଗ ତୈଳ ଓ ଗ୍ୟାସ୍ କାରବାର ହେଉଥିବା ବେଳେ ଏହା ଅବରୁଦ୍ଧ ହୋଇ ରହିଲେ ବିଶ୍ୱ ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଯୁଦ୍ଧବିରତି ଘୋଷଣା ପରେ ଅଶୋଧିତ ତେଲ ବଜାରରେ ଯେଉଁ ଉତ୍ସାହ ପରିଲକ୍ଷିତ ହୋଇଥିଲା, ଇସଲାମାବାଦ କଥାବାର୍ତ୍ତା ବିଫଳ ହେବାପରେ ସେଥିରେ ନିଆଁ ଲାଗିଛି। ଗୋଟିଏ ଦିନ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ପାର କରିଯାଇଛି। ଟ୍ରମ୍ପଙ୍କ ଏଭଳି ଅସହିଷ୍ଣୁ ଏବଂ ଅପରିଣାମଦର୍ଶୀ ପଦକ୍ଷେପ ସାରା ବିଶ୍ୱ ପାଇଁ ବିପଦ ଟାଣି ଆଣିବାକୁ ଯାଉଛି। ଯାହା ଜଣାପଡୁଛି, ଗତ ୧୨ମାସର ତିକ୍ତ ଅନୁଭୂତିରୁ କିଛି ଶିକ୍ଷା ହାସଲ କରି ନାହାନ୍ତି ଟ୍ରମ୍ପ। ଦ୍ୱିତୀୟଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁଳ୍କ ନାମରେ ସେ ସାରାବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲେ। ଭାରତ ସମେତ ଅନେକ ଦେଶ ଉପରେ ମନଇଚ୍ଛା ଅତ୍ୟଧିକ ଶୁଳ୍କ ଧାର୍ଯ୍ୟ କରିଥିଲେ। କିନ୍ତୁ ଏହି ଅର୍ଥନୈତିକ ଯୁଦ୍ଧରେ ଚୀନ ତାଙ୍କୁ ଠିକଣା ଜବାବ ଦେଇଥିଲା। ଚୀନ୍‌ରୁ ବିରଳ ମୃତ୍ତିକା ଖଣିଜ ହାତେଇବା ଲାଗି ତାଙ୍କର ଯୋଜନା ଫେଲ୍ ମାରିଥିଲା। ପୁଣି ଚୀନ ମଧ୍ୟ ବିରଳ ମୃତ୍ତିକା ଖଣିଜ କ୍ଷେତ୍ରରେ ନିଜର ଦବଦବା ବଜାୟ ରଖିଲା। ଫଳରେ ଆମେରିକାରେ ଆନୁଷଙ୍ଗିକ ସାମଗ୍ରୀ ମହଙ୍ଗା ହେଲା। ଏହାକୁ ନେଇ ଟ୍ରମ୍ପ ନିଜ ଦେଶ ଭିତରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିବା ବେଳେ ଇରାନ ଯୁଦ୍ଧ ତାଙ୍କୁ ଅକଳରେ ପକାଇ ଦେଇଛି। ବିଶ୍ୱ ବାଣିଜ୍ୟର ପ୍ରାଣକେନ୍ଦ୍ର କୁହାଯାଉଥିବା ହର୍ମୁଜକୁ ଅସ୍ତ୍ର କରି ଇରାନ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି କରିଛି। ଆମେରିକା ଓ ଏହାର ସହଯୋଗୀ ଦେଶଙ୍କ ତୈଳ ଜାହାଜକୁ ହର୍ମୁଜ ଦେଇ ବାହାରିବାକୁ ଦେଉନାହିଁ। ଫଳରେ ହର୍ମୁଜରେ ୩ ହଜାରରୁ ଅଧିକ ତୈଳ ଜାହାଜ ଅଟକି ରହିଥିବାରୁ ବିଶ୍ୱ ତୈଳ ବଜାରରେ ନିଆଁ ଲାଗିଛି। ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯ୍ୟକାଳ ସମୟରେ ଇରାନ ତେଲ ଉପରେ କଟକଣା ଜାରି କରିଥିଲେ। ଏବେ ଇରାନ ଯୁଦ୍ଧ ପରେ ତୈଳ ସଙ୍କଟ ପରିପ୍ରେକ୍ଷୀରେ ଇରାନର ତେଲ କାରବାର ଉପରୁ କଟକଣା ହଟାଇ ନେଇଛନ୍ତି। ଇରାନରେ ଅଟକି ରହିଥିବା ୧୪ଲକ୍ଷ ବ୍ୟାରେଲ ତେଲ ବିଶ୍ୱ ବଜାରରେ ପହଞ୍ଚିଥିଲା ଏବଂ ତେଲ ଦର ଉପରୁ ଚାପ କମିଥିଲା। କିନ୍ତୁ, ଇସଲାମାବାଦ ଆଲୋଚନା ବିଫଳ ହେବା ପରେ ଆମେରିକାର ନୌସେନା ହର୍ମୁଜ ଅବରୋଧ କରିବା ଲାଗି ତାଙ୍କର ଧମକ ନୂଆ ସଙ୍କଟ ସୃଷ୍ଟି କରିବାକୁ ଯାଉଛି। ଏଥିରେ ଆମେରିକାର ହିଁ କ୍ଷତି ହେବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେମାନଙ୍କ ମତରେ, ଗତ ୧୨ମାସରେ ଟ୍ରମ୍ପଙ୍କ କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ ଅର୍ଥନୈତିକ ଯୁଦ୍ଧରେ ଏବଂ ବିଶେଷକରି ମୁଦ୍ରାଶକ୍ତିଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ଏବଂ କଞ୍ଚାମାଲ କ୍ଷେତ୍ରରେ ଆମେରିକାର ଆଉ ଆଧିପତ୍ୟ ରହିନାହିଁ। ଅର୍ଥନୀତି କ୍ଷେତ୍ରରେ ଆମେରିକା ସ୍ୱାବଲମ୍ବୀ ବୋଲି ଟ୍ରମ୍ପ ଯେତେ ଭାଷଣ ଦେଲେ ମଧ୍ୟ ଆମେରିକା ନିଜର ଚାହିଦା ମେଣ୍ଟାଇବା ପାଇଁ ଚୀନ, କାନାଡ଼ା ଏବଂ ହର୍ମୁଜ ଉପରେ ନିର୍ଭରଶୀଳ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ନବବର୍ଷ-ନବଉନ୍ମାଦନା



ତ୍ରିନାଥ ନନ୍ଦୀ

ଓଡ଼ିଆ ଜୀବନଚେତନାର ଗୁହ୍ୟ ଅନ୍ତଃସ୍ଥଳରେ ଯେଉଁ ଅସ୍ମିତାର ପରିଚୟ ସଦା ଧ୍ୱନିତ ହୁଏ, ସେହି ଅସ୍ମିତାର ସର୍ବାଧିକ ସ୍ପଷ୍ଟ ପ୍ରତିଧ୍ୱନି ଶୁଣିବାକୁ ମିଳେ ଓଡ଼ିଆ ନବବର୍ଷର ପବିତ୍ର ଉତ୍ସବରେ। ଏହା କେବଳ ଏକ ସାମୟିକ ପରିବର୍ତ୍ତନ ନୁହେଁ; ଏହା ଅସ୍ତିତ୍ୱର ଗଭୀର ଅନ୍ତରର ଏକ ଅନ୍ତର୍ନିହିତ ନବଚେତନାର ଅବିର୍ଭାବ, ଏକ ଆତ୍ମପରିଶୋଧନ, ଗଭୀର ଚିନ୍ତନର ଅନ୍ତଦୃଷ୍ଟି ଓ ଏକ ସୃଜନଶୀଳ ଉଦ୍ଭାସ। "ନବଉନ୍ମାଦନା" ଏଠାରେ ଉତ୍ସବୀୟ ଉତ୍ସାହର ସରଳ ପରିଭାଷାକୁ ଅତିକ୍ରମ କରି ଏକ ଗଭୀର ଦାର୍ଶନିକ ଅନୁଭୂତିର ଆକାର ଧାରଣ କରେ, ଯେଉଁଠାରେ ମନୁଷ୍ୟ ନିଜ ସତ୍ତା ସହିତ ପୁନଃ ସଂଳାପ କରେ। ବୈଶାଖର ଆଗମନ ଏକ ନୂତନ ସୂର୍ଯ୍ୟୋଦୟର ସୂଚନା ମାତ୍ର ନୁହେଁ; ଏହା ମନୁଷ୍ୟ ଜୀବନରେ ନବଚେତନାର ସ୍ପନ୍ଦନକୁ ଉଦ୍ଭାସିତ କରେ। ପଣା ସଂକ୍ରାନ୍ତିର ଦିନ, ତପ୍ତ ତାପରେ ମଧ୍ୟ ଯେ ଶୀତଳ ପାନୀୟ ପଣା ଆମ ଶରୀରକୁ ସଂତୃପ୍ତ କରେ, ସେହିପରି ଆମ ପରମ୍ପରା ଓ ସଂସ୍କୃତି ଆମ ଆତ୍ମାକୁ ଶାନ୍ତି ଓ ସ୍ଥିରତା ଦାନ କରେ। ଏହି ଶୀତଳତା କେବଳ ଦୈହିକ ନୁହେଁ; ଏହା ଏକ ଆତ୍ମିକ ସଂତୃପ୍ତି, ଯାହା ଆମକୁ ଆମର ମୂଳ ସହିତ ପୁନଃ ସଂଯୋଗ କରେ।

ଓଡ଼ିଶାର ନବଉନ୍ମାଦନାର ସାର ଅନୁଭୂତି ଲୁକାଇଛି ତାହାର ସାମୁହିକ ଚେତନାରେ। ଏହି ଦିନରେ ଗାଁର ପଥ, ସହରର ଛକ, ଘରର ଦାଣ୍ଡ ଦୁଆର ସବୁଠି ଏକ ଅଦୃଶ୍ୟ ସମ୍ବନ୍ଧର ସମନ୍ୱୟ ସୃଷ୍ଟି ହୁଏ। ମନୁଷ୍ୟ ନିଜ ସ୍ୱାର୍ଥକୁ ଭୁଲି ସାମୁହିକ ଆନନ୍ଦରେ ନିମଗ୍ନ ହୁଏ। ଏହି ସାମୁହିକତା ହେଉଛି ଓଡ଼ିଆ ସଂସ୍କୃତିର ମୂଳ ମନ୍ତ୍ର , ଯେଉଁଠାରେ 'ମୁଁ' ର ସୀମା ଭଙ୍ଗି 'ଆମେ'ର ଅସୀମତାରେ ପ୍ରବେଶ କରାଯାଏ। ପରମ୍ପରା ଏଠାରେ କେବଳ ଗତକାଲିର ଅବଶେଷ ନୁହେଁ; ଏହା ଏକ ଜୀବନ୍ତ ସ୍ରୋତସ୍ୱିନୀ, ଯାହା ନବନବ ରୂପରେ ଆଜି ମଧ୍ୟ ପ୍ରବାହିତ। ପଣା ପାନର ରୀତି, ତୁଳସୀ ଚଉରାରେ ପାନୀୟ ଅର୍ପଣ, ମନ୍ଦିରରେ ପୂଜା ଓ ବିଭିନ୍ନ ଲୋକାଚାର , ଏହି ସବୁ ମାଧ୍ୟମରେ ଆମେ ଆମର ପୂର୍ବଜମାନଙ୍କର ସଂସ୍କୃତିକ ଧରୋହରକୁ ସ୍ପର୍ଶ କରିଥାଉ। ଏହା ଏକ ସଂସ୍କୃତିକ ସଂଳାପ, ଯେଉଁଠାରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକ ଅଖଣ୍ଡ ସୂତ୍ରରେ ବାନ୍ଧାଯାଏ। ସାହିତ୍ୟ ଏହି ନବଉନ୍ମାଦନାର ଅନ୍ତର୍ମୁଖୀ ପ୍ରତିଚ୍ଛବି। ଓଡ଼ିଆ ସାହିତ୍ୟରେ ନବବର୍ଷ ଏକ ଅନୁପମ ପ୍ରେରଣାର ସ୍ରୋତ। କବିମାନେ ଏହି ଦିନକୁ ନେଇ ନୂତନ ଭାବନାର ସୃଷ୍ଟି କରନ୍ତି। ଯେଉଁଠାରେ ଜୀବନର ଅସାରତା ଓ ସାର୍ଥକତା ଦୁହିଁକୁ ସମାନ ଭାବେ ବିଶ୍ଳେଷଣ କରାଯାଏ। ନବବର୍ଷ ଏକ ପ୍ରଶ୍ନ—ଆମେ କେଉଁଠି ଅଛୁ ? ଆମର ଗତିପଥ କେଉଁଠାରେ? ଏହା ଆମକୁ ଆତ୍ମପରିଶୋଧନର ଏକ ସୁଯୋଗ ଦିଏ, ଯେଉଁଠାରେ ଆମେ ନିଜର ଅନ୍ତର୍ଦ୍ୱନ୍ଦ୍ୱକୁ ସ୍ୱୀକାର କରି ଏକ ନୂତନ ପଥର ସନ୍ଧାନ କରିପାରିବା।

କଳା ଏହି ଚେତନାର ଦୃଶ୍ୟମାନ ରୂପ। ପଟ୍ଟଚିତ୍ରର ରେଖାରେ, ତାଳପତ୍ରର ଖୋଦନରେ, ଓଡ଼ିଶୀ ନୃତ୍ୟର ଭଙ୍ଗୀମାରେ ସବୁଠି ଏହି ନବଉନ୍ମାଦନାର ସ୍ପନ୍ଦନ ଅନୁଭୂତ ହୁଏ। ଏହା କେବଳ ଶିଳ୍ପୀର କୌଶଳ ନୁହେଁ; ଏହା ତାଙ୍କର ଅନ୍ତରର ଅଭିବ୍ୟକ୍ତି, ଯାହା ସମାଜର ସାମୁହିକ ଚେତନାକୁ ଆକାର ଦିଏ। ସଙ୍ଗୀତର ସ୍ୱରରେ, ମୃଦଙ୍ଗର ତାଳରେ ଓ ନୃତ୍ୟର ଶବ୍ଦରେ ଏହି ନୂତନ ଆଶା ଓ ଆନନ୍ଦର ଧ୍ୱନି ପ୍ରତିଧ୍ୱନିତ ହୁଏ।

ଆଧୁନିକତାର ପ୍ରବଳ ପ୍ରବାହରେ ଯେଉଁଠି ମନୁଷ୍ୟ ଧୀରେ ଧୀରେ ନିଜର ମୂଳକୁ ଭୁଲିଯାଉଛି, ସେଠି ଏହି ନବବର୍ଷ ଏକ ଜାଗରଣର ଆହ୍ୱାନ। ଏହା ଆମକୁ ସ୍ମରଣ କରାଏ ଯେ ପ୍ରଗତି କେବଳ ପ୍ରଯୁକ୍ତିର ଉନ୍ନତି ନୁହେଁ, ଏହା ଆମର ମୂଲ୍ୟବୋଧର ସୁରକ୍ଷା ଓ ସଂରକ୍ଷଣରେ ନିହିତ। ନବଉନ୍ମାଦନା ଏଠାରେ ଏକ ସମନ୍ୱୟ; ଯେଉଁଠାରେ ପରମ୍ପରା ଓ ଆଧୁନିକତା ଏକାଠି ଚାଲିଥାଏ, ଏକାଠି ବୃଦ୍ଧି ପାଏ। ଏହି ଦିନରେ ମନୁଷ୍ୟ ନିଜ ଜୀବନର ଅର୍ଥକୁ ପୁନଃ ପରିଭାଷିତ କରେ। ଗତବର୍ଷର ସଫଳତା ଓ ବିଫଳତାକୁ ସ୍ମରଣ କରି, ସେ ଏକ ନୂତନ ଆଶା ସହିତ ଆଗକୁ ବଢ଼ିବାର ସଙ୍କଳ୍ପ ନିଏ। ଏହି ସଙ୍କଳ୍ପ କେବଳ ବ୍ୟକ୍ତିଗତ ନୁହେଁ; ଏହା ସାମୂହିକ ମଧ୍ୟ। ସମାଜର ଉନ୍ନତି, ସଂସ୍କୃତିର ସୁରକ୍ଷା ଓ ମାନବତାର ପ୍ରତିଷ୍ଠା, ଏହି ସବୁ ଆମର ନୂତନ ବର୍ଷର ପ୍ରାର୍ଥନା ଓ ପ୍ରତିଜ୍ଞା ହେବା ଉଚିତ।

ଓଡ଼ିଶାରେ ନବବର୍ଷରେ ନବଉନ୍ମାଦନା ଏକ ଅନନ୍ୟ ସଂସ୍କୃତିକ ଅନୁଭୂତି, ଯେଉଁଠାରେ ଉତ୍ସବ ଓ ଦାର୍ଶନିକତା, ଆନନ୍ଦ ଓ ଆତ୍ମଚିନ୍ତନ, ପରମ୍ପରା ଓ ନୂତନତ୍ୱ ଏକ ସୁନ୍ଦର ସମନ୍ୱୟରେ ବିଲୀନ ହୋଇଥାଏ। ଏହା ଆମକୁ କେବଳ ଖୁସି ଦିଏ ନୁହେଁ; ଏହା ଆମକୁ ଚିନ୍ତନ କରିବା କୁ, ବିଚାର କରିବାକୁ ଓ ନୂତନ ଦୃଷ୍ଟିକୋଣ ଗଢ଼ିବାକୁ ପ୍ରେରିତ କରେ। ଏହି ନବଉନ୍ମାଦନା ହେଉଛି ଜୀବନର ଏକ ନୂତନ ଅଧ୍ୟାୟ-ଯେଉଁଠାରେ ପ୍ରତ୍ୟେକ ଶେଷ ଏକ ନୂତନ ଆରମ୍ଭର ସୂଚନା ଦିଏ, ପ୍ରତ୍ୟେକ ଅନ୍ଧକାର ଏକ ନୂତନ ପ୍ରଭାତର ଆଶା ଜନ୍ମାଏ। ଓଡ଼ିଆ ନବବର୍ଷ ଆମକୁ ଏହି ଶାଶ୍ୱତ ସତ୍ୟର ସ୍ମରଣ କରାଏ—ଜୀବନ ଏକ ଅବିରତ ପ୍ରବାହ, ଯେଉଁଠାରେ ପରିବର୍ତ୍ତନ ହେଉଛି ଏକମାତ୍ର ନିୟମ, ଓ ନବଉନ୍ମାଦନା ହେଉଛି ସେହି ପରିବର୍ତ୍ତନର ସୁନ୍ଦରତମ ପ୍ରତିଚ୍ଛବି। ଏହି ଭାବନାର ସହିତ, ଆମେ ଏହି ନୂତନ ବର୍ଷକୁ କେବଳ ଉତ୍ସବ ଭାବେ ନୁହେଁ; ବରଂ ଏକ ଗଭୀର ଜୀବନଦର୍ଶନ ଭାବେ ଗ୍ରହଣ କରିବା, ଯାହା ଆମକୁ ଆମର ମୂଳ ସହିତ ଯୋଡ଼ି ରଖିବ, ଆମକୁ ଆମର ଭବିଷ୍ୟତ ପାଇଁ ପ୍ରେରିତ କରିବ ଓ ଆମକୁ ଏକ ସମୃଦ୍ଧ ଓ ସୁନ୍ଦର ସମାଜ ଗଢ଼ିବାର ପଥ ଦେଖାଇବ।

ଜଳେଶ୍ୱର, ବାଲେଶ୍ୱର
ମୋ-୮୧୧୮୦୪୦୩୯୦
email - writertrinath2020@gmail.com

## ଏଠାରେ ଧୂମପାନ ନିଷେଧ

ପ୍ରଣତି ଆଚାର୍ଯ୍ୟ ମିଶ୍ର

କଳ୍ପନା କରନ୍ତୁ, ଆପଣ ଏକ ପାର୍କରେ ବସିଛନ୍ତି। ସିଗାରେଟ୍ ପ୍ୟାକେଟ ଖୋଲିବା ମାତ୍ରେ, ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପହଞ୍ଚିଯାଏ। ଆମ ସହରରେ, କାର୍ଯ୍ୟାଳୟରେ, ସ୍କୁଲରେ କିମ୍ବା ଅନ୍ୟ ଯେକୌଣସି ସ୍ଥାନରେ ଧୂମପାନ ନିଷେଧ ସାଇନବୋର୍ଡ ଦେଖିଛନ୍ତି। ଏହା କେତେ ପାଳନ କରାଯାଏ ସମସ୍ତେ ଜାଣନ୍ତି। କିନ୍ତୁ ଏପରି ଏକ ସହର ଅଛି, ଯେଉଁଠାରେ ସିଗାରେଟ୍‌ର ସାମାନ୍ୟତମ ଧୂଆଁ ପ୍ରତି ମଧ୍ୟ କଡ଼ାକଡ଼ି ନଜର ରଖାଯାଏ। ଏହା କାନାଡାର ବ୍ରିଟିଶ କଲମ୍ବିଆ ପ୍ରଦେଶରେ ଅବସ୍ଥିତ ବର୍ନାବି ସହରର କଥା। ଏହି ସହର ଏହାର ସବୁଜିମା ପାଇଁ ପ୍ରସିଦ୍ଧ। ଆଜି ଏହାର ସବୁଠାରୁ ବଡ଼ ପରିଚୟ ହେଉଛି ଏହାର କଠୋର ଧୂମପାନ ବିରୋଧୀ ଆଇନ। ଏଠାକାର ବାୟୁ ନିକୋଟିନ୍ ଅପେକ୍ଷା ପ୍ରକୃତିର ସତେଜତାରେ ପରିପୂର୍ଣ୍ଣ। ସାର୍ବଜନୀନ ପାର୍କ, ବେଳାଭୂମି କିମ୍ବା ଖେଳ ପଡ଼ିଆରେ ମଧ୍ୟ ଧୂମପାନ କଡ଼ାକଡ଼ି ଭାବରେ ନିଷେଧ। ଏହି ସହର ଧୂଆଁରୁ କିପରି ମୁକ୍ତ ହେଲା ଏବଂ ଏହା ପଛରେ କ'ଣ ବ୍ୟବସ୍ଥା ଅଛି? ଆସନ୍ତୁ ନଜର ପକାଇବା।

କାନାଡାର ବର୍ନାବି ସହର ଭାନକୁଭରର ପଡ଼ୋଶୀ। ଏହାର ସ୍ୱାସ୍ଥ୍ୟ ନୀତି ଯୋଗୁଁ ଏହା ସମୃଦ୍ଧ। ଏଠାକାର ପ୍ରଶାସନ ଜନସ୍ୱାସ୍ଥ୍ୟ ସମ୍ପର୍କରେ କୌଣସି ସାଲିସ କରନ୍ତି ନାହିଁ। ନଗର ପ୍ରଶାସନ ସାର୍ବଜନୀନ ସ୍ଥାନରେ ଧୂମପାନକୁ ସମ୍ପୂର୍ଣ୍ଣ ନିଷେଧ କରିଛି। ବର୍ନାବିରେ ଥିବା ସମସ୍ତ ସାର୍ବଜନୀନ ପାର୍କ, ବେଳାଭୂମି, ଖେଳ ପଡ଼ିଆକୁ ଧୂମପାନ ମୁକ୍ତ ଘୋଷଣା କରାଯାଇଛି। କଠୋର ନିୟମ, ସାରା ସହରରେ ୬ମିଟର ବଫର ଜୋନ୍ ସୃଷ୍ଟି କରିଛି। ଏହି ନିୟମ ଅନୁଯାୟୀ, ଯେକୌଣସି ସାର୍ବଜନୀନ କିମ୍ବା ବାଣିଜ୍ୟିକ କୋଠାରେ ଯେକୌଣସି ଦ୍ୱାର, ଝରକା କିମ୍ବା ଭେଣ୍ଟିଲେସନର ୬ ମିଟର (ପ୍ରାୟ ୨୦ ଫୁଟ) ମଧ୍ୟରେ ଧୂମପାନ କରିବା ଏକ ଆଇନଗତ ଅପରାଧ।

ଧୂମପାନ ନିଷେଧ ନିୟମ ଲାଗୁ କରିବା ପାଇଁ ବର୍ନାବିର ରାସ୍ତାରେ ଉପ-ଆଇନ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଏଥିପାଇଁ ଜରିମାନା ଅତ୍ୟଧିକ। ଉଲ୍ଲଂଘନ ପାଇଁ ୧୦୦ ରୁ ୫୦୦ ପର୍ଯ୍ୟନ୍ତ କାନର୍ଡିଆନ୍ ଡଲାର ଜରିମାନା ଧାର୍ଯ୍ୟ କରାଯାଇଛି। ଯଦିଓ ଅନେକ ଏହାକୁ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବୋଲି ବିବେଚନା କରନ୍ତି।

କିନ୍ତୁ ପ୍ରଶାସନ ସ୍ପଷ୍ଟ ଭାବରେ କହିଛି ଯେ, ଆପଣଙ୍କ ପସନ୍ଦ ସେହିଠାରେ ଶେଷ ହୁଏ ଯେଉଁଠାରେ ଅନ୍ୟ କାହାର ସ୍ୱାସ୍ଥ୍ୟ ପ୍ରତି ବିପଦ ଆରମ୍ଭ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟଗୁଡ଼ିକ ମଧ୍ୟ ନିଶ୍ଚିତ କରେ ଯେ ଧୂମପାନ ମୁକ୍ତ ଅଞ୍ଚଳ ସୃଷ୍ଟି କରିବା ଦ୍ୱାରା ହୃଦୟ ଏବଂ ଫୁସଫୁସ ରୋଗର ଘଟଣା ଯଥେଷ୍ଟ ହ୍ରାସ ପାଇଛି। ଯଦିଓ ବର୍ଣ୍ଣାବିର ଲୋକମାନେ ବ୍ୟକ୍ତିଗତ ସ୍ଥାନରେ ଧୂମପାନ କରିପାରିବେ। ତଥାପି ସାର୍ବଜନୀନ ସ୍ଥାନରେ ଧୂମପାନ କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ।

ସହରର ନିଷିଦ୍ଧ ଜିନିଷଗୁଡ଼ିକ ମଧ୍ୟରେ ସିଗାରେଟ୍, ପାଇପ୍ ସିଗାର ଏବଂ ଇ-ସିଗାରେଟ୍ ଅନ୍ତର୍ଭୁକ୍ତ। ଉଲ୍ଲଂଘନକାରୀଙ୍କୁ CCTV କ୍ୟାମେରା ମାଧ୍ୟମରେ ତଦାରଖ କରାଯାଏ। ବର୍ଣ୍ଣାବିର ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି। ଫଳସ୍ୱରୂପ ପାର୍କଗୁଡ଼ିକରେ ସିଗାରେଟ୍ ଅପଚୟରେ ୭୦% ହ୍ରାସ ଘଟିଛି।

ବର୍ନାବି ଭଳି ଛୋଟ କିନ୍ତୁ ସଂଗଠିତ ସହରର ମଡେଲ ଭାରତ ପାଇଁ ଏକ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ଦିଲ୍ଲୀ, ମୁମ୍ବାଇ ବେଙ୍ଗାଲୁରୁ କିମ୍ବା ଆମ ଭୁବନେଶ୍ୱର ଭଳି ସହର, ଯେଉଁଠାରେ ଜନସଂଖ୍ୟା ଘନତା ଅଧିକ, ସମଗ୍ର ସହରକୁ ଧୂମପାନ ମୁକ୍ତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ। ତଥାପି, ସାର୍ବଜନୀନ ପାର୍କ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ଧୂମପାନ ମୁକ୍ତ କରି ଏକ ଛୋଟ ପଦକ୍ଷେପ ଆରମ୍ଭ କରାଯାଇପାରିବ।

ବର୍ନାବି ଭଳି ସହର ପ୍ରମାଣ କରିଛି ଯେ ଇଚ୍ଛାଶକ୍ତି ସହିତ, ବାୟୁକୁ ପୁଣି ଥରେ ସଫା କରାଯାଇପାରିବ। ଏହା କେବଳ ଏକ ଆଇନ ନୁହେଁ ବରଂ ଭବିଷ୍ୟତ ପିଢ଼ିକୁ ସୁସ୍ଥ ଫୁସଫୁସ ଦେବାର ଏକ ପ୍ରତିଶ୍ରୁତି।

ବର୍ନାବି ବିଶ୍ୱର ଏକମାତ୍ର ସହର ନୁହେଁ ଯାହା ଧୂମପାନ ବିରୁଦ୍ଧରେ ଲଢୁଛି। ମେକ୍ସିକୋ ଏବଂ ଭୁଟାନ ଭଳି ଦେଶଗୁଡ଼ିକ ମଧ୍ୟ ଏହାକୁ ଅନୁସରଣ କରୁଛନ୍ତି। ସ୍ୱଚ୍ଛ ବାୟୁର ଅଧିକାରକୁ ପ୍ରାଥମିକତା ଦେଉଛନ୍ତି। ୨୦୨୩ ମସିହାରେ, ମେକ୍ସିକୋ ବିଶ୍ୱର ସବୁଠାରୁ କଠୋର ଧୂମପାନ ବିରୋଧୀ ଆଇନଗୁଡ଼ିକ ମଧ୍ୟରୁ ଗୋଟିଏ କାର୍ଯ୍ୟକାରୀ କରିଥିଲା।ଏବେ ଏହାର

ପର୍ଯ୍ୟଟନ ସ୍ଥଳୀ ଏବଂ ହୋଟେଲର ଖୋଲା ଅଞ୍ଚଳରେ ମଧ୍ୟ ଧୂମପାନ ସମ୍ପୂର୍ଣ୍ଣ ନିଷେଧ। ଭୁଟାନ ମଧ୍ୟ କିଛି ବର୍ଷ ପୂର୍ବରୁ ତମାଖୁ ବିକ୍ରୟ ଉପରେ ରୋକ ଲଗାଇ ବିଶ୍ୱକୁ ଚକିତ କରିଥିଲା। ରାଜଧାନୀ ଥିମ୍ପୁର ସାର୍ବଜନୀନ ସ୍ଥାନରେ ଧୂମପାନ କରିବା ପାଇଁ ଜେଲ ଦଣ୍ଡ ମଧ୍ୟ ଦେବାକୁ ପଡ଼ିଥାଏ।

ନ୍ୟୁଜିଲାଣ୍ଡ ଏକ ଯୋଜନା ଉପରେ କାମ ଆରମ୍ଭ କରିଛି ଯାହା ଭବିଷ୍ୟତ ପିଢ଼ି ପାଇଁ ସିଗାରେଟ୍ କିଣିବା ସମ୍ପୂର୍ଣ୍ଣ ଅସମ୍ଭବ କରିବ। ସେମାନଙ୍କର ଲକ୍ଷ୍ୟ ହେଉଛି ଦେଶକୁ ଧୂମପାନ ମୁକ୍ତ କରିବା।

ଆଧୁନିକ ସଭ୍ୟତାରେ ସ୍ୱାସ୍ଥ୍ୟ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ବିଶେଷ କରି ଧୂମପାନ ଭଳି ଏକ ମାରାତ୍ମକ ଅଭ୍ୟାସ ସମାଜର ମୂଳଦୁଆକୁ ଦୁର୍ବଳ କରିଦେଉଛି।ସଭ୍ୟତା ଯେତିକି ଆଗକୁ ବଢୁଛି, ମଣିଷ ସେତିକି ନୂଆ ନୂଆ ବ୍ୟାଧିର ଶିକାର ହେଉଛି। ଆଜିର ସମାଜରେ ଧୂମପାନ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିନାହିଁ, ବରଂ ଏହା ଏକ ଗମ୍ଭୀର ସାମାଜିକ ସଙ୍କଟ ଭାବେ ଉଭା ହୋଇଛି।ଏହା ଏମିତି ନିଶା ଯାହା ସେବନକାରୀକୁ ଯେତିକି କ୍ଷତି ପହଞ୍ଚାଏ, ତା'ଠାରୁ ଅଧିକ କ୍ଷତି ପହଞ୍ଚାଏ ଆଖପାଖରେ ଥିବା ନିରୀହ ଲୋକଙ୍କୁ।

ଗୋଟିଏ ପଟେ ବିଜ୍ଞାନ ଜୀବନ ରକ୍ଷା ପାଇଁ ନୂଆ ନୂଆ ଉଦ୍ଭାବନ କରୁଥିବାବେଳେ, ଅନ୍ୟପଟେ ଧୂମପାନ ଭଳି ନିଶା ମାନବ ସମ୍ବଳକୁ ନଷ୍ଟ କରିବାରେ ଲାଗିଛି।

ଧୂମପାନ ମୁକ୍ତ ସମାଜ ଗଠନ ପାଇଁ ବ୍ୟକ୍ତିଗତ ଚେଷ୍ଟା ସହ ସାମାଜିକ ସହଯୋଗ ଏକାନ୍ତ ଆବଶ୍ୟକ। ଧୂମପାନ ନିଷେଧ କୁ କେବଳ ସରକାରୀ ନିର୍ଦ୍ଦେଶ ଭାବେ ନଦେଖି, ଏହାକୁ ଏକ ସୁସ୍ଥ ଜୀବନଶୈଳୀର ଅଂଶ ଭାବେ ଗ୍ରହଣ କରିବା ଉଚିତ। ସୁସ୍ଥ ଫୁସଫୁସ ହିଁ ସମୃଦ୍ଧ ସମାଜର ପରିଚୟ।

ନୟାଗଡ଼,
ମୋ: ୯୪୩୭୬୪୨୯୪୭

## ଅହଂ ରାଷ୍ଟ୍ରେ ଜାଗୃୟାମ ପୁରୋହିତଃ

ଜଗନ୍ନାଥ ବେହେରା

ଜମା ଭୟ କରନା। ନା, ସିନ୍ଧୁଏ କଣ, ବିନ୍ଦୁଏ ମଧ୍ୟ ନୁହ। ଦିନେ କଣ, ଦଣ୍ଡେ ନୁହଁ କି କ୍ଷଣେ ମଧ୍ୟ ନୁହ। ଆସୁ ବିପଦ। ପଡୁ ସଙ୍କଟ। ଆସୁ ଝଡ। ଆସୁ ବାତ୍ୟା ଆସୁ ମହା ପ୍ରଳୟ। ଜଳୁ ନିଆଁ। ଫିଙ୍ଗନ୍ତୁ ଯେତେ କ୍ଷେପଣାସ୍ତ୍ର। ଫାଟୁ ଯେତେ ପରମାଣୁ ବୋମ୍। ଯାହାବି କରିବେ କରନ୍ତୁ। ତୁ କିନ୍ତୁ ନିର୍ଭୟରେ ରହ। ଦୁଇ ହାତ ଟେକି ଦେ ଦ୍ରୌପଦୀଙ୍କ ପରି। ସ୍ମରଣ କରେ ମୃଗୁଣୀ ପରି। ଶୂନ୍ୟ ଆକାଶକୁ ଚାହଁ ଗଜରାଜ ପରି। ଦେଖିବୁ କେହି ଚାହିଁଲେ ମଧ୍ୟ ଲୋମଟିଏ ବି ବଙ୍କା କରି ପାରିବ ନାହିଁ। ଆଜି ନୁହଁ; କାଲି ନୁହଁ କି କେବେ ବି ନୁହଁ।

କେବଳ ଥରେ ତୁ ତୋତେ ପଚାର, ତୁ କିଏ ? ତୁ ଆସିଲୁ କେଉଁଠୁ ? ତୋତେ ଆଣିଲା କିଏ ? ତୋ ଜନ୍ମଦାତ୍ରୀଙ୍କ ଜନ୍ମ କେଉଁଠୁ? ତୋ ପିତାର ପ୍ରପିତା କିଏ? ତୋତେ ଜନମ କରିଲା ଜଣେ। ତୋ ନାଁ ଦେଲା ଜଣେ। ଖୁଆଇଲା ଜଣେ। ଚଲା ଶିଖାଇଲେ ଜଣେ। ମରିଲେ ଟେକିନେବେ ଆଉ ଜଣେ। ତୋ ହାତରେ କିଛି ନାହିଁ। ଗଛ ଆଗ ନା ମଞ୍ଜି ? ମଞ୍ଜିରୁ ଗଛ ନା ଗଛରୁ ମଞ୍ଜି ? ଦେଇ ପାରିବୁ ଏ ପ୍ରଶ୍ନର ଉତ୍ତର। ପ୍ରମାଣ କରି ପାରିବୁ ତୋ ଜ୍ଞାନରେ। ତୁ ଜାଣିନୁ ତୋର ମୃତ୍ୟୁ କେବେ। କେତେ ବର୍ଷର ତୁ ଏଠି କୁଣିଆ। ଆଜି ଆସିଛି କାଲି ଥିବୁ ଏ ଗ୍ୟାରେଣ୍ଟି ଅଛି ତୋ ପାଖରେ? କେହି ରହି ନାହିଁ କି କେହି ରହିବେ ନାହିଁ। ମିଶାଇବୁ ପୁଣି ଫେଡିଦେବୁ। ଭାଗଫଳ ଶୁନ୍।

ଥରେ ଅନ୍ତର ଭରି ଦେଖ ତୋ ଚାରି ପାଖ କୁ। କୀଟ, ପତଙ୍ଗ ମାଳ ମାଳ। କୁକୁର ବିଲେଇ ହଳ ହଳ। ମଶା ମାଛି ଗଣ ଗଣ। ପାହାଡ଼ ପାହାଡ଼ ଗଛ। ସମୁଦ୍ର ସମୁଦ୍ର ମାଛ। ମାଛ ମରା ହେଉଛି। କୁକୁଡ଼ା ଛେଳି କଟା ହେଉଛି। ଗଛ ହଣା ଚାଲିଛି; ତଥାପି କମୁ ନାହିଁ। ମାରି ମାରି ତମେ ମରି ଯାଉଛ। ଖାଇ ଖାଇ ତମେ ରୋଗିଆ ହେଇ ଯାଉଛ; କିନ୍ତୁ କାହାର କ'ଣ ହୋଇ ଯାଇଛି। ଜମିରେ ଜମିଏ ଘାସ। ଗୋଠ ଗୋଠ ଗାଈ ଚରୁଛନ୍ତି। ପ୍ରଚଣ୍ଡ ଖରା ପଡୁଛି। ନିଆଁ ଲାଗି ଯାଇଛି। ହଳ ଲଙ୍ଗଳ କରି ମାରି ଦେଉଛ। ପୁଣି ଯେମିତି ସେମିତି। ବର୍ଷା ଆଶୀର୍ବାଦ ଦେଲେ ହେଲା। ଗାଡ଼ିଆରେ ଗାଡିଏ ପାଣି। ପିଉଛ। ଗାଧୋଉଛ। ଶୁଖେଇ ଦେଉଛ। ପୁଣି ପାଣି ଆସୁଛି। ପୋଖରୀ ଥିଲେ ହେଲା। ନଡ଼ିଆକୁ ପାଣି ଯାଉଛି କେମିତି। କିଏ ରଖୁଛି। କଲରାକୁ କିଏ ପିତା କରିଲା। କାକୁଡ଼ିରେ କିଏ ପାଣି ଭରିଲା। କମଳାକୁ କିଏ ଲୁତୁଲୁତୁ କରିଲା ପୁଣି କଇଥକୁ କିଏ ଟାଣ କରିଲା। କିଏ ଗୋଟିଏ ନିଶ୍ଚୟ କେଉଁଠି ବସି କିଛି କରୁଛି। ଗଢ଼ିବା ଭାଙ୍ଗିବା ତାଙ୍କୁ ହିଁ ବୋଧହୁଏ ଜଣା ଅଛି। ସ ତୋ ଭିତର ଆଉ ବାହାର ସବୁ ଦେଖୁଛି। ଯାହା କରୁଛୁ ଆଉ କରିବାକୁ ଚିନ୍ତା କରୁଛୁ। ଯାହା ଭାବୁଛୁ ମଧ୍ୟ। ସବୁ ସିଏ ଜାଣୁଛନ୍ତି।

ତୁ କେବଳ ଏତିକି ଭାବେ "ଅହମ୍ ରାଷ୍ଟ୍ରେ ଜାଗୃୟାମ ପୁରୋହିତଃ" ଅର୍ଥାତ୍ ମୁଁ ଦେଶ କୁ ଜାଗୃତି କରିବି। ମୋର ଜନ୍ମ ସେଇଥି ପାଇଁ। ମୋର କର୍ମ ହିଁ ଧର୍ମ। ମୋର ଧର୍ମ ମାନବିକତା। ମୁଁ ସତ୍ୟ, ଶାନ୍ତି, ସଦ୍‌ଭାବ, ସତ୍‌କାମାନା, ସତ୍ ଚିନ୍ତା, କରିବି। ରାଗ, ହିଂସା ପରିତ୍ୟାଗ କରିବି। "ମୁଁ" "ମୋର" ଛାଡ଼ିବି। ନଡ଼ିଆ, କଦଳୀ, ଦୀପ, ଧୂପ ଲୋକ ଦେଖାଣିଆ ନାଟକ ବନ୍ଦ କରିବି। କାରଣ ମୁଁ କେବଳ ଜଣେ ନୁହଁ, ଯିଏ ଖାଇବାକୁ ଦେଲେ ଭଗବାନ ଖାଉଛନ୍ତି। ସମୁଦ୍ର ପରି ଭଗବାନ। ତାଙ୍କର ଆରମ୍ଭ ନାହିଁ କି ଶେଷ ନାହିଁ। ଭଗବାନଙ୍କ ଦରବାରରେ ସମସ୍ତେ ଏକ। ଅର୍ଥାତ ଅଦୃଶ୍ୟ ଶକ୍ତି ସମ୍ମାନରେ ଧର୍ମ ଅଧର୍ମ, ଜାତି ଅଜାତି ମଧ୍ୟରେ ତାରତମ୍ୟ ଶୂନ୍। ଯଜ୍ଞ କରେ କି ମାଳା ଜପେ। ଆସ୍ତିକ ହ କି ନାସ୍ତିକ। ପଇତା ପିନ୍ଧ କି ଚମଡ଼ା କାଟ। କିଛି ଫରକ ନାହିଁ। ମୁଁ ସିଏ। ମୋର ଜାତି ଉଚ୍ଚ କି ନିଚ ନୁହ। ଉଚ୍ଚକୁ ନେଇ ଗର୍ବ କି ନିଚକୁ ନେଇ ଅବସାସ ନାହିଁ।କର୍ମ କରିଯିବି ଫଳ କଥା ସେ ବୁଝିବ। ସମସ୍ତେ ଭଗବାନଙ୍କ ସନ୍ତାନ। ସମସ୍ତ ମଣିଷ ସମାନ। ସମସ୍ତଙ୍କର ଦୁଇଟି ହାତ,ଦୁଇଟି ଗୋଡ଼। ସମସ୍ତେ ଖାଉଛନ୍ତି। ଶୋଉଚନ୍ତି। ମୁଁ ଅଲଗା କ'ଣ? ବିଶ୍ୱାସ ହିଁ ମୂଳମନ୍ତ୍ର। ମୋର ଲକ୍ଷ,ପାଞ୍ଚ ଭକ୍ତରୁ ପଚିଶି ଭକ୍ତ ଯୋଡ଼ିବି। ଗାଁରୁ ଗାଁ ଯିବି। ଦେଶରୁ ବିଦେଶ ଯିବି। ଜାଗୃତ କରିବି।ସମର୍ଥନ କରିବେ କିଛି ପୁଣି ବିରୋଧ ବି କରିବେ। କରନ୍ତୁ। ସମସ୍ୟା ସମାଧାନ ପାଇଁ ଭଗବାନ ବି ଗଧ ପାଦ ଧରିଥିଲେ। ସତ୍ୟ ରକ୍ଷା ନିମନ୍ତେ ଶତ୍ରୁର ଭାଇ ବିଭୀଷଣଙ୍କୁ କୁଟୀରରେ ସ୍ଥାନ ଦେଇଥିଲେ। ମଣିଷ ବ୍ୟତୀତ ଭାଲୁ, ମାଙ୍କଡ଼, ଗୁଣ୍ଡୁଚିର ସହଯୋଗ ମଧ୍ୟ ନେଇଥିଲେ।ସଜୀବ ହାତରେ ନିର୍ଜୀବ ବସ୍ତୁ ନେଇ ସେତୁ ନିର୍ମାଣ କରିଥିଲେ। ମୁଁ କରିବି। ପାଟି ଆଁ କରି ଶୋଇଲେ ଭଗବାନ ଆସି ଖୁଆଇ ଦେବେ ନାହିଁ। ପାପ କଲେ ନର୍କ ଅଛି। ଅନୀତି ଦୁର୍ନୀତି କଲେ ଦଣ୍ଡ ଅଛି। ଅନ୍ୟାୟ କଲେ ଭୟ ଅଛି। ମୁଁ କେବଳ ଧର୍ମପତ୍ନୀ ଦ୍ରୌପଦୀ ନୁହଁ; ବରଂ ମା' ଗାନ୍ଧାରୀ ଯିଏ ସ୍ୱାମୀ ପାଇଁ ଆଖିରେ ପୁଟୁଳି ବାନ୍ଧି ଅନ୍ଧୁଣୀ। ମୁଁ କେବଳ ସାବିତ୍ରୀ ନୁହଁ; ବରଂ ଜଳନ୍ଧରଙ୍କ ଜୀବନ କବଚ ସ୍ତ୍ରୀ ବୃନ୍ଦାବତୀ। ପୁଣି କେବଳ ଭକ୍ତ ପ୍ରହଲ୍ଲାଦ ନୁହଁ; ବରଂ ଶ୍ରବଣ କୁମାର। ମୁଁ କର୍ତ୍ତବ୍ୟ ପଥର ପଥିକ ଟିଏ। ମାନବିକତା ପୂର୍ଣ୍ଣ ମଣିଷ ଟିଏ।

ମୋ ପାଇଁ ସଙ୍କଟ ମୋଚନ ଅଛନ୍ତି। ମୋ ବାହୁରେ ବଳ ଦେବେ। ମୁଣ୍ଡକୁ ବୁଦ୍ଧି। ପେଟକୁ ଖାଦ୍ୟ। ପିଠିକୁ ଶକ୍ତି। ଆଖିକୁ ନିଦ। ଉତ୍ତମ ସ୍ୱାସ୍ଥ୍ୟ। ଆଉ କିଏ କ'ଣ କରିବ। ଆନନ୍ଦରେ ଗାଉଥିବି "ପବନ ତନୟ ସଙ୍କଟ ହରଣ ମଙ୍ଗଲ ମୂରତି ରୂପ, ରାମ ଲକ୍ଷ୍ମଣ ସୀତା ସହିତ ହୃଦୟ ବସହୁ ସୁର ଭୂପ" ଜୟ ବଜରଙ୍ଗୀ ବାଲି କି ଜୟ।

ଗାୟତ୍ରୀ ନଗର, ନବରଙ୍ଗପୁର,
ମୋ - ୯୪୩୭୬୮୫୧୫୮



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚାଷକୁ ପ୍ରୋତ୍ସାହନ, ଚାଷୀଙ୍କୁ ସମ୍ମାନ ଅଭିଯାନ

# ଚିତ୍ରକୋଣ୍ଡାରେ ପିସିସି କରିବ ଅକ୍ଷିମୁଠି ଅନୁକୂଳ

ଭୁବନେଶ୍ୱର,୧୩।୪(ସମିସ): ମାଲକାନଗିରିର ଚିତ୍ରକୋଣ୍ଡାରେ ଅକ୍ଷିମୁଠି ଅନୁକୂଳ କରିବ ରାଜ୍ୟ କଂଗ୍ରେସ। ଚାଷକୁ ପ୍ରୋତ୍ସାହନ, ଚାଷୀଙ୍କୁ ସମ୍ମାନ, ଚାଷ ଓ ଚାଷୀ ବଞ୍ଚାଅ ଓ ସମ୍ବିଧାନ ବଞ୍ଚାଅ ଗଣତନ୍ତ୍ରର ସୁରକ୍ଷା ଦାବିରେ ପିସିସି ସମବାୟ ପ୍ରକୋଷ୍ଠ ପକ୍ଷରୁ ଚଳିତମାସ ୨୦ ତାରିଖ ଦିନ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଜିଲ୍ଲା କଂଗ୍ରେସ ଓ ସ୍ଥାନୀୟ ବିଧାୟକ ମଙ୍ଗୁ ଖିଲଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେବେ।

ଏହି ଅବସରରେ ଏକ ପ୍ରେସବାର୍ତ୍ତାରେ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ କହିଛନ୍ତି, କୃଷକମାନେ ଆମ ଅର୍ଥନୀତିର ମେରୁଦଣ୍ଡ ଓ ବିକାଶର ସୂତ୍ରଧର। ଓଡ଼ିଶାର ସଂସ୍କୃତି ଓ ପରମ୍ପରା କୃଷି କାର୍ଯ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିହନ ହେଉଛି କୃଷି ଉତ୍ପାଦନର ପ୍ରଥମ ଓ ପ୍ରଧାନ ଆବଶ୍ୟକ ଉପାଦାନ। କୃଷି କାର୍ଯ୍ୟ ଓ କୃଷକ ସମାଜ ପ୍ରତି ସର୍ବଦା ସମ୍ମାନ ପ୍ରଦାନ କରିବା ଆମ ସାଂସ୍କୃତିକ ଭାବଧାରାର ଅନ୍ୟତମ ଦିଗ। କୃଷି ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟା ଦିନ ଅକ୍ଷିମୁଠି ଅନୁକୂଳ କରି ପ୍ରତ୍ୟେକ କୃଷକ ପରିବାର କୃଷି କାର୍ଯ୍ୟ ଶୁଭାରମ୍ଭ କରିବା ସହ ଏହି ଦିନ ମାଟି ମାଆକୁ ପୂଜାକରି ଉତ୍ତମ ଫସଲ ଅମଳ ପାଇଁ କରୁଣାଭିକ୍ଷା କରିଥାନ୍ତି। ବିବିଧ ପ୍ରତିକୂଳ, ପ୍ରାକୃତିକ ପରିବେଶ ସତ୍ତ୍ୱେ ଚାଷୀଙ୍କର ଅକ୍ଳାନ୍ତ ପରିଶ୍ରମ, ଦୃଢ଼ ମନୋବଳ ଓ ସାମର୍ଥ୍ୟ ରାଜ୍ୟ କୃଷି ଉତ୍ପାଦନକୁ ସମୃଦ୍ଧ କରିଥାଏ ବୋଲି ସେ କହିଛନ୍ତି।

ଶ୍ରୀ ପଟ୍ଟନାୟକ ପୁଣି କହିଛନ୍ତି ଯେ ୧୯୯୬ ମସିହା ଏପ୍ରିଲ-୧୬ ତାରିଖ ଦିନ କଂଗ୍ରେସ ସରକାରଙ୍କ ସମୟରେ ଦେଶରେ ପ୍ରଥମକରି ଏହି ଦିନଟିକୁ ସରକାରୀସ୍ତରରେ କୃଷକ ଦିବସରୂପେ ପାଳନ ଏବଂ କୃଷିକୁ ଶିଳ୍ପର ମାନ୍ୟତା ଦିଆଯାଇଥିଲା। ଇତିମଧ୍ୟରେ ବିଗତ ସରକାରରେ ୩ ଥର କୃଷିନୀତି ପ୍ରଣୟନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଏହା ସକାରାତ୍ମକ ଢଙ୍ଗରେ ପ୍ରଚଳନ କରାଯାଉନାହିଁ। ସମ୍ପ୍ରତି ଅନିୟମିତ ଜଳବାୟୁର ପରିବର୍ତ୍ତନ ଦ୍ୱାରା କୃଷି କ୍ଷେତ୍ରରେ ପ୍ରଭାବ ଏକ ସଙ୍କଟମୟ ପରିସ୍ଥିତିରେ। ଏହାର ଦୃଢ଼ ମୁକାବିଲା କରାଯିବା ସହିତ ସ୍ଥାନୀୟ ସମ୍ବଳ, ପାରିପାର୍ଶ୍ୱିକ ପରିସ୍ଥିତି, ପରିବେଶ, କୃଷି ଶ୍ରମିକର ଅଭାବ, ବିହନ ଉତ୍ପାଦନରେ ସ୍ୱାବଲମ୍ବୀ ପାଇଁ ସଶକ୍ତ ଚୁଡ଼ାନ୍ତ କୃଷିନୀତି ପ୍ରଣୟନ କରାଯିବା ଏକାନ୍ତ ଜରୁରୀ। ତେଣୁ ରାଜ୍ୟ ସରକାର ଏଥିପ୍ରତି ଅବିଳମ୍ବେ ଗୁରୁତ୍ୱଦେବା ଆବଶ୍ୟକ ବୋଲି ଶ୍ରୀ ପଟ୍ଟନାୟକ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରିଛନ୍ତି।

# ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ଶବ ଆଣିବାକୁ ପ୍ରଶାସନକୁ ନିବେଦନ କଲେ ପରିବାର ଲୋକେ



ତେଲକୋଇ, ୧୩।୪(ସମିସ): ଦାଦନ ଖଟିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ତେଲକୋଇ ଥାନା ଅଧୀନ ଖୁଣ୍ଟାପଡ଼ା ଗ୍ରାମର ଭ୍ରମରବର ସେଠୀଙ୍କ ପୁଅ ଗୁରୁଚରଣ ସେଠୀ (୩୫)। ଗୁରୁଚରଣଙ୍କ ମୃତଦେହ ଏବେ ତାମିଲନାଡୁସ୍ଥିତ ଧରମ ପୁରୀ ମେଡିକାଲ କଲେଜରେ ରହିଛି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ମୃତଦେହ କିଭଳି ପୈତୃକ ଗ୍ରାମକୁ ଆସିବ, ସେନେଇ ପରିବାର ଓ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। ଗୁରୁଚରଣ ଦୀର୍ଘ ଦିନ ହେବ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଘରେ ତାଙ୍କ ପୁଅର ଶରୀର ଅସୁସ୍ଥ ହେବା ଖବର ପାଇ ରବିବାର ରାତିରେ ଟ୍ରେନ୍ ଯୋଗେ ଓଡ଼ିଶା ଫେରୁଥିଲେ। ହେଲେ ତାମିଲନାଡୁସ୍ଥିତ ବୁମିଡି ରେଳ ଷ୍ଟେସନ୍ ନିକଟ ରେଳଲାଇନ୍ ଉପରୁ ସ୍ଥାନୀୟ ରେଳବାଇ ପୁଲିସ ଗୁରୁଚରଣଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ସ୍ଥାନୀୟ ରେଳବାଇ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଗୁରୁଚରଣଙ୍କୁ କେହି ଦୁର୍ବୃତ୍ତ ଟ୍ରେନ୍ ଭିତରୁ ଠେଲି ଦେଇଥିବାରୁ ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

# ବାଘଛାଲ ଜବତ, ୫ ଅଟକ



ନବରଙ୍ଗପୁର, ୧୩।୪(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନବିଭାଗ ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୫ଜଣଙ୍କୁ ଅଟକ ରଖିଛି। ମୃତ ବାଘର ବୟସ ପ୍ରାୟ ୯ବର୍ଷ ବୋଲି ଅନୁମାନ କରାଯାଉଛି। ଧରାପଡ଼ିଥିବା ସମସ୍ତ ୫ଜଣ ନବରଙ୍ଗପୁର ଜିଲ୍ଲା ମଇଦଲପୁରସ୍ଥିତ ଗୋପୀଗୁଡ଼ା, ପକନାଗୁଡା ଓ ବନିଆ ଗ୍ରାମର ବୋଲି ସୂଚନା ମିଳିଛି। ସେମାନଙ୍କୁ ଅଟକ ରଖି ବନ ବିଭାଗ ଅଧିକ ଜେରା କରୁଛି। ସୂଚନାନୁଯାୟୀ, ଅଭିଯୁକ୍ତମାନେ ୫ଲକ୍ଷ ଟଙ୍କାରେ ବାଘଛାଲକୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ସେମାନେ ଗ୍ରାହକ ଅପେକ୍ଷାରେ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ଚଢ଼ଉ କରି ସେମାନଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ବାଘଛାଲ ଓ ୨ଟି ବାଇକ୍ ଜବତ କରିଥିଲା।

ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ଅଞ୍ଚଳରେ ଅନେକଥର ବାଘଛାଲ ଜବତ ଘଟଣା ଦେଖିବାକୁ ମିଳିଛି। ତେଣୁ, ଏହି ଘଟଣା ପରେ ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ମୁଖ୍ୟ ଚାଲାଣକାରୀଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରୁଛି। ଉକ୍ତ ବାଘଛାଲଟି ନବରଙ୍ଗପୁର ସୀମାନ୍ତ କଳାହାଣ୍ଡି କିମ୍ବା ଛତିଶଗଡ଼ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି ବୋଲି ବନ ବିଭାଗ କହିଛି।

## ଲାଗୁହେଲା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ

ଭୁବନେଶ୍ୱର, ୧୩।୪(ସମିସ): ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡର୍‌ରେ ସଂରକ୍ଷଣ) ଅଧିନିୟମ ୨୦୨୬ ରାଜ୍ୟରେ ଲାଗୁ ହୋଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ଅନୁମୋଦନ ପାଇବା ପରେ ଏହାକୁ ଲାଗୁ କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଏହି ଅଧିନିୟମ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବ। ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ (ସିଙ୍ଗଲ ୟୁନିଟ୍) ଭାବେ ବିଚାର କରାଯିବ। ବିଭାଗ ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି।

# ବିଲ ବାକି ଥିଲେ ବି କଟିବ ନାହିଁ ଉପଭୋକ୍ତାଙ୍କ ବିଜୁଳି

ଭୁବନେଶ୍ୱର,୧୩।୪(ସମିସ): ବିଜୁଳି ବିଲ୍ ବାକି ଥିବା ଯୋଗୁଁ ଅନେକ ସମୟରେ ବିତରକ କମ୍ପାନୀ ବିଦ୍ୟୁତ୍ ସଂଯୋଗ କାଟି ଦେଉଛନ୍ତି । ମାତ୍ର ବିତରକ କମ୍ପାନୀଗୁଡ଼ିକର ଏପରି କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇଛନ୍ତି ରାଜ୍ୟ ଶକ୍ତିମନ୍ତ୍ରୀ । ପୂର୍ବରୁ ବିନା ପୂର୍ବ ଘୋଷଣାରେ ବିଜୁଳି କାଟ ହେଲେ କମ୍ପାନୀକୁ ଜେଲ ପଠାଯିବ ବୋଲି ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣାକୁ ଦୋହରାଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଏ ସଂକ୍ରାନ୍ତରେ ଶକ୍ତିମନ୍ତ୍ରୀ ଏକ ନୋଟ୍ ସିଟ୍ ଜାରି କରିଛନ୍ତି । ଏଥିରେ ବିଲ୍ ବାକି ଥିଲେ ବି

## ବିଜୁଳି କାଟ ପୂର୍ବରୁ ଘୋଷଣା କରିବେ କମ୍ପାନୀ

ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ଛିନ୍ନ ଉପରେ ଅଙ୍କୁଶ ଲଗାଯାଇଛି। ସେହିପରି ବିଜୁଳି କାଟ ପୂର୍ବରୁ ବିତରକ କମ୍ପାନୀକୁ ପୂର୍ବ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ବିତରକ କମ୍ପାନୀଗୁଡ଼ିକ ଅଘୋଷିତ ବିଜୁଳିକାଟ କରିପାରିବେ ନାହିଁ। ନୋଟସିଟରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଚଳିତ ବର୍ଷ ଗ୍ରୀଷ୍ମକାଳରେ କୌଣସି ବିଦ୍ୟୁତ ବିତରକ କମ୍ପାନୀ ଘରୋଇ ଉପଭୋକ୍ତାଙ୍କ ବକେୟା ବିଲ୍ କାରଣରୁ ବିଜୁଳି କାଟ କରିପାରିବେ ନାହିଁ। ସେହିପରି ବିନା ପୂର୍ବ ସୂଚନାରେ ବିଜୁଳି କାଟ ହୋଇ ପାରିବ ନାହିଁ। ମରାମତି, ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଯଦି ବିଜୁଳି କାଟର ଆବଶ୍ୟକତା ହୁଏ, ତାହାଲେ ଏହା ପୂର୍ବରୁ ଏସ୍‌ଏମ୍‌ଏସ ଓ ଜନ ସୂଚନା ମାଧ୍ୟମରେ ବ୍ୟାପକ ଭାବେ ପ୍ରଚାର କରାଯିବ। ଗ୍ରୀଷ୍ମକାଳ ସମୟରେ ଘରୋଇ ଉପଭୋକ୍ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିବାରୁ, ସମ୍ପୃକ୍ତ ବିଭାଗ/ଏଜେନ୍ସି/ସମସ୍ତ ବିତରକ କମ୍ପାନୀ ଗୁଡ଼ିକୁ ସଚେତନ କରିବା ଏବଂ ଏହି ଘୋଷଣାର କଠୋର ଅନୁପାଳନ ନିଶ୍ଚିତ କରିବା ପାଇଁ ଏକ ଦୃଢ଼ ବ୍ୟବସ୍ଥା ଗଠନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## AFFIDAVIT

By Virtue Of an Affidavit CF no 11/1 dtd. 27.01.2026 the Executive Magistrate Ranpur, I Sarojini Sahoo W/o- Santosh Kumar Sahoo At- Lunisahi, Po- Baunsagarh Ps- Ranpur, Dist- Nayagarh have changed my daughter's name Rani Sahoo to Ranu Sahoo. Henceforth He will be know as **Ranu Sahoo** for all purposes.

## AFFIDAVIT

I, Monaf Khan, aged about 65 years, S/o- Abdul Jahur Khan, resident of Pension Lane, PO- Buxi Bazar, PS- Cantonment, Dist- Cuttack, PIN- 753001, Odisha declared by this affidavit No. 757, dtd- 13/04/2025 that now onwards I shall be known as **MUNAF KHAN** for all future purposes.

## LOST

I, **Subhashree Dash,** D/o Umashankar Dash, resident of At- Labour Colony, Sector-22, PS- Tangarpali, Rourkela-7, Dist- Sundargarh, Odisha, PIN- 769007, do hereby notify that I have lost my original +3 Arts College Leaving Certificate (CLC). College: Municipal College, Rourkela, Session: 2018–2021, Roll No.: BA-18-051, Regd. No.: 33879/18. The document was lost on 09/04/2026, while I was in transit to a Xerox shop at Fertilizer Market, Rourkela, If anyone finds the aforementioned document, please return it to the address above or contact this number: 9337340373.

## AFFIDAVIT

I, Rahat Alli, aged about 71 years, S/o- Sk Golam Rasul, resident of Deuligrameswar, PO/PS- Jagatsinghpur, Dist- Jagatsinghpur, PIN- 754103, Odisha declared by this affidavit No. 758, dtd- 13/04/2025 that now onwards I shall be known as **SK RAHAT ALI** for all future purposes.

## AFFIDAVIT

By Virtue of an affidavit sworn before B.B Dutta (O.R.S) Executive Magistrate, Balasore. SL.No- 2512, Dt- 07/04/2026. I Sunita Das , Age-28, W/o- Samir Kumar Senapati At-Military Bazar, Po- Rajpur, Ps-Jaleswar , Dist-Balasore,Odisha . That, My actual Name is Sunita Das recorded as all Education Certificate/Service Documents etc. But My Daughter Adyasha Senapati's in K.V-1, Balasore School register mentioned my name **Sunita Senapati** wich is my post marriage sure name. I declared that **SUNITA SENAPATI** and **SUNITA DAS**, W/o Samir Kumar Senapati are one and same person for all future purposes.

**Sunita Das**

## AFFIDAVIT

By virtue of an affidavit sworn before The Notary Public, Titilagarh, on dated- 13/04/2026. I, **Hemlata Pradhani** (applicant name), W/o- Hemraj Pradhani, permanent & current resident of AT: Manigaon, PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Putnam Pradhani** (old name) to **Poonam Pradhani** (new name). Henceforth, she shall be known as **Poonam Pradhani** (new name) for all future purposes.

**(HEMLATA PRADHANI)**

## AFFIDAVIT

By virtue of an affidavit No.68 sworn before the Executive Magistrate, Keonjhar on dtd- 10/04/2026. I, **Niranjan Sawaiyan,** S/o- Gagan Bihari Munda, permanent resident of Vill/Po- Bodapalasa, Ps- Sadar, Dist- Keonjhar, Pin-758002, Odisha & currently residing At- Qr No. 08 Police Quarter, Near Mini Stadium, Dhenkanal Municipality, Ps- Dhenkanal Sadar, Dist- Dhenkanal, Odisha, Pin-759001, Odisha declare that I have changed my minor daughter's name from **Kiraqn Sawaiyan** (old name) to **Kiran Sawaiyan** (new name). Henceforth, she shall be known as **Kiran Sawaiyan** for all future purposes.

**Sd/- Niranjan Sawaiyan**

## AFFIDAVIT

I, Nazmoon Nesan, aged about 61 years, W/o- Sk Rahat Ali, resident of Deuligrameswar, PO/PS- Jagatsinghpur, Dist- Jagatsinghpur, PIN- 754103, Odisha declared by this affidavit No. 756, dtd- 13/04/2025 that now onwards I shall be known as **NAZMOON NISA** for all future purposes.

## AFFIDAVIT

I, Zaheer Mohammad, aged about 68 years, S/o- Zamir Mohammad, resident of Muslim Sahi Gora Kabar, PO- Tulasipur, Dist- Cuttack, PIN- 753008, Odisha declared by this affidavit No. 759, dtd- 13/04/2025 that now onwards I shall be known as **ZAHIR MOHAMMAD** for all future purposes.

## OFFICE OF THE NOTIFIED AREA COUNCIL, RAMBHA

Letter No: 722 Date: 10/04/2026

**Tender Reference No: RMB-01-NAC/2026-27** **13001/165/2627**

The Rambha NAC invites online bid in single cover system through e-procurement as mentioned below:

- Total number of works: 1 No
- Value of works: Rs. 14,58,000/-
- Date and time of availability of bid documents in the portal from 10:00 AM of 15.04.2026 to 5:00 PM of 22.04.2026
- Last date of receipt of bids in the portal: 22.04.2026 up to 5:00 PM
- Last date of submission of documents in the office of Rambha NAC is up to 11:00 AM of Dt. 23.04.2026, however participation online is mandatory.
- Date of opening of e-tender: Dt. 23.04.2026 at 2:00 PM
- Further details can be seen from the website: https://tendersodisha.gov.in

**Executive Officer**
**NAC, Rambha**

OIPR-13001/13114/1/26-27/0001

**34001/61/2627**

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SEDKL (R&B). 01/ 2026-27

## Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building workas detailed below. | | |
| 2. | Nature of work | : | Electrical Works |
| 3. | No. of work | : | 03 Nos. |
| 4. | Bid Cost. | : | ₹6,000/- |
| 5. | Class of Contractor | : | 'HT' License & 'MV' License |
| 6. | Availability of Bid Documents in the website | : | From 10.00 AM of 16.04.2026 to 5.00 PM of 29.04.2026 |
| 7. | Date of Opening of Bid | : | Dt.30.03.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Superintending Engineer**
**Dhenkanal (R&B) Division**

OIPR-34001/34016/1/26-27/0001

**GOVERNMENT OF ODISHA** **8001/29/2627**
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122**
E-mail ID- dfoangul@gmail.com, dfo.angul@odisha.gov.in
Phone No- 9938022883
**Office order No. 256/1F, Dated, Angul the 13th April, 2026**
**Corrigendum to Tender Call Notice**
**Bid Identification No. DFO/ANG-01/2026-27, Dated: 09.04.2026**

With reference to the Tender Notice published for the procurement and installation of various items in the Angul Forest Division during 2026–27 under the aforementioned Bid Identification Number, certain additional items have been included.

These additions form an integral part of the ongoing tender process and must be read in conjunction with the original tender document. All bidders are requested to take into account the newly added items, as detailed below, while preparing and submitting their bids.

| Sl No. | Items | Specifications (Approx) - Indicative Only | Remarks |
|---|---|---|---|
| 35 | Battery Operated Vehicle | Seat: 6,8,10,12 or more Battery: "Lithium-ion or equivalent advanced technology battery", minimum 60 km range per charge, minimum 20 km/h speed or more, , weatherproof canopy, safety features with charger and minimum 3-year warranty. | Annexure V of List - I |

Others can see the details from Notice inviting Tenders, available in website- https://angul.odisha.gov.in , https://odishaforest.in Corrigendum if any, shall only be published in the above website

**All other terms and conditions will remain same as published in the above referred tender notice. Inconvenience, if any is highly regretted.**

**Divisional Forest Officer**
**Angul Forest Division**

OIPR-8001/8027/1/26-27/0002

# ଅବଶିଷ୍ଟାଂଶ...

## ରଣକ୍ଷେତ୍ର...

ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଇରାନ । ଇରାନ ପକ୍ଷରୁ କୁହାଯାଇଛି ଏହାର କର୍ତ୍ତୃତ୍ୱରେ ଥିବା ହର୍ମୁଜରେ ଶତ୍ରୁ ପକ୍ଷରର ଜାହାଜକୁ ଆକ୍ରମଣ କରାଯିବ ।

ଇରାନରେ ବିରୋଧରେ ଆମେରିକାର ଏଭଳି ସାମରିକ ଅବରୋଧ ଆଜି ଆରମ୍ଭ ହୋଇଥିବା ବେଳେ ଏହା ବିଶ୍ୱ ଅର୍ଥନୀତିରେ ହଇଚଇ ସୃଷ୍ଟି କରିଛି । କାରଣ ହର୍ମୁଜ ଦେଇ ବିଶ୍ୱର ୨୦ ଭାଗ ତୈଳ କାରବାର ହେଉଛି । ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ) ପକ୍ଷରୁ ସ୍ପଷ୍ଟ କୁହାଯାଇଛି ଯେ ଇରାନର ସମସ୍ତ ବନ୍ଦର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳକୁ ଯାଉଥିବା କିମ୍ବା ସେଠାରୁ ଆସୁଥିବା ସମସ୍ତ ବାଣିଜ୍ୟିକ ଜାହାଜକୁ ଅବରୋଧ କରାଯିବ । ଏହି ନିୟମ ସବୁ ଦେଶ ପାଇଁ ସମାନ ଭାବେ ଲାଗୁ ହେବ । ତେବେ ହର୍ମୁଜ ପ୍ରଣାଳୀ ଦେଇ ଅନ୍ୟ ଦେଶକୁ ଯାଉଥିବା ଜାହାଜଗୁଡ଼ିକୁ ବାଧା ଦିଆଯିବ ନାହିଁ ବୋଲି କୁହାଯାଇଛି । ସୋସିଆଲ ମିଡ଼ିଆ ମାଧ୍ୟମରେ ରାଷ୍ଟ୍ରପତି ଟ୍ରମ୍ପ ଅତ୍ୟନ୍ତ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରି କହିଛନ୍ତି ଯେ, ଯେଉଁମାନେ ଇରାନକୁ ବେଆଇନ୍ ଭାବେ ଶୁଳ୍କ ପ୍ରଦାନ କରିବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ଆମେରିକୀୟ ସେନାକୁ ସାମୁଦ୍ରିକ ମାଇନ୍ସ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଯଦି ଇରାନ ପକ୍ଷରୁ କୌଣସ ପ୍ରତିକ୍ରିୟା ବା ବାଧା ମିଳେ, ତେବେ ଉଚିତ ଶିକ୍ଷା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଇରାନ ଜାହାଜ ଆକ୍ରମଣ କଲେ ଏହାକୁ ଧ୍ୱଂସ କରିଦିଆଯିବ । ଆମେରିକାର ଏହି ବନ୍ଦର ଅବରୋଧ ନିଷ୍ପତ୍ତି ଆଗାମୀ ଦିନରେ ଏକ ବୃହତ ସାମରିକ ସଂଘର୍ଷର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି ।

ଇରାନ ମଧ୍ୟ ଏହାର ଜବାବ ଦେଇଛି । ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକେର କାଲିବାଫ ଏହାକୁ ଏକ ଖୋଲା ଆହ୍ୱାନ ଭାବେ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଯେ, ଯଦି ଆମେରିକା ଯୁଦ୍ଧ ଚାହୁଁଛି, ତେବେ ଇରାନ ମଧ୍ୟ ପଛଘୁଞ୍ଚା ଦେବନାହିଁ। ଏଥିସହ ଆମେରିକାରେ ବୃଦ୍ଧି ପାଉଥିବା ତୈଳଦରକୁ ନେଇ ସେ ଟ୍ରମ୍ପ ପ୍ରଶାସନକୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି ଯେ ହର୍ମୁଜ ବନ୍ଦ ରହିଲେ ଆମେରିକା ତେଲଶୂନ୍ୟ ହୋଇଯିବ ।

ଆମେରିକା ପକ୍ଷରୁ ଇରାନର ବନ୍ଦରଗୁଡ଼ିକ ଉପରେ ସାମୁଦ୍ରିକ ଅବରୋଧ ଘୋଷଣା କରାଯିବା ପରେ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ପ୍ରକାଶ ପାଇଛି। ଏହି କାରଣରୁ ଅତିକମ୍‌ରେ ୧୫ଟି ଭାରତୀୟ ଜାହାଜ ସେହି ଅଞ୍ଚଳରେ ଫସି ରହିଛି । ଶାନ୍ତି ଆଲୋଚନା ବିଫଳ ହେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହି ୧୫ଟି ଭାରତୀୟ ଜାହାଜ ମଧ୍ୟରେ କ୍ରୁଡ୍ ଅଏଲ ଟ୍ୟାଙ୍କର, ଏଲ୍‌ଏନ୍‌ଜି ଏବଂ ଏଲ୍‌ପିଜି ପରିବାହକ, କଣ୍ଟେନର ଜାହାଜ ଓ କେମିକାଲ ଟ୍ୟାଙ୍କର ରହିଛି । ଆମେରିକୀୟ କେନ୍ଦ୍ରୀୟ କମାଣ୍ଡ ସୋମବାରଠାରୁ ଅବରୋଧ ନିୟମ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ସମ୍ପୂର୍ଣ୍ଣ ସତର୍କ ରହିଛି। ପାରସ୍ୟ ଉପସାଗର ନିକଟରେ ଭାରତର ୬ଟି ଜାହାଜ ମୁତୟନ କରାଯାଇଛି। ଏହି ଜାହାଜଗୁଡ଼ିକ ଭାରତୀୟ ବ୍ୟବସାୟିକ ଜାହାଜଗୁଡ଼ିକୁ ଯୋଗାଯୋଗ, ମନିଟରିଂ ଓ ସୁରକ୍ଷିତ ଯାତାୟତ ପାଇଁ ସହାୟତା କରୁଛନ୍ତି। ଜଗ୍ ବିକ୍ରମ ନାମକ ଏକ ଏଲ୍‌ପିଜି ଟ୍ୟାଙ୍କର ନୌସେନା ସୁରକ୍ଷା ବଳୟ ମଧ୍ୟରେ ଏପ୍ରିଲ ୧୧ରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ମୁମ୍ବାଇ ଅଭିମୁଖେ ବାହାରିଛି । ସେହିପରି ଅଞ୍ଚଳରେ ଥିବା ୨୫ଟି ଭାରତୀୟ ଜାହାଜ ମଧ୍ୟରୁ ୧୦ଟି ଜାହାଜ ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛନ୍ତି। ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବାକୁ ଭାରତ ବର୍ତ୍ତମାନ ୨୮ ଟି ଦେଶ ସହ ମିଳିତ ଭାବେ ଗୁଇନ୍ଦା ସୂଚନା ଆଦାନ ପ୍ରଦାନ କରୁଛି ।

## ନବୀନଙ୍କୁ ମାନସ...

ସମ୍ମିଳନୀରେ ଶ୍ରୀ ମଙ୍ଗରାଜ କହିଥିଲେ ଯେ ମୋ ଉପରେ ଭରସା ଏପରି ଗୁରୁ ଦାୟିତ୍ୱ ଅର୍ପଣ କରିଥିବାରୁ ମୁଁ ଦଳର ସଭାପତି ନବୀନ ପଟ୍ଟନାୟକ, ସମସ୍ତ ନେତୃମଣ୍ଡଳୀ ଓ ଅଗଣିତ କର୍ମୀଙ୍କ ନିକଟରେ କୃତଜ୍ଞ । ବିଜୁ ଜନତା ଦଳର ସାଂସଦ ମାନେ ସଂସଦରେ ନିଷ୍ଠାର ସହିତ ରାଜ୍ୟର ହିତ ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଆସୁଛନ୍ତି। ବିଜେଡି ସାଂସଦମାନଙ୍କର ପ୍ରଦର୍ଶନ ଓ ଶୃଙ୍ଖଳା ସଂସଦରେ ସବୁ ସମୟରେ ଆଦୃତ ହୋଇଛି। ଆଗାମୀ ଦିନରେ ମଧ୍ୟ ରାଜ୍ୟର ହିତରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ସାଂସଦମାନଙ୍କ ସ୍ୱର ନିଶ୍ଚିତ ଭାବେ ଶାଣିତ ରହିବ ବୋଲି ମାନସ କହିଥିଲେ।

ସେହିପରି ସୁଲତା ଦେଓ କହିଥିଲେ ଯେ ଦଳର ନେତା ମୋତେ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ମୁଁ ମୋର ନେତା ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି । ଦଳର ସଭାପତି ଯେତେବେଳେ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି, ଜଣେ ଦାୟିତ୍ୱବାନ ସୈନିକ ହିସାବରେ ମୁଁ ସେହି ଦାୟିତ୍ୱକୁ ନିଷ୍ଠାର ସହିତ ତୁଲାଇଛି । ତେଣୁ ଏହି ଦାୟିତ୍ୱକୁ ମଧ୍ୟ ମୁଁ ନିଷ୍ଠାର ସହିତ ତୁଲାଇବା ପାଇଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେଡି ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ଉଭୟ ଶ୍ରୀ ମଙ୍ଗରାଜ ଓ ଶ୍ରୀମତୀ ଦେଓଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ଜଙ୍ଘରେ ଲୁଚାଇ...

ସେମାନେ ଭଳିକି ଭଳି ଶାଢ଼ି ଦେଖାଉଥିବା ବେଳେ କିଛି ଧୂର୍ତ୍ତ ମହିଳା ଶାଢ଼ିଗୁଡ଼ିକୁ ଲୁଟିବାରେ ଲାଗିଥିଲେ। ଦୁଇ ତିନିଜଣ ମହିଳା ଷ୍ଟୋର୍ କର୍ମଚାରୀଙ୍କ ଧ୍ୟାନ ଏଡ଼ାଇବା ପାଇଁ ସେମାନଙ୍କ ସହ ଗପପେଡ଼ି ଖୋଲି ଦେଇଥିବା ବେଳେ ବାକି ଧୂର୍ତ୍ତ ମହିଳାମାନେ ଜଙ୍ଘରେ ଦାମୀ ଶାଢ଼ିଗୁଡ଼ିକୁ ଲୁଚାଇ ଜଣଙ୍କ ପରେ ଜଣେ କାର୍‌ରେ ରଖି ଆସୁଥିଲେ। ମହିଳାମାନେ ଷ୍ଟୋର୍ ଛାଡ଼ିବା ପୂର୍ବରୁ ପ୍ରାୟ ୭ଲକ୍ଷ ଟଙ୍କାର ସମ୍ବଲପୁରୀ ପାଟ ଚୋରାଇ ନେଇଥିଲେ। ମହିଳାମାନଙ୍କ ଏହି ସମସ୍ତ କଳା କାରନାମା ସିସିଟିଭିରେ ରେକର୍ଡ ହୋଇଛି । ଏ ସଂପର୍କରେ ବୟନିକା ପକ୍ଷରୁ ରବିବାର ଥାନାରେ ଏତଲା ଦିଆଯିବା ପରେ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି। ଅଭିଯୋଗ ପାଇବା କ୍ଷଣି ଅନୁଗୋଳ ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ପୁଲିସ ଟିମ୍ 'ବୟନିକା'ରେ ପହଞ୍ଚି ପଚରାଉଚରା କରିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚରୁ ମହିଳାଙ୍କ କାରନାମା ଜାଣିବା ପରେ ପୁଲିସ ଛାନଭିନ୍ ଚଳାଇଛି।

## ସୌମ୍ୟ ହତ୍ୟା ପଛରେ...

ତା' କଥାରେ ରାଜି ହୋଇ ଛାଡ଼ପତ୍ର କଥା ଆଲୋଚନା କରିଥିଲେ ମଧ୍ୟ ସୌମ୍ୟ ଏଥିରେ ରାଜି ହୋଇନଥିଲେ। ହେଲେ ପ୍ରେମ ବିବାହ କରିଥିବା ପତ୍ନୀ ଛାଡ଼ପତ୍ର ଦେବା କଥା କହିବାରୁ ସୌମ୍ୟଙ୍କର ସନ୍ଦେହ ହୋଇଥିଲା। ପତ୍ନୀ ସୀମା, ତାଙ୍କ ବାନ୍ଧବୀ ଚିନୁ ଓ ଭାଇ ତାପସ ମଧ୍ୟରେ ତ୍ରିକୋଣୀୟ ପ୍ରେମ ବିଷୟରେ ଜାଣିବାକୁ ପାଇଥିଲେ। ଏହି ସମ୍ପର୍କକୁ ବିରୋଧକରିବାସହଏଭଳିସମ୍ପର୍କରୁଦୂରେଇରହିବାକୁସୀମାଙ୍କୁଚେତାବନୀଦେଇଥିଲେ।

ଛାଡ଼ପତ୍ର ରାସ୍ତା ବନ୍ଦ ହେବା ପରେ ବିବାହର ବିକଳ୍ପ ରାସ୍ତା ଖୋଜିବାକୁ ତାପସକୁ କହିଥିଲେ ସୀମା। ରାଉରକେଲାରେ ଡ୍ରାଇଭର ଭାବେ କାମ କରୁଥିବା ତାପସ ଗତ ହୋଲିରେ ଯାଜପୁର ଟାଉନକୁ ଆସିଥିବା ବେଳେ ସୌମ୍ୟ ସହ ତା'ର ଦେଖା ହୋଇଥିଲା। ସେହି ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ସହ ସୌମ୍ୟ ତା'ର ଭଉଣୀ ଚରିତ୍ରକୁ ଆକ୍ଷେପ କରି ମନ୍ତବ୍ୟ ଦେଇଥିଲେ। ପରେ ତାପସ ଘରକୁ ଯାଇ ଭଉଣୀ ଚିନୁ ସହ ମିଶି ସୌମ୍ୟଙ୍କୁ ହତ୍ୟା କରିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲା। ତାପସ ରାଉରକେଲାରେ ଡ୍ରାଇଭିଂ କରୁଥିବାରୁ ସେଠାକାର ବନ୍ଧୁକ ବେପାରୀ ସୁରଜ ଓ ଅଙ୍କିତକୁ ଯୋଗାଯୋଗ କରି ବନ୍ଧୁକ ବରାଦ କରିଥିଲା। ଚିନୁ ଋଣ କରି ୫୦ ହଜାର ଟଙ୍କା ଋଣ କରି ବନ୍ଧୁକ ବେପାରୀଙ୍କୁ ୪୯ ହଜାର ଟଙ୍କା ଅଗ୍ରୀମ ଦେଇଥିଲା। ପରେ ତାପସ ରାଉରକେଲା ଯାଇ ବାକି ୯ ହଜାର ଟଙ୍କା ଦେବା ସହ କିପରି ଗୁଳି କରିବ ଟ୍ରେନିଂ ନେଇ ଆସିଥିଲା।

ପୂର୍ବ ଯୋଜନା ମୁତାବକ, ତାପସ ଗତ ୬ ତାରିଖ ରାତିରେ କାଳିମେଘା ଛକରେ ଛକି ରହିଥିବା ତଦନ୍ତ ସୀମା ତା'କୁ ସୌମ୍ୟଙ୍କ ଗତିବିଧି ବାବଦରେ ସୂଚନା ଦେଇଥିଲେ। ସୌମ୍ୟ କାଳିମେଳା ଛକରେ ପହଞ୍ଚିବା ପରେ ତାପସ ଗୁଳିମାଡ଼ କରିଥିଲା। ପ୍ରଥମେ ସୌମ୍ୟଙ୍କୁ ଯାଜପୁର ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ଶାଳକ ତଥା ସୀମାର ଭାଇ ଓମ୍ ପ୍ରକାଶ ବେହେରାଙ୍କ ଅଭିଯୋଗ ଆଧାରରେ ଯାଜପୁର ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ପ୍ରଥମେ ସୀମାଙ୍କ ଉପରେ ସନ୍ଦେହ କରି ତାଙ୍କ କଲ୍ ଡିଟେଲ ରେକର୍ଡ (ସିଡିଆର୍) ମଗାଇଥିଲା। ସିଡିଆରରୁ ପୁଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଥିଲା। ସୀମା ଓ ଚିନୁ ଗତ ୨ ମାସ ମଧ୍ୟରେ ୧୩୦୦ ଥର କଥାବାର୍ତ୍ତା ହୋଇଥିବା ଜାଣିବା ପରେ ଚିନୁକୁ ଉଠାଇ ଆଣିଥିଲା। ଚିନୁ ମୋବାଇଲ ସୀମା ଓ ଚିନୁ ଏବଂ ସୀମା ଓ ତାପସର ଅନେକ ଫଟୋ ମିଳିଥିଲା। ଚିନୁକୁ ମାରାଥନ ଜେରା ପରେ ସବୁ କଥା ପଦାକୁ ଆସିଥିଲା। ପରେ ଯାଜପୁର ପୁଲିସ ରାଉରକେଲାରେ ଚଢ଼ଉ କରି ତାପସ, ସୂରଜ ଓ ଅଙ୍କିତକୁ ଉଠାଇ ଆଣିଥିଲା।

ତାପସକୁ ପଚରାଉଚରା କରିବା ପରେ ପୂରା ଘଟଣା ଉପରୁ ପରଦା ହଟିଥିଲା। ସେ କିପରି ବନ୍ଧୁକ ଆଣିଲା, କିପରି ହତ୍ୟା କଲା, ହତ୍ୟା ପରେ ବନ୍ଧୁକ କେଉଁଠାରେ ରଖିଲା ଓ କେମିତି ଫେରାର୍ ହେଲା; ସେ ସଂପର୍କରେ ତଥ୍ୟ ପାଇଥିଲା। ପରେ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ) ଧାରା ୨୩ ଅନୁଯାୟୀ ଦୁଇଜଣ ସାଧାରଣ ଲୋକଙ୍କ ଉପସ୍ଥିତିରେ ତାପସର ବୟାନ ରେକର୍ଡ କରିଥିଲା। ତାପସର ବୟାନ ଆଧାରରେ, ଦୁଇ ସାକ୍ଷୀଙ୍କ ଉପସ୍ଥିତିରେ ମେଡିକାଲ କଲେଜ ପଛପାଖରେ ଥିବା ଏକ ବୁଦା ମୂଳରୁ ବନ୍ଧୁକ ଜବତ କରିଥିଲା। ବିଏସ୍‌ଏ ଧାରା ଅନୁସାରେ ରେକର୍ଡ ହୋଇଥିବା ବୟାନକୁ କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଉପସ୍ଥାପନ କରିବ ପୁଲିସ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସପି ଯସ ପ୍ରତାପ ଶ୍ରୀମଲ, ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝି ଓ ଯାଜପୁର ଥାନା ଅଧିକାରୀ ଶରତ ନାୟକ ଉପସ୍ଥିତ ଥିଲେ।

## ରାସ୍ତା ଓ ପାନୀୟ ଜଳ ସମସ୍ୟା

# ଲାଲଗୁଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୩।୪(ସମିସ): ପାନୀୟ ଜଳ ଓ ରାସ୍ତା ସମସ୍ୟା ନେଇ କୋରାପୁଟ ବ୍ଲକ ମହାଦେଇପୁଟ ପଞ୍ଚାୟତ ଅନ୍ତର୍ଗତ ଲାଲଗୁଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ତିଳକ ଗଦବା, ସିନ୍ଧୁ ପୂଜାରୀ, ଲବ ଗଦବା ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗାଁକୁ ପକା ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ ଏବଂ ବ୍ଲକ ପ୍ରଶାସନ ନିକଟରେ ଅନେକ ଥର ଗୁହାରି କରିଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ହେଇ ପାରିନାହିଁ। ପକ୍କା ରାସ୍ତା ନଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁ ନାହିଁ ଫଳରେ ପ୍ରସୂତୀ ଏବଂ ରୋଗୀ ମାନଙ୍କୁ ଭାରରେ ବୋହିବାକୁ ପଡୁଛି। ଅତି ଜରୁରୀ ସମୟରେ ପାଦ ଚଲା ରାସ୍ତାରେ ବାଇକ ଓ ସାଇକେଲ ସେମାନଙ୍କ ଜୀବନ ରକ୍ଷକ ସାଜୁଥିବା ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ଭାରତ ମାଳା ରାସ୍ତାରେ ସେମାନେ ଯାତାୟାତ କରୁଛନ୍ତି କିନ୍ତୁ ତାହା କାର୍ଯ୍ୟକାରୀ ହେଲେ ସେହି ରାସ୍ତା ମଧ୍ୟ ପଥଚାରୀ ଓ ଦୁଇ ଚକିଆ, ତିନି ଚକିଆ ଗାଡ଼ି ପାଇଁ ବନ୍ଦ କରି ଦିଆ ଯିବ, ଯାହା ଫଳରେ ଗ୍ରାମବାସୀଙ୍କ ସମସ୍ୟା ଅଧିକ ଜଟିଳ ହେବ। ସେହିପରି ଲାଲଗୁଡ଼ା ଗ୍ରାମବାସୀଙ୍କ ନିମନ୍ତେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ବହୁ ବର୍ଷ ପୂର୍ବରୁ ଗ୍ରାମବାସୀ ନିଜେ ଏକ କୂଅ ଖୋଳିଥିଲେ, ପରବର୍ତ୍ତୀ ସମୟରେ ସେହି କୂଅ ମଝିରେ ନଳକୂପ ଖନନ କରାଯାଇ ସୋଲାର ସଂଯୋଗ କରି ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ବର୍ତ୍ତମାନ ସୋଲାର ପ୍ୟାନେଲ ଖରାପ ଯୋଗୁଁ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଲୋକେ ନାଳ ନର୍ଦ୍ଦମାର ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଗାଁରେ ୨୫-୩୦ ପରିବାର ବସବାସ କରୁଛନ୍ତି। କିନ୍ତୁ ଅନେକ ଦାବି ପରେ ମଧ୍ୟ ସେମାନଙ୍କୁ ରାସ୍ତା ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ଦିଆ ନଯିବା ଦୁର୍ଭାଗ୍ୟ ଜନକ ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଗ୍ରାମବାସୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କ ଦାବି ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି।

● ଉପାନ୍ତରେ ଜଳକଷ୍ଟ

# ତେନ୍ତୁଳିପୋଡ଼ା ନଳକୂପରୁ ବାହାରୁଛି ଗୋଳିଆ ପାଣି



ବୈପାରୀଗୁଡ଼ା,୧୩।୪(ସମିସ): ଉପାନ୍ତରେ ଦୁଃଖ ଦେଉଛି ଜଳ କଷ୍ଟ। ବର୍ଷ ବର୍ଷ ଧରି ଏଠି ଲୋକେ ପାଣି ପାଇଁ ଛଟପଟ ହେଉଛନ୍ତି। ପାଣି ପାଇଁ ନଳକୂପ ଭରସା। ହେଲେ ନଳକୂପରୁ ଗୋଳିଆ ପାଣି ବାହାରୁ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ରାଜ୍ୟ ସରକାର ପ୍ରତ୍ୟକ ଅଞ୍ଚଳରେ ବସୁଧା ଯୋଜନାରେ ଗାଁକୁ ଗାଁ, ଘରକୁ ଘର ପାଣି ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଥିବା ବେଳେ ଉପାନ୍ତବାସୀ କିନ୍ତୁ ପାଣି ନପାଇ ଡହଳ ବିକଳ ହେଉଛନ୍ତି। ଏଭଳି ଚିତ୍ର ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ତେନ୍ତୁଳିପୋଡା ଗାଁରେ ଦେଖିବାକୁ ମିଳୁଛି। ତେନ୍ତୁଳିପୋଡାରେ ୧୫ରୁ ଅଧିକ ପରିବାର ବସବାସ କରନ୍ତି। ମାତ୍ର ଏଠାରେ ବସୁଧା ଯୋଜନା ଫେଲ ମାରିଛି। ନଳକୂପ ହିଁ ଏମାନଙ୍କ ସହାଭାରସା। ତାହା ମଧ୍ୟ ଅଚଳ ସଙ୍ଗେ ସମାନ। ଘଣ୍ଟାଏ ମାରିଲେ ଗୋଟିଏ ହାଣ୍ଡି ପାଣି ବାହାରୁଛି। ସେ ପୁଣି ଗଳିଆ ପାଣି। ଏହି ପାଣି ପିଇବା ଉପଯୋଗୀ ନୁହେଁ, କିନ୍ତୁ ପାନୀୟ ଜଳର କୌଣସି ବିକଳ୍ପ ନପାଇ ଲୋକେ ବାଧ ହୋଇ ଏହି ପାଣି ବ୍ୟବହାର କରୁଛନ୍ତି। ଏଠାରେ ବସୁଧା ସାଜିଛି ପ୍ରହସନ। ଗାଁ ମୁଣ୍ଡରେ ପାଣି ଟାଙ୍କି ନିର୍ମାଣ କରାଯାଇଛି। ଘରେ ଘରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଛି। ମାତ୍ର ତାହା କାମରେ ଆସୁନି। ଏନେଇ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ କିମ୍ବା ବିଡ଼ିଓ କେହି ବି ଦୃଷ୍ଟି ଦେଉନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ୱାର୍ଡ ମେମ୍ବର କାମୁଲୁମୁଣ୍ଡାଗୁଡିଆ ଏବଂ ଗାଁର ଗଙ୍ଗା ପୂଜାରୀ, ବଲୁ ନାୟକ, ବଳବ ପପୁଲ, ପତି ପପୁଲ, ସୁକାନ୍ତ ପୂଜାରୀ। ଜଳ ହିଁ ଜୀବନ। ମାତ୍ର ରାଜ୍ୟ ସରକାରଙ୍କ ଅସଜଡା ବସୁଧା ଯୋଜନା ପାଇଁ ତେନ୍ତୁଳିପୋଡ଼ାରେ ଜଳ ସାଜିଛି ଦୁଃଖର କାରଣ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ବସୁଧା ଯୋଜନାର ଲାଭ ପାଇ ପାରିବେ ଉପାନ୍ତବାସୀ।

# ପ୍ରେମ ବିବାହ ବିବାଦ ସମାଧାନ ଉଦ୍ୟମ ବେଳେ ଉତ୍ତେଜନା

● ଉଭୟ ପକ୍ଷ ମଧ୍ୟରେ ପୁଲିସର ଆଲୋଚନା

ନନ୍ଦପୁର,୧୩।୪(ସମିସ): ଗତ ମାର୍ଚ୍ଚ ମାସରେ ପାଡୁଆ ଥାନାରେ ନାବାଳକ ପ୍ରେମ ବିବାହ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏହାର ସମାଧାନ ପାଇଁ ରବିବାର ଦିନ ଆଲୋଚନା ହେଉଥିବା ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆଲୋଚନା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତ ମାର୍ଚ୍ଚ ମାସରେ ବାଡେଲ ଓ ଖମରା ଗ୍ରାମର ନାବାଳକ ପ୍ରେମ ବିବାହ କରି ଫେରାର ଥିଲେ। ଏହାର ସମାଧାନ ପାଇଁ ଉଭୟ ଗ୍ରାମର ଦୁଇ ପରିବାର ସମେତ ଅଞ୍ଚଳର କିଛି ଭଦ୍ର ବ୍ୟକ୍ତି ଉପସ୍ଥିତ ରହି ସମାଧାନ ନିମନ୍ତେ ଆଲୋଚନା କରୁଥିଲେ। କିଛି କଥା କଟାକଟି ହୋଇ ତୁମଳକାଣ୍ଡ ଚାଲିଥିବା ବେଳେ ଖବର ପାଇ ପାଡୁଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଉଭୟ ପକ୍ଷ ଝିଅ ଓ ପୁଅକୁ ପୁଲିସ ଗିରଫ ପାଇଁ ଆସୁଥିବା ସଂଦେହ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଏହି ମାମଲାକୁ ନେଇ ପୁଲିସର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଛି।

# ବୋରିଗୁମ୍ମା ବ୍ଲକ୍‌ରେ ଚୋରା ଦେଶୀ ମଦ ବନ୍ୟା

● ଆଣ୍ଠେଇ ପଡିଛି ଅବକାରୀ ବିଭାଗ !

ବୋରିଗୁମ୍ମା, ୧୩।୪ (ସମିସ): ରାଜ୍ୟ ସରକାର ନିଶା ନିବାରଣ ପାଇଁ ଦିନକୁ ଦିନ ଅନେକ ଯୋଜନା ପ୍ରଣୟନ କରିବା ପାଇଁ ଅଣ୍ଟା ଭିଡିଛନ୍ତି। କିନ୍ତୁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍‌ରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏପରିକି ସହରର କେତେକ ପାନ ଦୋକାନରେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଇଛି। ତେବେ ବୋରିଗୁମ୍ମା ବ୍ଲକ୍‌ରେ ଅବକାରୀ ନିଶା ଢେର ପରିମାଣରେ ବୃଦ୍ଧି ପାଉଛି। ବୋରିଗୁମ୍ମା ଏକ ବଡ଼ ବ୍ଲକ୍। ବ୍ଲକ୍ ଅଞ୍ଚଳରେ ଚୋରା ଦେଶୀ ମଦର ବନ୍ୟା କହିଲେ ଅତ୍ୟୁକ୍ତି ହେବନାହିଁ। ଚୋରା ଦେଶୀ ମଦର କୁଟୀର ଶିଳ୍ପ କୁହାଯାଉଥିବା ଲୋଦିଯୋଡି ଗ୍ରାମକୁ ଲାଗି ରହିଥିବା ବଣ ଜଙ୍ଗଲରେ ଚୋରା ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ସେହିପରି ବ୍ଲକ୍‌ର ଧୁଡୁସାପାଲା, ସାନ ଶିରିସୀ, ବଡ଼ ଶିରିସୀ, ହାଟଗୁଡା ଭଳି ଗ୍ରାମରେ ଦିନକୁ ହଜାର ହଜାର ଲିଟର ଚୋରା ଦେଶୀ ମଦ ପ୍ରସ୍ତୁତ ହେଉଥିବା ଦେଖାଦେଇଛି। ବୋରିଗୁମ୍ମା ଅବକାରୀ ବିଭାଗ ସବୁ କିଛି ଜାଣି ନ ଜାଣିଲା ଭଳି ଅଭିନୟ କରୁଛନ୍ତି। ଅବକାରୀ ବାବୁ ଛୋଟ ମଦ ବ୍ୟବସାୟୀଙ୍କୁ ଧରି ଗିରଫ କରୁଥିବା ବେଳେ ବଡ଼ ବଡ଼ ମଦ ବ୍ୟବସାୟୀଙ୍କୁ ଗିରଫ କରିବାରେ ସମ୍ପୂର୍ଣ୍ଣ ବିଫଳ। ଚୋରା ଦେଶୀ ମଦ ୟୁରିଆ, ଆମୋନିଆ ଓ ବ୍ୟାଟେରୀ ଗୁଣ୍ଡ ମିଶାଇ ପ୍ରସ୍ତୁତ ହେଉଥିବା ବେଳେ ଲୋକେ ଏହି ଚୋରା ମଦ ପିଇ ଅକାଳରେ ମୃତ୍ୟୁବରଣ କରୁଥିବା ଦେଖାଦେଇଛି। ଅନ୍ୟପଟେ ମୋଟର ସାଇକଲରେ ବିହାରୀ ମଦ ଗାଁ ଗାଁରେ ଯାଇ ବିତରଣ ହେଉଛି। ଏହା ଫଳରେ ବିଭିନ୍ନ ଅପରାଧିକ ମାମଲା ବୃଦ୍ଧି ପାଉଛି। ବୋରିଗୁମ୍ମା ନୂଆ ଅବକାରୀ ବାବୁ ବଳରାମ ଦାସଙ୍କ କାର୍ଯ୍ୟଶୈଳୀ ଦୁର୍ବଳ ଯୋଗୁଁ ବ୍ଲକ୍‌ରେ ଚୋରା ଦେଶୀ ମଦ ବୃଦ୍ଧି ପାଉଛି ବୋଲି ଅଭିଯୋଗ ହେଉଛି। କର୍ମଚାରୀ ଅଭାବ ବୋଲି ଦର୍ଶାଇ ଚଢ଼ଉ ଧିମାରେ ଚାଲିଛି। ତେବେ ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ବଡ଼ ଧରଣରର ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

● ସରକାରୀ ବସ୍ ଦୁର୍ଘଟଣା

# ୪୦ ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଚାଳକ



ନନ୍ଦପୁର, ୧୩।୪ (ସମିସ): ନନ୍ଦପୁର ଠାରୁ ପରଜା ବଡ଼ପଡ଼ା ଯାଉଥିବା ମୁଖ୍ୟମନ୍ତ୍ରୀ ମୋ ବସ ହୀକୀମ ମାରଡ଼ା ରାସ୍ତା ଉପରେ ହଠାତ୍ ଚାଷ ଜମିରୁ ଗାଡି ଆଡକୁ ଦୌଡ଼ି ଆସିଲା ଏକ ଗାଈ। ଗୋ ମାତାକୁ ବଞ୍ଚାଇବାକୁ ଯାଇ ଗାଡି ଟିକିଏ ରାସ୍ତା କଡକୁ ନେଇ ଯିବାରୁ ଭାରସାମ୍ୟ ହରାଇ ଏକ ଗଛ ଉପରେ କଡେଇ ହୋଇ ରହିଗଲା ଗାଡ଼ି। ଡ୍ରାଇଭର ଅର୍ଜ୍ଜୁନ ଖଡାଙ୍କ ଉପସ୍ଥିତି ବୁଦ୍ଧି ଗୋ ମାତା ସମେତ ଗାଡି ଭିତରେ ବସି ଥିବା ୪୦ ଜଣ ଯାତ୍ରୀଙ୍କ ଜୀବନ ବଞ୍ଚି ପାରିଛି। କୌଣସି ଯାତ୍ରୀଙ୍କୁ କିଛି ସେମିତି କ୍ଷତି ହୋଇଥିବା ବେଳେ ୍ର ଦୁଇ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ମୋ ସେବା ବସ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



ପାପଡାହାଣ୍ଡି,୧୩।୪(ସମିସ): ପାପଡ଼ାହାଣ୍ଡି ବ୍ଲକ କାର୍ଯାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ପକ୍ଷରୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଓଡ଼ିଆପକ୍ଷ ଅବସରରେ ଏଭଳି ରକ୍ତଦାନ ଶିବିର ଆୟୋଜନ କରି ସଚେତନତା ସୃଷ୍ଟି କରିଥିଲା ଶିବିରରେ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ବେହେରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିନାଥ ପ୍ରଧାନ, ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ବିଡ଼ିଓ କପିଳଦେବ ସାହୁ, ତହସିଲଦାର ତପନ କୁମାର ନାୟକ ଆଇଆଇସି ଉମେଶ ଚନ୍ଦ୍ର ନାୟକ, ଅଗ୍ନିଶମ ଷ୍ଟେସନ ଅଫିସର ଦୂରଦକ୍ଷ ବାଘ,ବିଜୟ ବିଷୋୟୀ, ଦୀନେଶ ଅଗ୍ରୱାଲ, ଶିବ

**୩୬ ୟୁନିଟ୍ ସଂଗ୍ରହ**

ପ୍ରସାଦ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ହରି ପାଣିଗ୍ରାହୀ,ତ୍ରିନାଥ ଅମନାତ୍ୟା, ଟୁଟୁ ବିଷୋୟୀ,ପ୍ରମୁଖ ଯୋଗ ଦେଇ ଶିବିର ଉଦଘାଟନ କରି କାର୍ଯ୍ୟକ୍ରମ ଆରମ୍ଭ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଭଣ୍ଡାରର ଡା.ସୁମନ୍ତ ବଳ, ଟେକ୍ନିସିଆନ ହେମନ୍ତ ରାଉତ, ଲବ କୁମାର ରାଉତ, ମନୋଜ ପଟ୍ଟନାୟକ ରକ୍ତ ସଂଗ୍ରହ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ମନସ୍ମିତା ମହାନ୍ତି, ସାମ୍ବାଦିକ ଏନ.ଜନାର୍ଦ୍ଦନ ରାଓ ପରିଚାଳନା କରିଥିଲେ। କର୍ଣ୍ଣ ନାୟକ, ପ୍ରତାପ କିଶୋର ନାୟକ, ଶିବାନନ୍ଦ ବେହେରା, ଅଜିତ କୁମାର ପାଢ଼ୀ, ସୁରେଶ କୁମାର ବାଘ, ମହେନ୍ଦ୍ର ମୋହନ ମାଝୀ ସହଯୋଗ କରିଥିଲେ। ଡିସେମ୍ବର ବିଷୋୟୀ, ଅର୍ଜ୍ଜୁନ ହରିଜନ, ନିଗମାନନ୍ଦ ଲକ୍ଷଣ ମାଝୀ, ଟି. ସୁଜାତା, ଦେବିଶ୍ରୀ ମହାନ୍ତି, ମଦନ ନାୟକ, ଫକୀର ମୋହନ ଜେନା, ଦେବାଶିଷ ନାୟକ, ସନ୍ଧ୍ୟାରାଣୀ ବେହେରା, ସତ୍ୟଭାମା ସିଂଘ, ଗଜେନ୍ଦ୍ର କୁମାର ସାହୁ,ବିସିକେଶନ ମାଝୀ, ମହେନ୍ଦ୍ର ବିଷୋୟୀ, ପ୍ରୋମଦ ନାୟକ, ଦିଗାମ୍ବର ମେହେର, ନିତ୍ୟାନନ୍ଦ ଖଣ୍ଡଗିରି, ମୋକର ବିଷୋୟୀ, ଭି. ଭାରତଦ୍ୱାଜ, ଉମାକାନ୍ତ ଶବର, ଶରତ ଚନ୍ଦ୍ର କୁଟୁରିକା, ଲବ ସୌରା, ତପନ କୁମାର ନାୟକ, ଅଭିନାଶ ପାତ୍ର, ଚନ୍ଦନ ପାତ୍ର,ପ୍ରସାଦ କୁମାର ସୁବୁଦ୍ଧି,ଜିତେଶ କୁମାର ସୁବୁଦ୍ଧି, ସୁରେନ୍ଦ୍ର କୁମାର ଦାସ, ଅଶ୍ୱନୀ କୁମାର ଭୂଷଣ, ଭକ୍ତି ପ୍ରସାଦ ଶତପଥୀ,ଉଷାବତୀ ଲୋହରା,ନିଖିଳ ଅଗ୍ରୱାଲ,ଗଗନ ହିଆଲ ଓ ବିଶ୍ୱାସ ବିରାଜ ବେହେରା ପ୍ରମୁଖ ରକ୍ତଦାନ କରିଥିଲେ।

# ‘ଆମେ ଜାଣିବା ଆମର ବଜେଟ୍’ କାର୍ଯ୍ୟକ୍ରମ



ନାରାୟଣପାଟଣା,୧୩।୪(ସମିସ): ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସଭା ଗୃହଠାରେ ଆମେ ଜାଣିବା ଆମର ବଜେଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ଜିପିଡିଓ ଶ୍ରୀକୁମାର ନାଇଡୁ, ବଡ଼ବାବୁ ଭି ନାଗାରାଜୁ, ସହକାରୀ ଯନ୍ତ୍ରୀ ଶ୍ରାବଣୀ ପାଢ଼ୀ, ସମସ୍ତ ସମିତି ସଭ୍ୟ ସଭ୍ୟା, ସମସ୍ତ ସରପଞ୍ଚ, ବ୍ଲକର ସମସ୍ତ କର୍ମଚାରୀ, ସମସ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ୨୦୨୬-୨୭ ଆର୍ଥିକ ବର୍ଷରେ ସରକାର କେଉଁ ବିଭାଗକୁ କେତେ ଟଙ୍କା ବଜେଟ ଦେଇଛନ୍ତି, ସେହି ବିଷୟରେ ଅତିଥିମାନେ ନିଜର ଅଭିଭାଷଣ ରଖିଥିଲେ। ଗ୍ରାମୀଣ ଗୃହ ନିର୍ମାଣ ବିଭାଗ ଅଧିନରେ ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୨୪୪୫ କୋଟି, ଅନ୍ତୋଦୟ ଗୃହ ଯୋଜନା ପାଇଁ ୨୦୦୦ କୋଟି ଟଙ୍କା, ରୋଜଗାର ଓ ଜୀବିକା ବିଭାଗ ଅଧିନରେ ଥିବା ବିକଶିତ ଭାରତ ଜି ରାମ ଜି ଯୋଜନା ପାଇଁ ୫୫୭୫ କୋଟି ଟଙ୍କା,ମନୋରେଗା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମନୋରେଗା ଯୋଜନା ପାଇଁ ୧୬୨୬ କୋଟି ଟଙ୍କା, କ୍ରମ ବର୍ଦ୍ଧିଷ୍ଣୁ ପଦ୍ଧତି ମାଧ୍ୟମରେ ଜୀବିକା ଅଭିବୃଦ୍ଧି ଅଧୀନରେ ଅଞ୍ଚଳରେ ସ୍ଥାୟୀ ରୋଜଗାର ଯୋଗାଇବା ପାଇଁ ୨୨୦ କୋଟି ଟଙ୍କା, ପାନୀୟ ଜଳ ଓ ପରିମଳ ବିଭାଗ ଅଧିନରେ ଥିବା ଜଳ ଜୀବନ ମିଶନ ଯୋଜନା ପାଇଁ ୭୦୦୦ କୋଟି ଟଙ୍କା,ବସୁଧା ଯୋଜନା ପାଇଁ ୪୯୫ କୋଟି ଟଙ୍କା, ଆର୍‌ପିଡବ୍ଲୁଏସ୍ ଯୋଜନା ପାଇଁ ୧୦୦୦ କୋଟି ଟଙ୍କା, ନୂତନ ମିଶନ ପାୱାର ଯୋଜନା ପାଇଁ ୧୦୦୦ କୋଟି ଟଙ୍କା,ବୃହତ ପ୍ରକଳ୍ପ ଯୋଜନା ପାଇଁ ୩୫୧୯୩ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ଯୋଜନା ପାଇଁ ୩୭୬ କୋଟି ଟଙ୍କା, ଗ୍ରାମୀଣ ଭିତ୍ତିଭୂମି ବିକାଶ ଅଧୀନରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ପାଇଁ ୨୦୦୦ କୋଟି ଟଙ୍କା,ସୌରଚାଳିତ ଷ୍ଟ୍ରିପ ଲାଇଟ୍ ଯୋଜନା ପାଇଁ ୫୦ କୋଟି ଟଙ୍କା, ଦକ୍ଷତା ବିକାଶ ଓ ମାର୍କେଟିଂ ବିଭାଗ ଅଧିନରେ ବେକାର ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦେବାପାଇଁ ୧୬୦ କୋଟି ଟଙ୍କା, ଓରମାସ ପାଇଁ ୬୫ କୋଟି ଟଙ୍କା, ପଞ୍ଚାୟତିରାଜ ସୁଦୃଢ଼ିକରଣ ବିଭାଗ ଅଧିନରେ ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ ଓ ଡିଜିଟାଲ ପ୍ରଶାସନ ପାଇଁ ୩୦୭ କୋଟି ଟଙ୍କା ସରକାର ପ୍ରସ୍ତାବିତ କରିଛି। ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଇବା ସହ ବଜେଟ ବିଷୟରେ ଲୋକମାନଙ୍କୁ ଅବଗତ କରାଇ ଅଞ୍ଚଳକୁ ବିକାଶ ଦିଗରେ ଆଗେଇ ନେବା ପାଇଁ ସରକାରଙ୍କ ଏହା ଏକ ନୂତ୍ୟ ପ୍ରୟାସ। ଶେଷରେ ଶ୍ରୀ ନାଇଡୁ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ।

# ଅଗ୍ନି ଗଙ୍ଗାମା’ ଠିକାଦାର ସଂଘ ବୈଠକ



ସେମିଳିଗଡ଼ା,୧୩।୪(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ନିକଟସ୍ଥ ୱିଡା ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଅଗ୍ନି ଗଙ୍ଗାମା ଠିକାଦାର ସଂଘର ସଭାପତି ଘେନୁ ଦେଉଳପାଡିଆ ଏବଂ ସାଧାରଣ ସମ୍ପାଦକ ଅଶୋକ ପ୍ରଧାନ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚନାରେ ବାହାରର ଠିକାଦାର କାର୍ଯ୍ୟ ପାଇ ନିମ୍ନ ମାନର କାମ କରିବା ହେତୁ ସ୍ଥାନୀୟ ଠିକାଦାର ପ୍ରତି ବଦନାମ ହେଉଥିବା ଅଭିଯୋଗ ଆଣିଛି ସଂଘ। ଆଗାମୀ ଦିନରେ ସ୍ଥାନୀୟ ଠିକାଦାର ସଂଘ ସିଡୁଲ ରେଟରେ କାମ କରିବେ ବୋଲି ପ୍ରକାଶ କରିଛନ୍ତି। ପୁଣି ସଂଘ ଆଜିକୁ ଛ ବର୍ଷ ହେଲା କାମ କରି ଆସୁଥିବା ସୂଚନା ଦେଇଛନ୍ତି। ବୈଠକ ରେ ସେମିଳିଗୁଡା, ପଟ୍ଟାଙ୍ଗି, ନନ୍ଦପୁର, ସୁନାବେଡା ପୌର ପରିଷଦ ଅଞ୍ଚଳର ଲାଇସେନ୍ସ ପ୍ରାପ୍ତ ଠିକାଦାର ମାନେ ଯୋଗ ଦେଇଥିଲେ। ବିଭିନ୍ନ ସମସ୍ୟା ଉପରେ ଆଲୋଚନା ସହ ସଂଘର ଆଗାମୀ କାର୍ଯ ଉପରେ ଆଲୋଚନା କରିଥିଲେ।

● ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ



ପଟ୍ଟାଙ୍ଗି,୧୩।୪(ସମିସ): କୋରାପୁଟ ଜିଲ୍ଲାର ଜିଲ୍ଲାପାଳ କୋରାପୁଟ ମନୋଜ ସତ୍ୟୱାନ ମହାଜନଙ୍କ ଉପସ୍ଥିତିରେ ପଟ୍ଟାଙ୍ଗି ବ୍ଲକ ସଭାଗୃହ ଠାରେ ଅଭିଯୋଗ ଗୁଡ଼ିକର ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଡ଼ିଓ ବେଣୁଧର ଶବର ଏବଂ ଡିପିଓ ଯୁଗଳ କିଶୋର ନାୟକ, ଜିଲ୍ଲା ଓ ବ୍ଲକର ବିଭିନ୍ନ ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ଆଜି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୪ ଗୋଟି ଅଭିଯୋଗ ଗୁଡ଼ିକର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ଗୋଷ୍ଠୀଗତ ୧୧ଟି ଏବଂ ବ୍ୟକ୍ତିଗତ ୩ଟି ରହିଥିବା ନେଇ ଜଣାପଡିଛି। କାର୍ଯ୍ୟକ୍ରମକୁ ପରିଚାଳନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କ ଉପସ୍ଥିତିରେ ସମସ୍ତ ବ୍ଲକ୍ କର୍ମଚାରୀ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଜନ ଶୁଣାଣି କାର୍ଯ୍ୟକ୍ରମ ସାରିବା ପରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ତଦାରଖ କରିବା ନିମନ୍ତେ ଯାଇଥିଲେ। ସେ ତଳଗୋଲୁର ପଞ୍ଚାୟତର ପାନବାଡ଼ି ଗ୍ରାମ, ରାଲେଗଡ ପଞ୍ଚାୟତରେ କମ୍ୟୁନିଟ୍ ହାଟ, ଆମ୍ବାବିଲି ପଞ୍ଚାୟତର ରୁରାଲ ହାଟ ଏବଂ ସୁଙ୍କି ପଞ୍ଚାୟତ ପରିଦର୍ଶନ କରିଥିବା ନେଇ ଜଣାପଡିଛି। ଜିପିଡିଓ ମହେଶ୍ୱର କୁମାର ପଣ୍ଡା ଏପିଓ ସୌମେନ୍ଦ୍ର ନାୟକ ପ୍ରମୁଖ ବ୍ଲକ ଅଧିକାରୀ ଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏରୋନଟିକ୍ସ ମହାବିଦ୍ୟାଳୟରେ ଖାଦ୍ୟ ମେଳା




**ସୁନାବେଡ଼ା ,୧୩।୪ (ସମିସ)**; ସୁନାବେଡା ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ “ ଆମ ରୁଚି ଆମ ଖାଦ୍ୟ’ ଶୀର୍ଷକ ଏକ ମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡ. ଅନସୂୟା ନନ୍ଦ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଖାଦ୍ୟ, ପୋଡ଼ ପିଠା, ଚିତୋଉ, କାକରା, ଆରିସା, ମଣ୍ଡା , ମାଣ୍ଡିଆ ପିଠା, ପାଲୁଅ ପିଠା, ମାଲପୁଆ, ଫେଣି, ଦହିବରା, ପଣା ଆଦି ନିଜ ହାତରେ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅଧକ୍ଷା ଡକ୍ଟର ନନ୍ଦ ଓଡ଼ିଆ ସଂସ୍କୃତି ଓ ଖାଦ୍ୟର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ.ସଞ୍ଜୟ ପୁରୋହିତ ବରିଷ୍ଠ ପ୍ରାଧ୍ୟାପକ ଡ.ରବିନାରାୟଣ ସାମନ୍ତରାୟ, ହିରଣ୍ମୟୀ ତ୍ରିପାଠୀ, ଡ.ସଞ୍ଜୟ ଲେଙ୍କା, ବିଶ୍ୱଜିତା ପାଢ଼ୀ, ସସ୍ମିତା ମହାପାତ୍ର, ପ୍ରଜ୍ଞାଦେବହୂତି ଦାଶ, ଡ.ସ୍ମୃତିରଞ୍ଜନ ରାଉତ, ଶ୍ୱେତାସୁମନ ଗିରି , ଦିଲ୍ଲୀପ ସାମଲ, ରୁଚିକା ମାଣିଆ, ଚିନ୍ମୟୀ ପଣ୍ଡା, ମଗ୍ନେଶ୍ୱର ନାଗ, ରଶ୍ମି ରେଖା ନାୟକ ପ୍ରମୁଖ ସମସ୍ତେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

## ରାସ୍ତା ପ୍ରଶସ୍ତିକରଣ କାମରେ ସରକାରୀ ଅବହେଳା

# ହଟିଲାନି ବିଦ୍ୟୁତ ଖୁଣ୍ଟ ଓ ଗଛ



ତେନ୍ତୁଳିଖୁଣ୍ଟି,୧୩।୪ (ସମିସ) ସରକାରଙ୍କ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟରେ ବିଭିନ୍ନ ବିଭାଗର ସହଯୋଗ ମିଳିଲାନି। ରାସ୍ତାକୁ ଲାଗି ରହିଥିବା ଗଛ,ବିଦ୍ୟୁତ ଖୁଣ୍ଟ ଓ ଏୟାର ଭଲବ ହଟି ପାରିଲାନାହିଁ। ଟେଣ୍ଡର ପାଇଥିବା କଣ୍ଟ୍ରାକ୍ଟର ବାଧ ହୋଇ ରାସ୍ତା କାର୍ଯ୍ୟ କରିଚାଲିଛି। ଫଳରେ ନୂତନ ରାସ୍ତାରେ ବିଦ୍ୟୁତ ଖୁଣ୍ଟ, ଏୟାର ଭଲବ ରହିଯାଇଛି। ସେହିପରି ପିଚୁ ରାସ୍ତାକୁ ଲାଗି ଅନେକ ଗଛ ରହିଥିବା ଯୋଗୁଁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ନବରଙ୍ଗପୁର ସହର ଉପକଣ୍ଠ ମାଝୀଗୁଡା ଠାରୁ ନରସିଂହ ଗୁଡା ଏବଂ ଚରାମୁଳା ଠାରୁ ଇନ୍ଦ୍ରାବତୀ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ରାସ୍ତା କାମ ହେଉଛି। ପୂର୍ବରୁ ଥିବା ସାଢ଼େ ୫ ମିଟର ପିଚୁ ରାସ୍ତା ପ୍ରଶସ୍ତ ହୋଇ ୧୦ମିଟର ପିଚୁ ରାସ୍ତା ନିର୍ମାଣ ହେବ। ହେଲେ ଦୁଃଖର ବିଷୟ ପୁରୁଣା ରାସ୍ତା ପାଶ୍ୱର୍ରେ ରହିଥିବା ଅନେକ ଗଛ, ବିଦ୍ୟୁତ୍ ଖୁଣ୍ଟ ଓ ଏୟାର ଭଲବ ଗୁଡିକ ହଟି ପାରିଲାନାହିଁ। ବନ ବିଭାଗ, ଜଳ ଯୋଗାଣ ବିଭାଗ ଓ ଟିପିଏସଓଡ଼ିଏଲ ପକ୍ଷରୁ ରାସ୍ତା ପାଶ୍ୱର୍ରେ ଥିବା ଗଛ,ବିଦ୍ୟୁତ ଖୁଣ୍ଟ ଓ ଏୟାର ଭଲବ ସ୍ଥାନାନ୍ତର ହେଲାନି। କାମରେ ବିଳମ୍ବ ହେଉଥିବା କାରଣରୁ ଚୁକ୍ତିନାମା କରିଥିବା କଣ୍ଟ୍ରାକ୍ଟର ସେମିତିରେ ହିଁ ରାସ୍ତା ପ୍ରଶସ୍ତିକରଣ କାମ କରିଚାଲିଛି। ଫଳରେ ଅଣଓସାରିଆ ହୋଇ ରାସ୍ତା କାର୍ଯ୍ୟ ଚାଲୁରହିଛି। ରାସ୍ତାକୁ ଲାଗି ଅନେକ ଗଛ ରହିଯାଇଛି। କେତେକ ସ୍ଥାନରେ ପିଚୁ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ରହିଯାଇଛି। ଆଉ କିଛି ସ୍ଥାନରେ ଏୟାର ଭଲବ ରହିଛି। ଏହା ଫଳରେ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ରାସ୍ତା ନିର୍ମାଣ ପୂର୍ବରୁ ଏୟାଭଲବ ଗଛ ଓ ବିଦ୍ୟୁତ ଖୁଣ୍ଟ ହଟାଇବା ବ୍ୟବସ୍ଥା ହୋଇଥିଲେ ସୁନ୍ଦର ଓ ପ୍ରଶସ୍ତ ରାସ୍ତା ନିର୍ମାଣ ହୋଇପାରିଥାନ୍ତା। ସରକାରଙ୍କ କାର୍ଯ୍ୟରେ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ହେତୁ ରାସ୍ତାରେ ଥିବା ବୃକ୍ଷ, ପାଇପ୍ ଲାଇନ, ବିଦ୍ୟୁତ ଖୁଣ୍ଟ ଆଦି ହଟା ଯାଇନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ସଠିକ ଭାବେ ନିର୍ମାଣ ପାଇଁ ଦାବି ହେଉଛି।

## ଇମେଲ୍ ଯୋଗେ ଆସିଲା ଧମକ

# ଜିଲ୍ଲା କୋର୍ଟ ପରିସରରେ ବୋମା ଭୟ



## ତଦନ୍ତ ବେଳେ ମିଳିଲାନି ବିସ୍ଫୋରକ

ମାଲକାନଗିରି, ୧୩।୪(ସମିସ): ମାଲକାନଗିରି ଜିଲ୍ଲା କୋର୍ଟ ପରିସରରେ ଆଜି ଦେଖିବାକୁ ମିଳିଛି ବୋମା ଆତଙ୍କ। ଏକ ଅଜ୍ଞାତ ଇ-ମେଲ୍ ଜରିଆରେ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୁରକ୍ଷା ଦୃଷ୍ଟିରୁ ତୁରନ୍ତ କୋର୍ଟ ପରିସରକୁ ଖାଲି କରାଯାଇଥିବା ବେଳେ ପୁଲିସ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ପକ୍ଷରୁ ତନାଘନା ଜାରି ରହିଛି। ସୂଚନା ଅନୁଯାୟୀ, ଆଜି କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିବା ସମୟରେ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା। ଏହି ଇ-ମେଲ୍‌ରେ ତାମିଲନାଡୁ ଲିବରେସନ ଗ୍ରୁପ୍ ନାମକ ଏକ ସଂଗଠନ ପକ୍ଷରୁ କୋର୍ଟ ପରିସରରେ ବୋମା ଖଞ୍ଜା ଯାଇଥିବା ଏବଂ ଏହାକୁ ଉଡ଼ାଇ ଦିଆଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା ଜଜ୍ ଶାନ୍ତନୁ କୁମାର ଦାସ ତୁରନ୍ତ ସମସ୍ତ କର୍ମଚାରୀ ଓକିଲ ଏବଂ ମହକିଲ ମାନଙ୍କୁ କୋର୍ଟ ପରିସର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ସ୍ଥଳରେ ମାଲକାନଗିରି ଏସପି ବିନୋଦ ପାଟିଲ ଏଚ ଓ ପୁଲିସ ଦଳ ପହଞ୍ଚି କୋର୍ଟର କୋଣ ଅନୁକୋଣ ଯାଞ୍ଚ କରିଥିବା ସହ ସ୍ୱତନ୍ତ୍ର ବୋମା ନିଷ୍କ୍ରିୟ କାରୀ ଦଳ ମଧ୍ୟ ପହଞ୍ଚି କୋର୍ଟ ପରିସରରେ ତନତନ କରି ଯାଞ୍ଚ କରିଥିଲେ। ଏହି ଧମକ ପ୍ରକୃତରେ ସତ୍ୟ ନା କେହି ଦୁର୍ବୃତ୍ତ ଭୟ ସୃଷ୍ଟି କରିବା ପାଇଁ ଏପରି କରିଛି, ସେ ନେଇ ପୁଲିସ ତଦନ୍ତ କରିଥିବା ବେଳେ ଦୀର୍ଘ ସମୟ ପରେ ମଧ୍ୟ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନଥିବା ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ସୁଦ୍ଧା କୋର୍ଟ ପରିସରରୁ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲେ ହେଁ, ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ଏବଂ ତଦନ୍ତ ଜାରି ରହିଥିବା ଏସପି ଶ୍ରୀ ପାଟିଲ ଏଚ ସୂଚନା ଦେଇଛନ୍ତି। ଏହି ଇ-ମେଲ ପଛରେ ପ୍ରକୃତରେ କିଏ ରହିଛି, କାହିଁକି ଏପରି ମେଲ କରାଯାଇଛି ତାହାକୁ ନେଇ ପୋଲିସର ସାଇବର ଟିମ ତଦନ୍ତ କରୁଥିବା ଜଣା ପଡିଛି।

## ନିୟମଗିରିରେ ଜିଓ ନେଟୱାର୍କ ୨ କର୍ମଚାରୀ ଅଟକ

ବିଷମ କଟକ,୧୩।୪(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ନିୟମ ଗିରି କୁର୍ଲି ସଦର ପଞ୍ଚାୟତରେ ଜିଓ ନେଟୱାର୍କର ବୈଷୟିକ ଦୁଇ କର୍ମଚାରୀଙ୍କୁ ଦୀର୍ଘ ପାଞ୍ଚଘଣ୍ଟା କାଳ ଅଟକ ରଖିଲେ ଉତ୍ତ୍ୟକ୍ତ ଗ୍ରାମବାସୀ। ନିୟମ ଗିରିର ବିରଳ ଜନଜାତି ଡଙ୍ଗରିଆ କନ୍ଧ ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗତ ତିନି ବର୍ଷ ତଳେ କୁର୍ଲି ପଞ୍ଚାୟତରେ ଏକ ଜିଓ ଟାୱାର ସ୍ଥାପନ କରାଯାଇଥିଲା। ହେଲେ ଜିଓ ନେଟୱାର୍କ ଥାଇ ମଧ୍ୟ ଏଥିରେ ଲୋକେ ଉପକୃତ ହେଇପାରୁନଥିଲେ। ପାହାଡି ଇଲାକାରେ ରହୁଥିବା ବିରଳ ଜନଜାତିଙ୍କ କୌଣସି ଜରୁରୀକାଳୀନ ସମୟରେ ଫୋନ ଲାଗୁନଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଇଆସୁଥିଲେ। ଏହାକୁ ନେଇ ନିୟମଗିରି ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇନଥିଲା। ଆଜି ଅପରାହ୍ନ ତିନିଟା ବେଳେ ଜିଓ ନେଟୱାର୍କର ଦୁଇ ବୈଷୟିକ କର୍ମଚାରୀ କୁର୍ଲି ଗ୍ରାମରେ ଥିବା ଟାୱାର ର ସ୍ଥିତି ଦେଖିବା ପାଇଁ ଯାଇଥିବା ସମୟରେ ଉତ୍ତ୍ୟକ୍ତ ଥିବା ଗ୍ରାମବାସୀଙ୍କ ହାବୁଡ଼ରେ ପଡିଯାଇଥିଲେ। ଦୁଇ କର୍ମଚାରୀଙ୍କୁ ଗ୍ରାମବାସୀ ଏକ ଘର ଭିତରେ ତାଲା ପକାଇ ଦୀର୍ଘ ପାଞ୍ଚଘଣ୍ଟା କାଳ ଅଟକ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇବା ପରେବିଷମ କଟକ ତହସିଲଦାର କେ ଭେଙ୍କେଟେଶ୍ୱର ରେଡ଼ି, ବିଷମ କଟକ ଏସଡିପିଓ ସନ୍ତୋଷୀଣି ଓରାମ ଓ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କୁର୍ଲି ଗ୍ରାମରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଅଟକ ଥିବା ଦୁଇ ବୈଷୟିକ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଆଗାମୀ ୭ ଦିନ ଭିତରେ ଜିଓ ନେଟୱାର୍କ ସ୍ୱାଭାବିକ ହେବା ନେଇ ପ୍ରତିଶୃତି ପରେ ଘଟଣାଟି ଶାନ୍ତ ପଡିଥିଲା।

## ଆଦିବାସୀ ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ

ଡାବୁଗାଁ, ୧୩।୪(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଡାବୁଗାଁ ମେଦନା ମୁଖ୍ୟ ରାସ୍ତା କଡରେ ବ୍ଲକ ଆଦିବାସୀ ସଂସ୍କୃତି ଭବନ ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଇ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝି, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂ ଭତ୍ରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ବାସନ୍ତୀ ମାଝି ଓ ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ପୂର୍ବତନ ସାଂସଦ ପର୍ଶୁରାମ ମାଝି, ଡାବୁଗାଁ ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା, ଦକ୍ଷିଣଓଡିଶା ଆଦିବାସୀ ମହାସଂଘ ଉପସଭାପତି ନରସିଂ ମାଝି, ଡାବୁଗାଁ ବ୍ଲକ ଜନଜାତି ସୁରକ୍ଷା ମଞ୍ଚ ସଭାପତି ମୋହନସିଂ ଗଣ୍ଡ ଓ ଉପସଭାପତି ଫୁଲସିଂ ଜାନୀ, ରାଇସିଂ ପୂଜାରୀ, ମଙ୍ଗରାଜ ମାଝି, କୋଷାଧ୍ୟକ୍ଷ ଦୟାନିଧି ବଞ୍ଜାରା, ଯୋଜନା କମିଟି ସଦସ୍ୟ ହିରେଣ୍ୟ ମାଝି, ଜିଲା ଜନଜାତି ମହିଳା ମୋର୍ଚ୍ଚା ସମ୍ପାଦିକା ଲକ୍ଷ୍ମୀ ବଞ୍ଜାରା, ସମସ୍ତ ସରପଞ୍ଚ, ଭତ୍ରା ସମାଜ, ରାଜଗଣ୍ଡ ସମାଜ, ଶବର ସମାଜ, ବଞ୍ଜାରା ସମାଜ, ସାନ୍ତା ସମାଜ ର ସଭାପତି ମାନେ ଓ ପରଜା ସମାଜ ର ଉପସଭାପତି ଉପସ୍ଥିତ ଥିଲେ ।

## ନାରାୟଣପାଟଣାରେ ଉର୍ସ ପର୍ବ

ନାରାୟଣପାଟଣା,୧୩।୪(ସମିସ): କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକ୍‌ରେ ମୁସଲ୍‌ମାନ ସମ୍ପ୍ରଦାୟ ପକ୍ଷରୁ ଉର୍ସ ପର୍ବ ପାଳନ କରାଯାଇଛି। ପ୍ରତିବର୍ଷ ଏପ୍ରିଲ୍ ୧୩ ତାରିଖରେ ଏହା ପାଳନ କରୁଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ଆଜି ହଜାର ହଜାର ମୁସଲମାନ ଭାଇମାନେ ମାନସିକ ରଖି ବାବାଙ୍କ ସମାଧିରେ ଚାଦର ଚଢ଼ାଇଛନ୍ତି। ନାରାୟଣପାଟଣା ପାଲାପୁଟ ନିକଟ ଝଞ୍ଜାବତୀ ନଦୀ କୂଳରେ ଥିବା ବାବା ସୟଦ ସେର୍‌ଇ ଅଲ୍ଲୀ ମଦିନାଙ୍କ ପୀଠରେ ଏହି ପର୍ବ ଅନୁଷ୍ଠିତ ହୋଇଥିଲା। ଜୟପୁରର ସୁନ୍ନି ମୁସଲିମ୍ ଆଞ୍ଜୁମାନ କମିଟି ପକ୍ଷରୁ ଏହାର ଆୟୋଜନ କରାଯାଇଥିଲ। ବାବାଙ୍କ ସମାଧି ସ୍ଥଳକୁ ଆଲୋକମାଳାରେ ସୁସଜ୍ଜିତ କରାଯଇଥୁଲ ଥିଲା। ଆନ୍ଧ୍ର, ଛତିଶଗଡ଼ ସମେତ ରାଜ୍ୟର ବିଭିନ୍ନ ସ୍ଥାନର ହଜାର ହଜାର ଶ୍ରଦ୍ଧାଳୁଙ୍କ ଏଠାରେ ସମାଗମ ହୋଇଥିଲା। ଏଠାରେ ଜାତି ଧର୍ମ ନିର୍ବିଶେଷରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମବାସୀ ବାବାଙ୍କ ପୂଜାର୍ଚ୍ଚନ କରିଥିଲେ। ୫ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତି ଶୃଙ୍ଖଳାର ସ ସହ ପର୍ବ ପାଳନ ହୋଇଥିବା କମିଟି ସଭାପତି ମୁସ୍ତା ମୁସ୍ତାକ ବେଗ୍ କହିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଲକ୍ଷ୍ମୀପୁର ଏସଡିପିଓ ମନୋଜ କୁମାର ବେହେରା ନେତୃତ୍ୱରେ ଆଇଆଇସି ମମତା ପଣ୍ଡା, ଏସଆଇ ନରସିଂହ ପାଢ଼ୀଙ୍କ ସମେତ ପୁଲିସ ଷ୍ଟାପ ଏବଂ ଏକ ପ୍ଲାଟୁନ୍ ଏକ୍ସ ଆର୍ମି ଏକ ପ୍ଲାଟୁନ୍ ଆଇଆର୍‌ବି ଯବାନ ମୁତୟନ ହୋଇଥିଲେ। କମିଟି ଉପସଭାପତି ଆକବର ବେଗ୍, ଉପସଭାପତି ଆକବର ହୁସେନ୍, ସମ୍ପାଦକ ସକିଲ ମସ କିଲ ମସମ୍ମଦ, ଆକାଉଣ୍ଟାଣ୍ଟ ସାୟଦ ଜାଫର୍, ଏମ୍‌ଡି ଇଶାଖ ଓ ଏମ୍‌ଡି ସାଜିଦ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲ।

## 'ଆମେ ଜାଣିବା, ଆମ ବଜେଟ' କାର୍ଯ୍ୟକ୍ରମ

କୋରାପୁଟ, ୧୩।୪(ସମିସ): ବଜେଟକୁ ସାଧାରଣ ନାଗରିକଙ୍କ ନିକଟ ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ 'ଆମେ ଜାଣିବା, ଆମ ବଜେଟ' କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭାଗୃହରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ରାଜ୍ୟ ବଜେଟର ବିଭିନ୍ନ ନୂତନ ପଦକ୍ଷେପ ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ସେ ଉଲ୍ଲେଖ କଲେ ଯେ ଏହି ବଜେଟ କେବଳ ଆୟ-ବ୍ୟୟର ଏକ ତାଲିକା ନୁହେଁ, ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନୟନ ଓ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣ ଦିଗରେ ଏକ ସୁଦୃଢ଼ ରୋଡ୍‌ମ୍ୟାପ୍, ରାଜ୍ୟର ଦୀର୍ଘମିଆଦୀ ଭିଜନ ସହ ସମନ୍ୱିତ ଏହି ବଜେଟ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ମୂଳଭିତ୍ତିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ ପାଇଛି। ବିଶେଷ ଭାବରେ, କୋରାପୁଟ ଜିଲ୍ଲା ପାଇଁ ବ୍ରହ୍ମପୁର-ଜୟପୁର ସଂଯୋଗୀକରଣ ପ୍ରକଳ୍ପ ଏହି ବଜେଟରେ ଅନ୍ତର୍ଭୁକ୍ତ ହୋଇଥିବା ଅଞ୍ଚଳ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା,କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି,କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କୋରାପୁଟ ସାଂସଦ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ସମେତ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଆମ ରୁଚି,ଆମ ଖାଦ୍ୟ କାର୍ଯ୍ୟକ୍ରମ



ଜୟପୁର,୧୩।୪(ସମିସ): ଜୟପୁର ବ୍ଲକ କାର୍ଯ୍ୟାଳୟ ଠାରେ ଓଡିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ତୃପ୍ତି ବରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୩ଟି ମହିଳା ସ୍ୱୟଂସହାୟକା ଗୋଷ୍ଠୀ ଏବଂ ଗୋଟିଏ ବ୍ଲକ ଲେବଲ ଫେଡେରେସନ ପକ୍ଷରୁ ଓଡିଶାର ପାରମ୍ପାରିକ ଦହି ପଖାଳ, ବଡିଚୂରା, ଦିହ ବୋରା, ପନିପରିବା କାଞ୍ଜି ତୋରାଣି, କାକରା, ଆଡିଶା ପୋଡପିଠା, କ୍ଷୀରି ଏବଂ ଅନ୍ୟାନ୍ୟ ଖାଦ୍ୟ ପ୍ରଦର୍ଶିତ ହୋଇଥିଲେ। ବିଡିଓ ଶକ୍ତି ମହାପାତ୍ର, ଭାରପ୍ରାପ୍ତ ପୌର ନିର୍ବହୀ ଅଧିକାରୀ ପୂଜା ରାଉତ, ସିଡିପିଓ କାଞ୍ଚନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, ଏପିଓ ମାନସ ରଞ୍ଜନ ଆଚାର୍ଯ୍ୟ, ବିପିଏମ ନମିତା ତ୍ରିପାଠୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେହିପରି ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ପକ୍ଷରୁ ବିଭିନ୍ନ ବିଭାଗକୁ ନେଇ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ହୃଷିକେଶ ସେନାପତି, ସମ୍ମାନୀୟ ଅତିଥି ଭାବେ ରେଜିଷ୍ଟ୍ରାର ମହେଶ୍ୱର ନାୟକ, ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖାଦ୍ୟର ସ୍ୱାଦ ପରଖିଥିଲେ। ଖାଦ୍ୟ ପ୍ରତିଯୋଦିତାର ବିଚାରକ ଭାବେ ଡ. ଲକ୍ଷ୍ମଣ ପାତ୍ର ଏବଂ ଡ. ଅରୁଣ କୁମାର ରାଜ ରହିଥିଲେ।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

ମାଲକାନଗିରି, ୧୩।୪(ସମିସ): ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ବିଭିନ୍ନ ପ୍ରକାରର ପାରମ୍ପାରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ଏହାର ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସର୍ବଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ପାରମ୍ପାରିକ ଓଡ଼ିଆ ଖାଦ୍ୟ କେବଳ ଆମର ସ୍ୱାଦ ନୁହେଁ, ବରଂ ଏହା ଆମ ସଂସ୍କୃତିର ପରିଚୟ। ମାଆମାନଙ୍କର ଏହି କଳା ଆଗାମୀ ଦିନରେ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ବହୁତ ସହାୟକ ହେବ। ବିଚାରକ ଭାବେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ମିଶନ ଶକ୍ତି ଡିପିସି ହର୍ଷାନନ୍ଦ ପ୍ରଧାନ ଆୟୋଜନରେ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ସିଇଓ ସ୍ୱସ୍ତିକା ପ୍ରଧାନ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଦେବାଶିଷ ବିଶ୍ୱାଳ, ସନ୍ତୋଷ ବିଶ୍ୱାସ, ଦୂତୀକୃଷ୍ଣ ପାଢ଼ୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ ସକ୍ରିୟ ସହାୟତା କରିଥିଲେ।



## ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ଶୌର୍ଯ୍ୟ ଜାଗରଣ ଯାତ୍ରା

ରାୟଗଡ଼ା,୧୨।୪(ସମିସ): ରାୟଗଡ଼ ଜିଲ୍ଲାରେ ବଜରଙ୍ଗ ଦଳ ପକ୍ଷରୁ ମହା ଆଡମ୍ବରରେ ଶୌର୍ଯ୍ୟ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ଏହି ଯାତ୍ରାକୁ ଏକ ବିଶେଷ ବିଷୟକୁ ନେଇ ଆୟୋଜନ କରାଯାଇଥିଲା। ସଂଗଠନ ପକ୍ଷରୁ କୁହାଯାଇଛି ଯେ,ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଓ ଗ୍ରାମରେ ବାହାରୁ ଆସୁଥିବା ୧୨୦୦୦ ଅଧିକ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀମାନେ ବିଭିନ୍ନ ବ୍ୟବସାୟ ଆଳରେ ଥାଇ ସ୍ଥାନୀୟ ଅର୍ଥନୀତି ଓ ସମାଜିକ ପରିସ୍ଥିତି ଉପରେ ପ୍ରଭାବ ପକାଉଛନ୍ତି । ସେମାନଙ୍କ ପାଇଁ ବିଭିନ୍ନ ଅପରାଧ ବଢୁଛି। ଏ ସମ୍ପର୍କରେ ଲୋକ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଶୋଭାଯାତ୍ରା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ପ୍ରଭୁ ଶ୍ରୀରାମଙ୍କ ରଥ ସହିତ ପଦଯାତ୍ରା ଓ ବାଇକ ରାଲି ଆୟୋଜନ କରାଯାଇଥିଲା। ରଥଯାତ୍ରାଟି ସନ୍ଧ୍ୟା ୫ଟାରେ ଜଗନ୍ନାଥ ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ମୁଖ୍ୟ ବଜାର, ଓଭର ବ୍ରିଜ୍, ବ୍ଲକ ଅଫିସ୍ ରୋଡ୍ ହୋଇ ଇନ୍ଦିରା ନଗର ପ୍ରଥମ ଗଳି ସ୍ଥିତ ଶ୍ରୀ କୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଡା.ବାବୁରାଓ ମହାନ୍ତି, ଜିଲ୍ଲା ଉପ ସଭାପତି ଆନନ୍ଦ ରାଓ, ଜିଲ୍ଲା ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀ ବ୍ରହ୍ମା,ବିଶେଷ ସମ୍ପର୍କ ପ୍ରମୁଖ ବିଜୟ ଚୌଧୁରୀ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ଶକ୍ତି ଧରଣ, ଜିଲ୍ଲା ସଂଯୋଜକ ଶସ୍ୟ ଜ୍ୟୋତି ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ନଗର ସହ ସଂଯୋଜକ ବି. ରାଜେଶ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ଶ୍ରୀ କୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ ସହିତ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



ବୈପାରିଗୁଡ଼ା,୧୩।୪(ସମିସ): ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବସବଦତ୍ତ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ବୈପାରିଗୁଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ ନିବେଦିତା ଦଣ୍ଡସେନା, ସିଡିପିଓ ସବିତା ବ୍ରହ୍ମା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏବିଡ଼ିଓ ନିଜେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବେଳେ ମୋଟରେ ୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ହେମରାଜ ପାଣିଗ୍ରାହୀ, ପିଏଚଇଓ ସୁନିତା ପଟ୍ଟନାୟକ, ବ୍ଲକ ଏକାଉଣ୍ଟ ପ୍ରମୋଦ ନାୟକ, ଟିକିନା ରାଉତ ପ୍ରମୁଖ ଶିବିରକୁ ପରିଚାଳନା କରିଥିବା ବେଳେ।ସ୍ୱେଚ୍ଛାସେବୀ ଅମରେନ୍ଦ୍ର ପରିଚ୍ଛା, ସୌମେନ୍ଦ୍ର ପଟ୍ଟନାୟକ ଏବଂ ଜାମି ସୁଧାକର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## କରାଟେ ପ୍ରତିଯୋଗିତାରେ କୋରାପୁଟକୁ ମିଳିଲା ୪ ପଦକ

କୋରାପୁଟ, ୧୩।୪ (ସମିସ): ସର୍ବଭାରତୀୟ ବେଦାନ୍ତ ଓପନ କରାଟେ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାର କ୍ରୀଡାବିତ ମାନେ ୪ ଗୋଟି ପଦକ ହାସଲ କରିଛନ୍ତି। ଝାରସୁଗୁଡା ବେଦାନ୍ତ ମାର୍ଶାଲ ଆର୍ଟ କେନ୍ଦ୍ରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଦେଶର ପ୍ରାୟ ୩ ଶହରୁ ଉହରୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।ଏହି ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାର ଆର ସାଗର, ପ୍ରୀତମ ଖୋସଲା, ରାମନାଥ ମୁଦୁଲି ଏବଂ ସାଗର ପାଙ୍ଗି ପ୍ରମୁଖ ୪ ଗୋଟି ପଦକ ହାସଲ କରିଛନ୍ତି।କୋରାପୁଟ ଜିଲ୍ଲାର କ୍ରୀଡାବିତ ମାନଙ୍କ ଏହି କୃତିତ୍ୱ ଅର୍ଜନ କରିଥିବାରୁ ଜିଲ୍ଲାବାସୀଙ୍କ ତରଫରୁ ଏବଂ କୋଚ୍ ଅନନ୍ତ ସାଗରଙ୍କ ପକ୍ଷରୁ ବିଶେଷ ଧନ୍ୟବଦ ଅର୍ପଣ କରା ଯାଇଛି।

## ବ୍ଲକ୍‌ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଚିତ୍ରକୋଣ୍ଡା, ୧୩।୪(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ବ୍ୟାଙ୍କ କଲୋନୀ ଠାରେ ଲାଲବାହଦୂର ଶାସ୍ତ୍ରୀ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଯୋଗ ଦେଇଥଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା, ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ମିତଲ ନିପନ୍ କମ୍ପାନୀ ପକ୍ଷରୁ ନବୀନ ଅମଙ୍ଗ, ଆୟ୍ୟା ମୁଥୁ, ଆଇ କ୍ରିଷ୍ଣା ରାଓ,ଅମିତ ଅଗରୱାଳ, ଲାଲବହାଦୂର୍ ଶାସ୍ତ୍ରୀ କ୍ଲବ ର ସଭାପତି ନାରାୟଣ ଦାସ, ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆଜି ଠାରୁ ଆରମ୍ଭ ହୋଇ ୨୧ ତାରିଖରେ ସମାପ୍ତ ହେବ। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ ଗୋଟି ଟିମ ଭାଗ ନେଇଛନ୍ତି। ପ୍ରତ୍ୟେକ ଦିନ ୨ଟି ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଆଜିର ପ୍ରଥମ ମ୍ୟାଚ ଟେମ୍ପୋରାରୀ କଲୋନୀ ଓ ଫ୍ରେଣ୍ଡସ ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଫ୍ରେଣ୍ଡସ ୧୧କୁ ହରାଇ ଟେମ୍ପୋରାରୀ କଲୋନୀ ବିଜୟ ହୋଇଛି। ଦ୍ୱିତୀୟ ମ୍ୟାଚ ଜନ୍ତପାଇ ଓ ପାଲାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ଜନ୍ତାପାଇକୁ ହରାଇ ପାଲାମ ବିଜୟ ହୋଇଛି। ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୨୧,୦୦୦ ହଜାର ଓ ରନର୍ସ ଦଳକୁ ୧୫,୦୦୦ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ଭାବରେ ମିଳିବ। ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିବା ପାଇଁ ଲାଲବହାଦୂର ଶାସ୍ତ୍ରୀ ସ୍ପୋର୍ଟସ କ୍ଲବର ସମସ୍ତ ସଦସ୍ୟ ସହାଯୋଗ କରୁଛନ୍ତି।

**● ବୋରିଗୁମ୍ମାରେ ଚୋରି, ପୁଲିସକୁ ଚ୍ୟାଲେଞ୍ଜ**

## ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ବୋରିଗୁମ୍ମା, ୧୩।୪ (ସମିସ): ବୋରିଗୁମ୍ମା ଦାଶ୍ରୀ ସାହି ମେନ୍‌ରୋଡରେ ଚୋରି ହୋଇଛି। ଘର ମାଲିକ ରାମ କୃଷ୍ଣ ସାହୁ ତାଙ୍କ ବାପା ଓ ମାଆଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ଯାଇଥିବା ବେଳେ ୩ ଦିନ ହେଲାଣି ଘରଟି ଖାଲି ଥିଲା। ଏହାର ସୁଯୋଗକୁ ନେଇ ଅଜଣା ଦୁର୍ବୃତ୍ତ ଘରକୁ ପ୍ରବେଶ କରି ଚୋରି କରିଥିବା ଅନୁମାନ କରାଯାଉଛି। ଗତକାଲି ରାତି ୧୨ ଘଣ୍ଟା ସମୟ ପର୍ଯ୍ୟନ୍ତ କିଛି ହୋଇନଥିଲା। କିନ୍ତୁ ଆଜି ସଖାଳୁ ପଡ଼ୋଶୀମାନେ ଘରର ଅବସ୍ଥା ଦେଖି ସନ୍ଦେହ କରି ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ବୋରିଗୁମ୍ମା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘରର ୩ଟି ଗଡରେଜ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ଘରରୁ କେତେ ସାମଗ୍ରୀ ଚୋରି ହୋଇଛି ତାହା ସ୍ୱଷ୍ଟ ହୋଇନଥିବା ବେଳେ ପୋଲିସ ତ୍ତଦନ୍ତ କରୁଛି । ଦୁର୍ବୃତ୍ତମାନଙ୍କ ସନ୍ଧାନ ଜାରି ରଖିଛି।

## ୧୩୧ ଯକ୍ଷ୍ମା ରୋଗୀଙ୍କ ଏକ୍ସ-ରେ ପରୀକ୍ଷା

ବିଷମ କଟକ,୧୩।୪(ସମିସ): ରାୟାଗଡ଼ାଜିଲ୍ଲା ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା ରୋଗୀଙ୍କ ପାଇଁ ମାଗଣାରେ ଏକ୍ସ-ରେ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ସମୁଦାୟ ୧୩୧ ଜଣଙ୍କୁ ମାଗଣାରେ ଏକ୍ସ-ରେ ପରୀକ୍ଷା କରାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଆସନ୍ତା କାଲି ଢୁକୁମ୍, ତାପର ଦିନ କୁମ୍ଭାର ଧାମୁଣି ଏବଂ ତା ପର ଦିନ ଭାତପୁର ପଞ୍ଚାୟତରେ ଯକ୍ଷ୍ମା ରୋଗୀଙ୍କ ପାଇଁ ମାଗଣା ରେ ଏକ୍ସ-ରେ ପରୀକ୍ଷା କରାଯିବା ନେଇ ସୂଚନା ମିଳିଛି। ଏହି ଯକ୍ଷ୍ମା ଶିବିର କାର୍ଯ୍ୟକ୍ରମରେ ବିଷମ କଟକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ ହରିହର ବଳଦେବ ଟୁଡୁ, ଡ.ସୁମାନ ସିଂ, ଡ. ସୁମିତ ସ୍ନେହାସିସ୍ ନାୟକ, ଆୟୁଷ ଡ଼.ଅଞ୍ଜାନ କର ବିପିଏମ ତପନ କୁମାର ପଣ୍ଡା, ଏସ.ଟି. ଏସ. ବିଶ୍ୱନାଥ ପଟ୍ଟନାୟକ,ବିଏଏମ ସୁଶାନ୍ତକୁ ପଣ୍ଡା,ରେଡିଓଗ୍ରାଫର୍ ଆଶ୍ରୁ ଜଗନ୍ ସାମନ୍ତସିଂହାର ଉପସ୍ଥିତ ରହି ସମସ୍ତେ ରୋଗୀଙ୍କୁ ପରୀକ୍ଷା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ଟିଙ୍କୁ ବ୍ଲକ ଜନସ୍ୱାସ୍ଥ୍ୟ ସାମ୍ପ୍ରସାରଣ ଅଧିକାରୀ ଜାସ୍ମା ମହାରଣା ପରିଚାଳନା କରିଥିଲେ।

## ପଡିଆ ବ୍ଲକ୍‌ରେ ବିକାଶ କାର୍ଯ୍ୟର ଅନୁଧ୍ୟାନ କଲେ ଜିଲ୍ଲାପାଳ

ପଡିଆ,୧୩।୪ (ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପଡିଆ ବ୍ଲକ ଗସ୍ତ କରି ବିଭିନ୍ନ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସେଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ସେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଜନସାଧାରଣଙ୍କ ସୁବିଧା ପାଇଁ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଇରାଲଗୁଣ୍ଡି ଭିମା ମାଡକାମୀ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ ଓ ହଷ୍ଟେଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ପିଏ ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କନ୍ୟାଶ୍ରମ ସ୍ଥିତ ପିଏମ୍ ଶ୍ରୀ ସ୍କୁଲ୍ ପରିଦର୍ଶନ କରି ଶ୍ରେଣୀ ଗୃହର ମରାମତି ଓ ଖେଳ ପଡିଆର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୀଳିଗୁଡାଠାରେ ନିର୍ମାଣାଧୀନ ହୋମିଓପାଥି ମେଡିକାଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ଇରାଲଗୁଣ୍ଡି ଅଙ୍ଗନବାଡ଼ି କେନ୍ଦ୍ରକୁ ଏକ ଆଧୁନିକ ଅଙ୍ଗନବାଡ଼ି କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଛନ୍ତି। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଜିଲ୍ଲାପାଳ ଉଣ୍ଡରୁକୋଣ୍ଡାଠାରେ ମହିଳାଙ୍କ ଦ୍ୱାରା ପରିଚାଳିତ ଶାବେରୀ ଘରୋଇ ଉତ୍ପାଦ କେନ୍ଦ୍ରର ବଡ଼ି ଓ ପାମ୍ପଡ ପ୍ରସ୍ତୁତି ଦେଖି ଖୁସିବ୍ୟକ୍ତ କରିଥିଲେ। ଏହି ଉତ୍ପାଦଗୁଡ଼ିକର ବିକ୍ରି ପାଇଁ ଏକ ରିଟେଲ ଆଉଟଲେଟ୍ ଖୋଲିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗିରକାନପାଲିଠାରେ ବାୟୋ ଫ୍ଲୋକ୍ ମାଛ ଚାଷ ପ୍ରକଳ୍ପ ବୁଲି ଦେଖିବା ସହ ଏହାର ଉତ୍ପାଦନ ବୃଦ୍ଧି ଉପରେ ଜୋର ଦେଇଛନ୍ତି। ପଡିଆ ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ଚେଷ୍ଟା ଜାରି ରଖିଛି ବୋଲି ଏହି ଅବସରରେ ପ୍ରକାଶ ପାଇଛି।

## ନାରୀ ଶକ୍ତି ବନ୍ଦନ ସମ୍ମିଳନୀ

ନବରଙ୍ଗପୁର, ୧୩।୪(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଅଶୋକ ମେହେତା ସମ୍ମିଳନୀ ସଭାଗୃହରେ ନାରୀ ଶକ୍ତି ବନ୍ଦନ ସମ୍ମେଳନ ଅବସରରେ ବିଜ୍ଞାନ ଭବନ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷ ଶର୍ମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏଡିପିଏଚ ଓ ଡ.ମଳୟ ତ୍ରିପାଠୀ, ଡିଆଇପିଆର୍ ଓ ମନୋଜ ବେହେରା ,ଏଡିଇ ଓ ସୁପ୍ରିୟା ନାୟକ, ସମାଜ କଲ୍ୟାଣ ବିଭାଗର କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ।

## ବିଜେପିରେ ଘୂର୍ଣ୍ଣିଝଡ଼

# ଭାର୍ଗବୀ ତଟରେ ଅସନ୍ତୋଷ ଅବପାତ

ପୁରୀ,୧୩।୪(ସମିସ): ରାଜ୍ୟ ବିଜେପିରେ ପୁରୁଣା-ନୂଆ, ମୂଳ-ଆମଦାନୀ ବିବାଦ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ନିମାପଡ଼ାରେ ସୃଷ୍ଟି ହୋଇଛି ଘୂର୍ଣ୍ଣିଝଡ଼। ନିମାପଡ଼ା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଭାର୍ଗବୀ, କୁଶଭଦ୍ରା, ପ୍ରାଚୀ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଅବପାତ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ଏହି ସମୟରେ ନିମାପଡ଼ାରେ ସମୀର ରଞ୍ଜନ ଦାଶଙ୍କ ସମରସଜ୍ଜା ଆଗାମୀ ଦିନରେ ପ୍ରଭାତୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

ଦୀର୍ଘବର୍ଷ ଧରି ପରସ୍ପର ବିରୋଧରେ ଲଢ଼େଇ କରୁଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ୨୦୨୪ ନିର୍ବାଚନ ପୂର୍ବରୁ ଗୋଟିଏ ଛାତତଳେ ଏକାଠି ହେଲେ। ସମୀରଙ୍କ ସମର୍ଥକ ପ୍ରଭାତୀଙ୍କ ବିଜୟ ଅଭିଯାନ ଯାତ୍ରାରେ ସାମିଲ ହେଲେ। ମାତ୍ର ନିର୍ବାଚନ ପରେ ଗୋଟିଏ ଫଟୋ ଉଭୟଙ୍କ ସମ୍ପର୍କକୁ ବିଗାଡ଼ି ଦେଲା। ଏପରିକି ଉଭୟଙ୍କ ମଧ୍ୟରେ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। କେବଳ ନିମାପଡ଼ା ନୁହେଁ ଜିଲ୍ଲା ବିଜେପିଫାଟକୁ ଏହା ଅଧିକ ମେଲାଇଦେଇଛି। ପ୍ରଭାତୀଙ୍କୁ ଚେକ୍ ଦେବା ପାଇଁ ସମୀର ଏବେ ବଳ ଗୋଟାଇବା ଆରମ୍ଭ କରିଛନ୍ତି ଓ ଦଳର ଜିଲ୍ଲା ମୁଖିଆଙ୍କ ସମେତ ଅନ୍ୟମାନଙ୍କ ନିକଟରେ ନିଜ ସାମର୍ଥ୍ୟ ପ୍ରମାଣ କରିବାକୁ ଚେଷ୍ଟା ଚଳାଇଛନ୍ତି। ନିକଟରେ ସମୀରଙ୍କ ନେତୃତ୍ୱରେ ଆୟୋଜିତ ସାଙ୍ଗଠନିକ ବୈଠକ ବ୍ୟାନର ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। ବ୍ୟାନରରେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ଫଟୋ ଦେଖିବାକୁ ମିଳିଥିଲା। ପ୍ରଭାତୀଙ୍କ ବିରୋଧୀ କୁହାଯାଉଥିବା ଜୟନ୍ତଙ୍କୁ ନିଜ ଆଡକୁ ଆଣି ଜିଲ୍ଲାରେ ନିଜ ଦବ୍‌ଦବା ଜାହିର କରିବାକୁ




ସମୀର ଏଭଳି ଯୋଜନା କରୁଥିବା ଚର୍ଚ୍ଚା ହେଉଛି।

୨୦୨୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସମୀରଙ୍କ ଚରିତ୍ରକୁ ନେଇ ରାଜରାସ୍ତାରେ ହୋ ହଲ୍ଲା କରିବା ସହ ବିଭିନ୍ନ ପ୍ରକାର ଅପମାନ ସୂଚକ କଥା କହି କଡ଼ା ସମାଲୋଚନା କରିଥିଲେ ପ୍ରଭାତୀ। ମାତ୍ର ନିର୍ବାଚନ ସମୟରେ ବେକରେ ଗେରୁଆ ଗାମୁଛା ପକାଇ ସମୀର ପ୍ରଭାତୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ସମୀରଙ୍କ ସହଯୋଗରେ ପ୍ରଭାତୀଙ୍କ ବିଧାୟିକା ହେବାର ସ୍ୱପ୍ନ ବି ପୂରଣ ହେଲା। ସେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେଲେ। ମାତ୍ର ନିର୍ବାଚନ ଫଳ ପ୍ରକାଶ ଅର୍ଥାତ୍ ଜୁନ୍ ୪ ତାରିଖରେ ସମୀରଙ୍କୁ ପ୍ରଭାତୀ ମୁଣ୍ଡିଆ ମାରିବାର ଫଟୋ ଭାଇରାଲ ହେବା ପରେ ଦୁହିଁଙ୍କ ସମ୍ପର୍କରେ କଟି ପଡ଼ିଥିଲା। ପୁରୁଣା ବିବାଦ ଆହୁରି ତୀବ୍ର ହୋଇଥିଲା। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରି ଉଭୟଙ୍କ ବିବାଦକୁ ପଦାକୁ ଆଣିଥିଲେ। ଏହା ପରଠାରୁ ମଝିରେ ମଝିରେ ପରସ୍ପରକୁ ଆକ୍ଷେପ ପ୍ରତି ଆକ୍ଷେପ କରୁଥିବା ବେଳେ ସମୀର ନିଜର ସମାନ୍ତରାଳ ସଙ୍ଗଠନ ଚଳାଇଛନ୍ତି।

- ନିମାପଡ଼ାରେ ପ୍ରଭାତୀଙ୍କୁ ରୋକିବାକୁ ସମୀରଙ୍କ ସମରସଜ୍ଜା
- ସମୀରଙ୍କ ସାଂଗଠନିକ ବୈଠକ ବ୍ୟାନରରେ ଜୟନ୍ତଙ୍କ ଫଟୋ

ରବିବାର ରାମଚଣ୍ଡୀ ନିକଟ ଜୋସେଫ୍ ଗାର୍ଡେନ୍ ପରିସରରେ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ବିଜେପିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକର ୧୪ଟି ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତା ଏବଂ କର୍ମୀ ଯୋଗଦେଇଥିଲେ। ଏହି ସାଙ୍ଗଠନିକ ବୈଠକର ଯେଉଁ ବ୍ୟାନର ଲାଗିଥିଲା ତାହାକୁ ନେଇ ଏବେ ଜିଲ୍ଲା ବିଜେପିରେ ଚର୍ଚ୍ଚା। ଏହି ବ୍ୟାନରରେ ପ୍ରଧାନମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସମେତ ରାଜ୍ୟ ବିଜେପି ସଭାପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଉପର ରହିଥିଲା। ମଝିରେ ଗୋଟିଏ ପାର୍ଶ୍ୱରେ ସମୀର ରଞ୍ଜନ ଦାଶ ଏବଂ ଅପର ପାର୍ଶ୍ୱରେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ଫଟୋ ରହିଥିଲା। ନିମାପଡ଼ା ନିର୍ବାଚନମଣ୍ଡଳୀ ସହିତ ଜୟନ୍ତଙ୍କର ସେମିତି କିଛି ସମ୍ପର୍କ ନାହିଁ। ଜୟନ୍ତ ପୁରୀ ସଦର ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ହୋଇ ଗତ ନିର୍ବାଚନରେ ହାରିଛନ୍ତି। ସମୀରଙ୍କ ସାଙ୍ଗଠନିକ ବୈଠକ ବ୍ୟାନରରେ ତାଙ୍କ ଫଟୋ କାହିଁକି? ଜିଲ୍ଲା ସଭାପତି କିମ୍ବା ପ୍ରଭାତୀଙ୍କ ଫଟୋ ପରିବର୍ତ୍ତେ ଜୟନ୍ତ ଷଡ଼ଙ୍ଗୀଙ୍କ ଫଟୋ ଲାଗିବା ପରେ ଜିଲ୍ଲା ବିଜେପି ରାଜନୀତି ଉଷ୍ମ ହୋଇଛି। ଜୟନ୍ତ ଷଡ଼ଙ୍ଗୀ ଓ ପ୍ରଭାତୀ ପରିଡ଼ାଙ୍କ ମଧ୍ୟରେ ସମ୍ପର୍କ ଏତେ ଭଲ ନୁହେଁ। ତେଣୁ ଜୟନ୍ତଙ୍କୁ ନିଜ ସପକ୍ଷକୁ ଆଣିବାକୁ ସମୀର ଉଦ୍ୟମ କରୁଥବା ଚର୍ଚ୍ଚା ହେଉଛି। ପ୍ରଭାତୀଙ୍କ ବିରୋଧୀଙ୍କୁ ପାଖରେ ବସାଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ନିଜର ଦବଦବା ଦେଖାଇବାକୁ ସମୀର ଉଦ୍ୟମ ଚଳାଇଥିବା ଚର୍ଚ୍ଚା ହେଉଛି।

## ୪ ବର୍ଷର ପୁଅର ଖୋଲିଲା ହତ୍ୟା ରହସ୍ୟ

# ମା'କୁ ମାରି ପାଇଖାନା ଟାଙ୍କିରେ ପୋତିଥିଲା ବାପା

ନବରଙ୍ଗପୁର, ୧୩।୪ (ସମିସ): ସନ୍ଦେହ ପୁଣି ଗୋଟିଏ ପରିବାର ଉଜାଡ଼ି ଦେଇଛି। ପରପୁରୁଷ ସହ ସଂପର୍କ ସନ୍ଦେହରେ ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ। ଖାଲି ସେତିକି ନୁହେଁ, ପ୍ରମାଣ ଲୁଚାଇବାକୁ ପାଇଖାନା ଟାଙ୍କିରେ ସ୍ତ୍ରୀର ଶବକୁ ପୋତିଦେଲା। ତେବେ ବାପାର ଏଭଳି ଜଘନ୍ୟ କାର୍ଯ୍ୟ ସମ୍ପର୍କରେ ୪ବର୍ଷର ପୁଅ ପଡ଼ୋଶୀଙ୍କୁ କହିବା ପରେ ହତ୍ୟାର ଗୁମର ଖୋଲିଛି। ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅଞ୍ଚଳରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି।

ରାଇଘର ଥାନା ଅନ୍ତର୍ଗତ ଯୋଡ଼ିଙ୍ଗା ପଞ୍ଚାୟତର ବୋରଗାଁ ଗ୍ରାମର ସୁବାସ ଗଣ୍ଡ ନିଜ ପତ୍ନୀ ମନେଇ ଗଣ୍ଡ ଏବଂ ପିଲାମାନଙ୍କୁ ନେଇ ଶନିବାର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଘରକୁ ଫେରିବା ପରେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମନେଇଙ୍କ ଚରିତ୍ରକୁ ସନ୍ଦେହ କରିବା ସହ ସୁବାସ ତାଙ୍କୁ ଗାଳିଗୁଲଜ କରିବାରୁ ଘଟଣା ଉଗ୍ରରୂପ ନେଇଥିଲା। ମନେଇ ଏହାର ପ୍ରତିବାଦ କରିବାରୁ ଉତ୍‌କ୍ଷିପ୍ତ ସୁବାସ ପିଟିପିଟି ମନେଇକୁ ହତ୍ୟା କରିଥିଲେ। ପରେ, ପ୍ରଣାମ ଲୁଚାଇବା ପାଇଁ ସେଦିନ ରାତିରେ ପାଇଖାନା ଟାଙ୍କିରେ ମନେଇର ଶବକୁ ପୋତି ଦେଇଥିଲା। ବାପାର ଏଭଳି ଜଘନ୍ୟ କାର୍ଯ୍ୟକୁ ତାଙ୍କର ଚାରିବର୍ଷର ପୁଅକୁ ଦେଖିଥିଲା। ତେବେ ମହିଳାଜଣଙ୍କ ନିଖୋଜ ଥିବାରୁ ପଡ଼ୋଶୀଙ୍କ ପ୍ରଶ୍ନର ଉତ୍ତରରେ ଶିଶୁଟି ନିଜ ମା'ର ମୃତ୍ୟୁ ସମ୍ପର୍କରେ ସବୁ କହିଦେଇଥିଲା। ଗ୍ରାମବାସୀ ସୁବାସକୁ ଜେରା କରିବା ପରେ ସମସ୍ତ ଘଟଣା ପ୍ରକାଶ କରିଥିଲା। ଖବର ପାଇ ରାଇଘର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟାଙ୍କିରୁ ଶବ ଉଦ୍ଧାର କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ

ଡାବୁଗାଁ,୧୩।୪(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ବୋରିପଦର ଗ୍ରାମରେ ଥିବା ଏକ ଦେଶୀମଦ ଭାଟି ନିକଟରେ ସୋମବାର ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଶିଶୁ ଗୁରୁତର ଆହତ ହୋଇଛି। ମୃତକଦ୍ୱୟ ହେଲେ, ଡାବୁଗାଁ-ନୂଆଗୁଡ଼ା ଗ୍ରାମର ନାଡୁ ଗୌଡ଼ (୩୩) ଓ ମାନିଗାଁ ଗ୍ରାମର ପୂରନ ଜାନି (୩୦)।

ନାଡୁ ନିଜର ୫ବର୍ଷର ପୁଅ ମଙ୍ଗଳଦାସକୁ ନେଇ ବାଇକ୍‌ରେ ଶଶୁର ଘରକୁ ଯାଉଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ପୂରନଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପୁରନ ଜାନୀ (୩୦) ମୋଟରସାଇକଲ ନମ୍ବର ଓଡି ୨୪ ଏ ୬୯୭୨ରେ ଡାବୁଗାଁ ଅଭିମୁଖେ ଫେରୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ଡାବୁଗାଁ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ନାଡୁ ଓ ପୂରନଙ୍କୁ ମୃତ ଘୋଷଣା କରିଥିଲେ। ନାଡୁଙ୍କ ପୁଅ ମଙ୍ଗଳଦାସର ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାକୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଏନ୍‌କାଉଣ୍ଟର୍‌ରେ ମାଓନେତ୍ରୀ ରୁପି ନିହତ

ମାଲକାନଗିରି, ୧୩।୪ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର୍ ଜିଲ୍ଲାରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ମାଓନେତ୍ରୀ ରୁପି ନିହତ ହୋଇଛି। ରୁପି ବସ୍ତର୍ ଅଞ୍ଚଳରେ ଶେଷ ସକ୍ରିୟ ତେଲୁଗୁ ମାଓବାଦୀ କ୍ୟାଡର୍ ବୋଲି କୁହାଯାଉଛି। ତା' ମୁଣ୍ଡ ଉପରେ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। କାଙ୍କେର୍ ପୁଲିସ ଅଧୀକ୍ଷକ ନିଖିଲ ରାଖେଚା କହିଛନ୍ତି ଯେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁପ୍ତ ସୂଚନା ପାଇ ମାଚପାଲି-ଆରମଖୋରା ଓ ହିଡୁର ଜଙ୍ଗଲରେ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଏହି ସମୟରେ, ମାଚପାଲି ଅଞ୍ଚଳରେ ପୁଲିସ୍ ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ପୁଲିସ ଗୁଳିରେ ରୁପି ନିହତ ହୋଇଥିଲା। ଏନ୍‌କାଉଣ୍ଟର୍ ପରବର୍ତ୍ତୀ ସର୍ଚ୍ଚ ସମୟରେ ସୁରକ୍ଷାବାହିନୀ ରୁପିଙ୍କ ମୃତଦେହ ଉଦ୍ଧାର କରିଥିଲା। ଘଟଣାସ୍ଥଳରୁ ଏକ ପିସ୍ତଲ, ଗୁଳି ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ତଲାସି ଅଭିଯାନ ଜାରି ରହିଛି।

## ■ ପାରିବାରିକ କଳହର କରୁଣ ପରିଣତି

# ଅଫିସ୍ ଭିତରେ ଝୁଲିପଡ଼ିଲେ ସିକ୍ୟୁରିଟି ଗାର୍ଡ

ବଲାଙ୍ଗିର, ୧୩।୪(ସମିସ): ସ୍ତ୍ରୀ ସହ ଝଗଡ଼ା କରି ଜୀବନ ହାରିଲା ସ୍ୱାମୀ। ରାତିରେ ସ୍ତ୍ରୀ, ଭାଇ ଓ ଝିଅ ସହ କଥା ହୋଇ ଅଫିସ୍‌ରେ ଝୁଲିପଡ଼ିଲେ ଯୁବକ। ବଲାଙ୍ଗିର ସହର ଲକ୍ଷ୍ମୀପୋର ଥାନା ଅଧୀନସ୍ଥ ଲାଲଟିକ୍ରା ଓପିଟିସିଏଲ ଗ୍ରୀଡ୍ ଅଫିସ୍‌ରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଆତ୍ମହତ୍ୟା କରିଥିବା ଯୁବକଜଣଙ୍କ ହେଲେ, ବଲାଙ୍ଗିର ସହର ଡ୍ୟାମପଡାର ଅଟଳ ବିହାରୀ ସ୍ୱାଇଁ (୩୩)।



ସୂଚନାନୁସାରେ, କିଛି ବର୍ଷ ହେଲା ଅଟଳ ଲାଲଟିକ୍ରାରେ ଥିବା ଓପିଟିସିଏଲ ଗ୍ରୀଡ୍ କାର୍ଯ୍ୟାଳୟରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ। ସବୁଦିନ ଭଳି ରବିବାର ରାତିରେ ଘରୁ ନିଜ କାର୍ଯ୍ୟାଳୟକୁ ଡ୍ୟୁଟି ପାଇଁ ଆସିଥିଲେ। କାର୍ଯ୍ୟରେ ଥିବା ସମୟରେ ସେ ନିଜ ସ୍ତ୍ରୀ ସହ ଫୋନ୍‌ରେ କଥା ହୋଇଥିବା ବେଳେ ବଡ଼ଭାଇ ଆଲୋକ ସ୍ୱାଇଁଙ୍କୁ ମଧ୍ୟ ଫୋନ କରିଥିଲେ। ନିଜ ଝିଅ କଥା ବୁଝିବାକୁ କହିବା ସହ ଝିଅ ସହ ମଧ୍ୟ କଥା ହୋଇଥିଲେ। କଥା ହେବା ପରେ ଫୋନ୍ କାଟିଦେଇ କାର୍ଯ୍ୟାଳୟ ଭିତରେ ହିଁ ଆତ୍ମହତ୍ୟା କରିଥିଲେ। ରାତି ପ୍ରାୟ ୧୧ଟାରେ ଏହି ଘଟଣା ଘଟିଥିବା ବେଳେ ୧୧ଟା ୪୫ ମିନିଟ୍‌ରେ ପରିବାରଲୋକେ ଅଫିସ୍ ବାଡ଼ ଡେଇଁ ଭିତରକୁ ପଶି ଦେଖିବା ବେଳେ ସେ ଝୁଲନ୍ତା ଅବସ୍ଥାରେ ରହିଥିଲେ। ଏନେଇ ବିଭାଗୀୟ କର୍ମଚାରୀଙ୍କୁ ସୂଚନା ଦେଇ ଝୁଲନ୍ତା ମୃତଦେହକୁ ଓହ୍ଲାଇ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନେଇଥିବା ବେଳେ ତାଙ୍କ ମୃତ୍ୟୁ ହୋଇସାରିଥିଲା। ଅଟଳଙ୍କ ବଡ଼ଭାଇ ଆଲୋକ ସ୍ୱାଇଁଙ୍କ କହିବାନୁସାରେ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ରହିଥିଲା। ସେ ଏହିଭଳି ଏକ ପଦକ୍ଷେପ ନେଇଥିବା ତାଙ୍କ ସ୍ତ୍ରୀ ହିଁ ତାଙ୍କୁ ସୂଚନା ଦେଇଥିଲେ। ଏପରିକି, ରାତିରେ ସେ ତାଙ୍କ ସହ ଓ ଝିଅ ସହ କଥା ବି ହୋଇଥିଲେ। କିନ୍ତୁ ଏହିଭଳି ଏକ ପଦକ୍ଷେପ ନେଇଯିବ କେହି ଭାବି ନଥିଲେ। ଲକ୍ଷ୍ମୀପୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

# ପାରାଦୀପରେ ଲାଗିଲା ଇରାନୀ ତୈଳ ଜାହାଜ

ପାରାଦୀପ, ୧୩।୪ (ସମିସ): ଯୁଦ୍ଧ ସମୟରେ ଆମେରିକାର ଅସ୍ଥାୟୀ କଟକଣା ଛାଡ଼ ପରେ ଦୀର୍ଘ ସାତ ବର୍ଷ ପରେ ଭାରତୀୟ ବନ୍ଦରରେ ପହଞ୍ଚିଛି ଦୁଇଟି ଇରାନୀ ତୈଳ ଟ୍ୟାଙ୍କର୍ ଜାହାଜ ଫେଲିସିଟି ଓ ଜୟା। ମିଳିଥିବା ତଥ୍ୟ ଅନୁଯାୟୀ, ଜାହାଜ ଜୟା ଇରାନରୁ ତେଲ ବୋଝେଇ କରି ପାରାଦୀପ ବନ୍ଦରରେ ଲାଗିବା ପରେ ଆଉ ଏକ ତୈଳ ଟ୍ୟାଙ୍କର୍ ଜାହାଜ ଗୁଜରାଟର ଶିକ୍କା ବନ୍ଦରରେ ଲାଗିଥିବା ସୂଚନା ମିଳିଛି।



ଗତ ମାସରେ ଆମେରିକା ଦ୍ୱାରା କଟକଣା ଛାଡ଼ ଘୋଷଣା ପରେ ପ୍ରାୟ ସାତବର୍ଷ ବ୍ୟବଧାନରେ ଭାରତୀୟ ବନ୍ଦରରେ ପହଞ୍ଚିଛି ଇରାନୀ ତୈଳ ଟ୍ୟାଙ୍କର ବିଶିଷ୍ଟ କାର୍‌ଗୋ ଜାହାଜ।

ବିଶ୍ୱ ବଜାରରେ ତୈଳ ସଙ୍କଟକୁ ଦୂର କରିବା ସହ ତୈଳ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଯୁଦ୍ଧ କଟକଣାରେ ଏକ ମାସର ଛାଡ଼ ଯୋଗୁ ପୂର୍ବରୁ ସାମୁଦ୍ରିକ ଜଳପଥରେ ରହିଥିବା ଇରାନୀ ତୈଳ ଜାହାଜଗୁଡ଼ିକୁ ବିକ୍ରୟ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା। ସପ୍ତାହାନ୍ତରେ ଶାନ୍ତି ଆଲୋଚନା ବିଫଳ ହେବା ପରେ, ବର୍ତ୍ତମାନ ଆମେରିକା ତେଲ ରପ୍ତାନୀରେ ତେହେରାନର ରାଜସ୍ୱକୁ ସୀମିତ କରିବା ପାଇଁ ଇରାନୀ ବନ୍ଦରଗୁଡ଼ିକୁ ଅବରୋଧ ଘୋଷଣା କରିଛି। ଆମେରିକାର କଟକଣା ଛାଡ଼ ସମୟରେ ଇରାନ ଜଳପଥରୁ ଆସିଥିବା ଜୟା ତୈଳ ଜାହାଜ ପାରାଦୀପରେ ପହଞ୍ଚିଛି। ଇଣ୍ଡିଆନ ଅଏଲ କର୍ପୋରେସନକୁ ତେଲ ଆଣି ଆସିଥିବା ଏହି ଜାହାଜରେ ଇରାନରୁ ଦୁଇ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଆସିଥିବା ସୂଚନା ମିଳିଛି। ଯୁଦ୍ଧ ପରିସ୍ଥିତିରେ ଆମେରିକା ଦ୍ୱାରା ମଞ୍ଜୁରିପ୍ରାପ୍ତ ତୈଳ ଟ୍ୟାଙ୍କର୍ ଜାହାଜ ମଧ୍ୟରେ ଜୟା ଓ ଫେଲିସିଟି ଅନ୍ୟତମ। ଯାହା ଇରାନର ମୁଖ୍ୟ ତୈଳ ରପ୍ତାନି ସୁବିଧା ରହିଥିବା ଖାର୍ଗ ଦ୍ୱୀପରୁ ଅଶୋଧିତ ତୈଳ ଆଣି ଭାରତୀୟ ବନ୍ଦରରେ ପହଞ୍ଚିଛି।

# ଅନ୍ଧାରରେ ସମଲେଇ ମନ୍ଦିର

- ମିଳୁନି ଦରମା, ସଫା ହେବନି ମନ୍ଦିର
- ସଫେଇ କର୍ମଚାରୀ ଆନ୍ଦୋଳନମୁହାଁ

ସମ୍ବଲପୁର, ୧୩।୪ (ସମିସ): ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ମା' ସମଲେଶ୍ୱରୀ ମନ୍ଦିର ଆଜି ସନ୍ଧ୍ୟାରେ କେଇ ଘଣ୍ଟା ପାଇଁ ଅନ୍ଧାରରେ ରହିଥିଲା। କେବଳ ମୁଖ୍ୟ ମନ୍ଦିରକୁ ଛାଡ଼ିଦେଲେ ସମଗ୍ର ଅଞ୍ଚଳରେ ଏବେ ଅନ୍ଧାରର ରାଜୁତି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ମହାନଗର ନିଗମ କର୍ତ୍ତୃପକ୍ଷ ଏବଂ ପୁଲିସର ହସ୍ତକ୍ଷେପ ପରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା।




ଉଲ୍ଲେଖଯୋଗ୍ୟ, ସମଲେଶ୍ୱରୀ ମନ୍ଦିରରେ ନିୟୋଜିତ କର୍ମଚାରୀମାନେ ଗତ ୩ମାସ ହେଲା ଦରମା ପାଇନାହାନ୍ତି। ସେମାନଙ୍କୁ ନିୟୋଜିତ କରିଥିବା ସଂସ୍ଥା ବିଳମ୍ବରେ ଦରମା ଦେଉଥିବା ବେଳେ ଗତ ଫେବୃଆରୀରୁ ସେମାନଙ୍କୁ ଦରମା ମିଳିନାହିଁ। ସେମାନଙ୍କୁ ନିୟୋଜିତ କରିଥିବା ସଂସ୍ଥାକୁ ବାରମ୍ବାର ଅନୁରୋଧ କଲେ ସୁଦ୍ଧା ଅଣଦେଖା କରିବା ସହ ମହାନଗର ନିଗମ ଉପରେ ଦୋଷ ଲଦୁଥିବା ଅଭିଯୋଗ ହୋଇଛି। ଏନେଇ କର୍ମଚାରୀମାନେ ଆଜି ମହାନଗର ନିଗମ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ସଫେଇ କର୍ମଚାରୀ ସମେତ ବିଭିନ୍ନ ବିଭାଗରେ ପ୍ରାୟ ଦେଢ଼ ଶହରୁ ଦୁଇଶହ ଜଣ କର୍ମଚାରୀ କାମ କରୁଛନ୍ତି। କେବେ ବି ସେମାନଙ୍କ ଦରମା ଠିକ୍ ସମୟରେ ମିଳୁନାହିଁ। ଆନ୍ଦୋଳନ କଲେ ଦରମା ମିଳୁଛି, ପୁଣି ବନ୍ଦ ହୋଇଯାଉଛି। ଫେବୃଆରୀରୁ ସେମାନଙ୍କ ଦରମା ମିଳିନାହିଁ। ଗତ ଦୁଇ ମାସର ଦରମା ମିଳି ନ ଥିବା ବେଳେ ତୃତୀୟ ମାସ ଚାଲିଲାଣି। ସେମାନେ ଏହି ଅର୍ଥରୁ ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କ ପିଲାଛୁଆଙ୍କ ସ୍କୁଲ ଆଡମିସନ୍ ଓ ଅନ୍ୟ ଖର୍ଚ୍ଚ ଥିବା ବେଳେ ସେମାନେ ବହୁ ଅସୁବିଧାରେ ଦିନ ବିତାଉଛନ୍ତି। ଏହାକୁ ନେଇ କର୍ମଚାରୀମାନେ ଶ୍ରମ କାର୍ଯ୍ୟାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ଆରମ୍ଭ କରି ମହାନଗର ନିଗମ ଆୟୁକ୍ତଙ୍କୁ ମଧ୍ୟ ଦେଖା କରିଛନ୍ତି। କିନ୍ତୁ ଶ୍ରମ କାର୍ଯ୍ୟାଳୟରେ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି କହିଥିବା ବେଳେ ସମୟ ଅବଧି ପରେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। କାମରେ ସେମାନେ ହେଳା କରୁନାହାନ୍ତି। ତେଣୁ ପ୍ରତି ମାସ ୧୦ ତାରିଖ ସୁଦ୍ଧା ଠିକ୍ ସମୟରେ ଗୋଟିଏ ତାରିଖରେ ସେମାନଙ୍କ ଦରମା ଦିଆଯାଉ ବୋଲି କର୍ମଚାରୀମାନେ ଦାବି ଜଣାଇଛନ୍ତି।

ମହାନଗର ନିଗମ ଉପାୟୁକ୍ତ ସୁଶାନ୍ତ କୁମାର ସାହୁ କହିଛନ୍ତି, ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦିନେ ଦୁଇଦିନ ମଧ୍ୟରେ ମହାନଗର ନିଗମ ପାଣ୍ଠିରୁ ମାସକର ଦରମା ଦିଆଯିବ। ଖୁବ୍‌ଶୀଘ୍ର ଦରମା ନିୟମିତ କରିବା ବ୍ୟବସ୍ଥା କରାଯିବ।

# କିଆପଦର ଜଙ୍ଗଲରୁ ଗଳିତ ଶବ ଉଦ୍ଧାର

ଥୁଆମୂଳରାମପୁର,୧୩।୪(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ କର୍ଲାପାଟ ଥାନା କିଆପଦର ନିକଟ ଚିରାଖିଆ ପଦର ଜଙ୍ଗଲରୁ କର୍ଲାପାଟ ପୁଲିସ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ଶବ ଜବତ କରିଛି। ସୋମବାର କର୍ଲାପାଟ ଥାନାଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାୟ ଏକ ସପ୍ତାହ ହେବ, ଉକ୍ତ ବ୍ୟକ୍ତିଙ୍କ ମୃତ ହୋଇଥିବା ପୁଲିସ ଅନୁମାନ କରୁଛି। କେମିତି ଏବଂ କେଉଁଭଳି ସ୍ଥିତିରେ ମୃତ୍ୟୁ ହୋଇଛି, ପୁଲିସ ତା'ର ତଦନ୍ତ କରୁଛି। ମୃତକଙ୍କ ପରିଚୟ ନଥିବା ବେଳେ ଥାନା ଅଧିକାରୀ ଶ୍ରୀ ପ୍ରଧାନୀଙ୍କ ଉପସ୍ଥିତିରେ ପୁଲିସ କର୍ମଚାରୀ ଗଳିତଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ପଠାଇ ତଦନ୍ତ ଜାରି ରଖିଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗିର, ୧୩।୪(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ଦୁମଦୁମି ଗାଁରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ଲୁହୁରାପାଲି ଗାଁର ସୁଶୀଲ କୁମାର ଧରୁଆ (୩୫)। ସୁଶୀଲଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ପୁଲିସ କହୁଥିବା ବେଳେ ତାଙ୍କ ପରିବାରଲୋକେ ଏହାକୁ ସ୍ୱୀକାର କରିପାରୁନାହାନ୍ତି। ସୁଶୀଲଙ୍କୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

**ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକ**

ସୂଚନାନୁସାରେ, ଦୁମଦୁମିଠାରେ ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ରବିବାର ସନ୍ଧ୍ୟାରେ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଥିବା ବେଳେ ଲୋଇସିଂହା-ପଦମପୁର ରାସ୍ତାରେ ଭିଡ଼ ଦେଖିବାକୁ ମିଳିଥିଲା। ଏହାସହ ବହୁ ସଂଖ୍ୟାରେ ଯୁବକ ମଦ ନିଶାରେ ଉତ୍ପାତ ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ପୁଲିସ ଯେଉଁଭଳି ଭାବେ ଶୃଙ୍ଖଳା ପାଇଁ ପଦକ୍ଷେପ ନେବା କଥା, ନେଇନଥିବାରୁ କାର୍ଯ୍ୟକ୍ରମସ୍ଥଳରେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସୁଶୀଲଙ୍କୁ ରକ୍ତାକ୍ତ ଅବସ୍ଥାରେ ପୁଲିସ ଉଦ୍ଧାର କରି ଡାକ୍ତରଖାନା ନେଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଗାଁ ପିଲାମାନଙ୍କ ସହ ଯାତ୍ରା ଦେଖିବାକୁ ଆସିଥିବା ବେଳେ ତାଙ୍କ ଏହିଭଳି ମୃତ୍ୟୁକୁ ପରିବାରଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ରାସ୍ତାରେ ଭିଡ଼ ଜମାଇ ମଦ ପିଇ ଯୁବକଙ୍କ ଉତ୍ପାତ ହିଁ ଏହି ମୃତ୍ୟୁ ପାଇଁ ଦାୟୀ ବୋଲି ଆଲୋଚନା ହେଉଛି।

# ଭିତର ରତ୍ନଭଣ୍ଡାର ଗଣତି ଆରମ୍ଭ

ପୁରୀ, ୧୩।୪(ସମିସ): ଚଳନ୍ତି ଓ ବାହାର ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଗଣତି ସରିବା ପରେ ସୋମବାରଠାରୁ ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ରତ୍ନଅଳଙ୍କାର ଗଣତି ଆରମ୍ଭ ହୋଇଛି। ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି ଯୋଗୁଁ ଗଣତି କାର୍ଯ୍ୟ ବନ୍ଦ ରହିବ। ପୁନଶ୍ଚ ୧୬ରୁ ତିନିଦିନ ଅର୍ଥାତ୍ ୧୮ତାରିଖ ପର୍ଯ୍ୟନ୍ତ ଗଣତି ହେବ। ପରେ ସେବାୟତ ଓ କମାଣ୍ଡରଙ୍କ ସହ ଆଲୋଚନା କରାଯାଇ କେଉଁଦିନ ଗଣତି କରାଯିବ, ତାହା ଚୂଡ଼ାନ୍ତ ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଭିତର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟା ୨୫ରେ ପ୍ରଥମେ ବାହାର ଭଣ୍ଡାର ଖୋଲାଯାଇଥିଲା। ବାହାର ଭଣ୍ଡାରରେ ଥିବା ଅଳଙ୍କାରକୁ ଭଣ୍ଡାର ମେକାପ ନେଇ ଚଳନ୍ତି ଭଣ୍ଡାର ଘରେ ରଖିଥିଲେ। ଏହାପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ୧୨ଟା ୪୦ରେ ଟ୍ରେଜେରିରୁ ଆସିଥିବା ଚାବିରେ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ପୂର୍ବରୁ, ତିଆରି ହୋଇଥିବା ୨ଟି ସିନ୍ଦୂକକୁ ଭିତର ରତ୍ନଭଣ୍ଡାରକୁ ନିଆଯାଇଥିଲା। ସେହିପରି ଗଣତି ଲାଗି ଆବଶ୍ୟକ ସାଜସରଞ୍ଜାମ ଯେପରିକି, ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରୀଡି ମ୍ୟାପିଙ୍ଗ୍ ଆଦିକୁ ବ୍ୟବସ୍ଥିତ କରିବାକୁ ପ୍ରାୟ ଦୁଇରୁ ଅଢ଼େଇ ଘଣ୍ଟା ସମୟ ଲାଗିଥିଲା। ପରେ ଆଲମିରାରେ ଥିବା ଅଳଙ୍କାରକୁ ବାହାର କରାଯାଇ ଗଣତି କରାଯାଇଥିଲା। ଭିତର ରତ୍ନଭଣ୍ଡାର ଅଳଙ୍କାରର କେବଳ ଗଣତି କରାଯାଉଛି। ଏହାର ମଣତି ହେଉନାହିଁ।

୧୯୭୮ ମସିହା ତାଲିକାନୁସାରେ, ଅଳଙ୍କାର ମେଳକ କରାଯାଇ ଓଜନ କରାଯାଉଛି। ଓଜନ ପରେ ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରୀଡି ମ୍ୟାପିଙ୍ଗ୍ ହେଉଛି। ସୁନା ଅଳଙ୍କାରକୁ ହଳଦିଆ ରଙ୍ଗର ଭେଲ୍‌ଭେଟ ମୁଣିରେ ରଖି ଷ୍ଟିଲ୍ ବାକ୍ସ ଓ ପରେ ସିନ୍ଦୂକରେ ରଖାଯାଉଛି। ସେହିପରି ରୁପା ଅଳଙ୍କାର ଧଳା ରଙ୍ଗର ଭେଲ୍‌ଭେଟ ମୁଣିରେ ରଖି ଷ୍ଟିଲ ବାକ୍ସ ଓ ପରେ ସିନ୍ଦୂକରେ ଏବଂ ଅନ୍ୟାନ୍ୟ ଅଳଙ୍କାରକୁ ଲାଲ୍ ରଙ୍ଗର ଭେଲଭେଟ୍ ମୁଣିରେ ରଖି ଷ୍ଟିଲ୍ ବାକ୍ସ ଓ ପରେ ସିନ୍ଦୂକରେ ରଖାଯାଉଛି। ସବୁ ମୁଣିରେ କ୍ରମିକ ସଂଖ୍ୟା ସହ ୨୦୨୬ ମସିହାର ଟ୍ୟାଗ୍ ଲଗାଯାଉଛି। ପ୍ରଥମ ଦିନ ଗଣତି ପରେ ଜଉମୁଦ ଓ ତାଲା ପକାଯିବା ପରେ ଚାବିକୁ ପୁନଃ ଟ୍ରେଜେରିକୁ ନିଆଯାଇଛି। ମଧ୍ୟାହ୍ନ ୧୨ଟା ୨୫ରୁ ସନ୍ଧ୍ୟା ୬ଟା ଯାଏ ଗଣତି ପ୍ରକ୍ରିୟା ଚାଲିଥିଲା ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଭିତର ରତ୍ନଭଣ୍ଡାରର ପ୍ରାୟ ୨୦ପ୍ରକାର ଅଳଙ୍କାର ଗଣତି ହୋଇଛି।

## ବାବା ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ଉଦ୍‌ଯାପିତ

# ପାଟପର୍ବରେ ୮ ଲକ୍ଷ ଶ୍ରଦ୍ଧାଳୁ

■ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୩।୪(ସମିସ): ଓଡ଼ିଶା ଉତ୍ତର ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ହୁଗୁଳିଠାରେ ଜଳଯନ୍ତ୍ର ଭାବେ ପୂଜିତ ପୂର୍ବ ଭାରତ ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଚାଲିଥିବା ପ୍ରସିଦ୍ଧ ଚଡ଼କ ମେଳା ଆଜି ଉଦ୍‌ଯାପିତ ହୋଇଛି। ୧୩ ଦିନ ବ୍ୟାପୀ ଚାଲିଥିବା ଚଡ଼କ ମେଳାର ମୁଖ୍ୟ ପାଟପର୍ବରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଉପବିତଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ସମଗ୍ର ପୀଠ ଜନସମୁଦ୍ର ପାଲଟିଥିଲା।



ଆଜି ଏହି ପାଟ ପର୍ବରେ ବ୍ରତାଚାରୀ, ରୋଗୀ, ଯୋଗୀ,ଭୋଗୀ ସମସ୍ତେ ଶିବଙ୍କପ୍ରେମରେ ଏକାକାର ହୋଇଥିଲେ। ହରହର ମହାଦେବ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ୫ଲକ୍ଷରୁ ଅଧିକ ଉପବିତଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଚନ୍ଦନେଶ୍ୱର ଶୈବପୀଠ ପାଲଟିଥିଲା ଜନସମୁଦ୍ର।। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନକରି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଦିନ ତମାମ ଅସହ୍ୟ ଗୁଳୁଗୁଳି ମଧ୍ୟରେ ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଅପରାହ୍‌ଣରେ ଉପବିତଧାରୀମାନେ ମନ୍ଦିରଠାରୁ ଏକ କିଲୋମିଟର ଦୂରରେ ଥିବା ହାକାଣ୍ଡ ପୋଖରୀରେ ସ୍ନାନ ସାରି ପରସ୍ପର ମଧ୍ୟରେ ମାଳା ଓ ଚନ୍ଦନ ଆଦାନପ୍ରଦାନ କରିଥିଲେ। ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେକିଡି ନିରଞ୍ଜନ ଲେଙ୍କା, ଦେଉଳିଆ ଅଜିତ ପାତ୍ର ପ୍ରମୁଖ ସେଠାରେ ପୂଜାର୍ଚ୍ଚନା କରିଥିଲେ। କିଛି ମାନସିକଧାରୀ ଭକ୍ତ ଭଗବାନ ଶିବଙ୍କୁ ତୋଷ କରିବା ପାଇଁ କଠୋର ସାଧନା ପୂର୍ବକ ହାତ, ପାଦ, ପେଟ, ପିଠି, ଅଣ୍ଟା, ଜିଭ ଆଦି ଶରୀରର ବିଭିନ୍ନ ଅଙ୍ଗରେ ମୁନିଆ ଲୁହା କଣ୍ଟା ଫୋଡ଼ି ନିଜକୁ ସମର୍ପଣ କରିଥିଲେ। ଦଶନଖୀ, କଣ୍ଟାଫୋଡା ଭକ୍ତଙ୍କ ସମେତ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଶିବଙ୍କ ନାମ ଜପ କରି କରି ଏକ ବିଶାଳ ଶୋଭାଯାତ୍ରାରେ ୫୭ ନଂ ରାଜ୍ୟ ରାଜପଥ ଦେଇ ମନ୍ଦିରରେ ପହଞ୍ଚିଥିଲେ। ପାଞ୍ଚପ୍ରକାର ବାଦ୍ୟର ତାଳେତାଳେ ଏବଂ ଭଜନ, କୀର୍ତ୍ତନ ପୂର୍ବକ ହରହର ମହାଦେବ ଧ୍ୱନି ଦେଇ ଉପବୀତଧାରୀ ଭକ୍ତ ଓ ଶ୍ରଦ୍ଧାଳୁମାନେ ନାଚିନାଚି ଶିବ ଶଙ୍କରଙ୍କ ପ୍ରତି ନିଜର ଭକ୍ତିଭାବ ପ୍ରଦର୍ଶନ କରିଥିଲେ।

ରାଜ୍ୟର ଦ୍ୱିତୀୟ ବୃହତ୍ତମ ମେଳା ଭାବେ ପରିଚିତ ବାବା ଚନ୍ଦନେଶ୍ୱରଜୀଉଙ୍କ ଚଡ଼କ ମେଳାର ଦେଶବିଦେଶରେ ଖ୍ୟାତି ରହିଛି। ଅନ୍ୟାନ୍ୟ ଶୈବପୀଠରୁ ଏହି ପୀଠର ନୀତିକାନ୍ତି ଓ ପରମ୍ପରା ନିଆରା। ଏଠାରେ ପ୍ରଚଳିତ ଚଡ଼କମେଳାର ପ୍ରସିଦ୍ଧି ଅନନ୍ୟ। ଏହି ଶୈବପୀଠରେ ଚଡ଼କ ପର୍ବ ଦୀର୍ଘ ୧୩ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ମୁଖ୍ୟତଃ ଶିବ-କାମିନୀ ବିବାହ, ମହାନୀଳ ପର୍ବ ଓ ପାଟପର୍ବ ସ୍ୱଚକ୍ଷୁରେ ଅବଲୋକନ ପାଇଁ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଓ ଦେଖଣାହାରୀଙ୍କ ସମାଗମ ହୋଇଥାଏ। ୧୩ ଦିନ ଧରି ଏକ ସ୍ଥାନ ଓ ଏକ ଭାବନା ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଆସାମ ଆଦି ରାଜ୍ୟରୁ ଲକ୍ଷଲକ୍ଷ ମାନସିକଧାରୀଙ୍କ ସମାଗମ ଦେଖିବାକୁ ମିଳିଥାଏ। ମହାନୀଳ ପର୍ବର ପରବର୍ତ୍ତୀ ଦିନ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ପୂର୍ବ ଦିନ ଏହି ପାଟ ଉତ୍ସବ ପାଳିତ ହେଉଥିଲା ବେଳେ ଏହା ଦୀର୍ଘ ୧୩ଦିନ ବ୍ରତଧାରଣର ଶେଷ ତଥା ଶ୍ରେଷ୍ଠ ଆଧ୍ୟାତ୍ମିକ ଉତ୍ସବ ବୋଲି ବିବେଚନା କରାଯାଏ।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା

ମଙ୍ଗଳବାର, ୧୪ ଏପ୍ରିଲ, ୨୦୨୬



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ବିଗିଡ଼ିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ନୂଆ ଯାନ କିଣିବା ଯୋଗ ଅଛି।

**ବୃଷ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଧନ ମିଳିପାରେ। ପରିବାର ସଦସ୍ୟଙ୍କ ସହିତ ଖୁସି ସମୟ ଅତିବାହିତ କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

**ମିଥୁନ:** ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଧୈର୍ଯ୍ୟ ରଖି କାମ କରନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଦୀର୍ଘ ଦିନର ଆଶା ପୂରଣ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଉଧାର ଟଙ୍କା ଫେରି ପାଇବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବା ଭଲ।

**କନ୍ୟା:** ଅତ୍ୟଧିକ ଚିନ୍ତାରୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ବହୁ ଦିନର ଆଶା ପୂରଣ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ତୁଳା:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଯଥା ଖର୍ଚ୍ଚ ବଢ଼ିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ମାନସିକ ଚିନ୍ତା ବଢ଼ିପାରେ। ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ଧାର୍ମିକ କାର୍ଯରେ ଯୋଗ ଦେବେ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତ ଫଳ ପ୍ରଦାନ କରିବ। ଗୁରୁଜନମାନଙ୍କୁ ମାପିଚୁପି କଥା କୁହନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କୁମ୍ଭ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସାହାଯ୍ୟ ମିଳିପାରେ। କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଦାନ ଧର୍ମ କରନ୍ତୁ।

## ଆଜିର ଐତିହ୍ୟ

- ୧୯୧୨- ଟାଇଟାନିକ୍ ହିମଖଣ୍ଡରେ ବାଡ଼େଇ ହେଲା।
- ୧୯୫୮ - ସ୍ପୁଟନିକ୍-୨ ମହାକାଶ ଅଭିଯାନର ୧୬୨ ଦିନ ପରେ ନଷ୍ଟ ହୋଇଗଲା।
- ୨୦୦୬- ଚୀନ୍‌ରେ ପ୍ରଥମ ବିଶ୍ୱ ବୌଦ୍ଧ ସମ୍ମିଳନୀର ଆରମ୍ଭ।
- ୨୦୦୮ - କଲିକତା ଓ ଢାକା ମଧ୍ୟରେ ୧୯୬୫ ପରେ ପ୍ରଥମ ଥର ପାଇଁ ଯାତ୍ରୀ ରେଳସେବା ଆରମ୍ଭ ହେଲା।
- ୨୦୧୦-ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାରେ ଆସିଥିବା ତୋଫାନ କାରଣରୁ ୧୨୩ ଲୋକଙ୍କ ମୃତ୍ୟୁ।

ଆଜି ଆସିଥିଲେ

## ବାବାସାହେବ ଆମ୍ବେଦକର



ଆଜି ହେଉଛି ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ। ଡ. ଭୀମରାଓ ଆମ୍ବେଦକର ବାବା ସାହେବ ଆମ୍ବେଦକର ନାମରେ ଅଧିକ ଲୋକପ୍ରିୟ ଥିଲେ । ବାବାସାହେବଙ୍କ ଜନ୍ମ ମଧ୍ୟପ୍ରଦେଶର ମହୁ ଅଞ୍ଚଳରେ ଏକ ମରାଠୀ ପରିବାରରେ ୧୮୯୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ରାମଜୀ ମାଲୋଜି ସାକପାଲ ଓ ମାତାଙ୍କ ନାମ ଥିଲା ଭୀମାବାଇ । ଆମ୍ବେଦକର ମହାର ଜାତିର ଥିଲେ। ଏହି ଜାତିର ଲୋକମାନେ ସମାଜରେ ପଛୁଆ ବର୍ଗରେ ବିବେଚିତ ହୋଇଥିଲେ ଏବଂ ସେମାନଙ୍କ ପ୍ରତି ଭେଦଭାବ କରାଯାଉଥିଲା। ଦରିଦ୍ର ଓ ଅଛୁଆଁ ଜାତିର ହୋଇଥିବାରୁ ସେ ଶୈଶବରୁ ସାମାଜିକ-ଅର୍ଥନୈତିକ ପକ୍ଷପାତର ସମ୍ମୁଖୀନ ହୋଇଥିଲେ। ସ୍କୁଲ୍‌ରେ ଉଚ୍ଚ ଜାତିର ସହପାଠୀଙ୍କଠାରୁ ତାଙ୍କୁ ଦୂରରେ ବସିବାକୁ ପଡୁଥିଲା। ୧୮୯୭ରେ ତାଙ୍କ ପରିବାର ମୁମ୍ବାଇ ଚାଲିଆସିଥିଲା। ସେଠାରେ ଥିବା ଏଲ୍‌ଫିନଷ୍ଟନ୍ ହାଇସ୍କୁଲ୍‌ରେ ଏକମାତ୍ର ଦଳିତ ଛାତ୍ର ଭାବେ ଆମ୍ବେଦକର ଯୋଗ ଦେଇଥିଲେ। ଏହାପରେ ଏଲ୍‌ଫିନଷ୍ଟନ୍ କଲେଜରୁ ସ୍ନାତକ ହାସଲ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ। ଆମ୍ବେଦକର ବିଦେଶରୁ ଅର୍ଥନୀତିରେ ପିଏଚ୍.ଡି ହାସଲ କରିଥିବା ପ୍ରଥମ ଭାରତୀୟ । ୧୯୧୭ରେ ସେ ଭାରତ ଫେରି ସିଡ଼େନହମ୍ କଲେଜରେ ପ୍ରଫେସର ରୂପେ ଯୋଗ ଦେଇଥିଲେ। ସେଠାରେ ଉଚ୍ଚ ଶିକ୍ଷିତ ଅଧ୍ୟାପକଙ୍କ ଦ୍ୱାରା ପ୍ରଭେଦର ଶିକାର ହୋଇ ସେ ଅଧ୍ୟାପନା ବୃତ୍ତି ଛାଡ଼ି ଓକିଲାତି କଲେ। ଏହି ସମୟରେ ସେ ଦଳିତଙ୍କ ଅଧିକାର ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ୧୯୨୦ରେ ଏକ ସାପ୍ତାହିକ ମରାଠୀ ଖବରକାଗଜ ଆରମ୍ଭ କରି ଜାତିଭେଦର କଡ଼ା ସମାଲୋଚନା କରିବା ସହିତ ବୈଷମ୍ୟ ବିରୋଧରେ ଲଢ଼ିବା ପାଇଁ ଆହ୍ୱାନ କରି ନିଷ୍ପେଷିତ ବର୍ଗର ପ୍ରତିନିଧି ସାଜିଥିଲେ। ଜଣେ ମେଧାବୀ ଛାତ୍ର ଭାବେ ସେ ଦେଶ ବିଦେଶର ଅନେକ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୩୨ଟି ଡିଗ୍ରୀ ହାସଲ କରିଥିଲେ। ସ୍ୱାଧୀନତା ପରେ ସମ୍ବିଧାନ କାର୍ଯ୍ୟକାରୀ ସମିତିର ସେ ଅଧକ୍ଷ ହୋଇଥିଲେ। ତାଙ୍କର ତତ୍ତ୍ୱାବଧାନରେ ପ୍ରସ୍ତୁତ ବିଶ୍ୱର ସର୍ବବୃହତ୍ ଲିଖିତ ଭାରତୀୟ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଲାଗୁ କରାଯାଇଥିଲା। ସ୍ୱାଧୀନ ଭାରତରେ ସେ ପ୍ରଥମ ଆଇନ ମନ୍ତ୍ରୀ ହୋଇଥିଲେ । ଦଳିତ ସମ୍ପ୍ରଦାୟର ଉନ୍ନତି ପାଇଁ ସେ ନିରନ୍ତର ଉଦ୍ୟମ କରିଥିଲେ। ଭାରତୀୟ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାରେ ବାବାସାହେବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୬ ଡିସେମ୍ବର, ୧୯୫୬ ରେ ବାବାସାହେବଙ୍କର ଦେହାନ୍ତ ହୋଇଥିଲା।

'ମହାବତାର'

## ଦୀପିକାଙ୍କ ସ୍ଥାନ ନେଲେ ଶ୍ରଦ୍ଧା



ଅନେକ ଦିନରୁ ଦର୍ଶକେ 'ମହାବତାର' ଫିଲ୍ମକୁ ଅପେକ୍ଷା କରିଛନ୍ତି। ଏହି ଫିଲ୍ମ ଚଳିତବର୍ଷ ରିଲିଜ୍ ହେବାର ଥିଲା। ଏବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହାର ରିଲିଜ୍‌କୁ ଟାଳି ଦିଆଯାଇଛି। ଏହାକୁ ମ୍ୟାଡକକ୍ ଫିଲ୍ମସ୍ ନିର୍ମାଣ କରୁଛି। ଏହି ଚଳଚ୍ଚିତ୍ରରେ ଭିକି କୌଶଳ ଲିଡ୍ ରୋଲରେ ନଜର ଆସିବେ। ସେ ଏଥିରେ ପର୍ଶୁରାମଙ୍କ ଭୂମିକାରେ ନଜର ଆସିବେ। ଏହି ପୌରାଣିକ ଆକ୍ସନ ଫିଲ୍ମଟି ଭିକିଙ୍କ କ୍ୟାରିୟରର ସବୁଠୁ ବଡ଼ ପ୍ରୋଜେକ୍ଟ ହେବ ଏବଂ ଏଥିରେ ସେ ଭିନ୍ନ ଅବତାରରେ ଦର୍ଶକଙ୍କ ମନୋରଞ୍ଜନ କରିବେ । ପୂର୍ବରୁ ଏଥିରେ ଭିକିଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ ବୋଲି କୁହାଯାଉଥିଲା। ଏବେ କିନ୍ତୁ ଏଥିରେ ଦୀପିକାଙ୍କ ସ୍ଥାନ ଶ୍ରଦ୍ଧା କପୁର ନେଇଥିବା ଚର୍ଚ୍ଚା ହେଉଛି। ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକ ଏନେଇ ଶ୍ରଦ୍ଧାଙ୍କ ସହ ଆଲୋଚନା କରୁଛନ୍ତି। ତେବେ ଏହି ଫିଲ୍ମ ପାଇଁ ଟିମ୍ ଏଭଳି ଜଣେ ନାୟିକାଙ୍କ ତଲାସରେ ଥିଲା ଯାହାଙ୍କର ଷ୍ଟାର୍ ଭାଲ୍ୟୁ ଥିବା ସହ ଦମ୍‌ଦାର ଅଭିନୟ ଦକ୍ଷତା ଥିବ। ଏଥିପାଇଁ ଶ୍ରଦ୍ଧା ହିଁ ପୂରା ଫିଟ୍ ବୋଲି ଟିମ୍ ଅନୁଭବ କରିଥିଲା। ତେବେ 'ମହାବତାର' ମାଧ୍ୟମରେ ଶ୍ରଦ୍ଧା ଓ ଭିକି ପ୍ରଥମ ଥର ପାଇଁ ବଡ଼ ପରଦାରେ ଏକାଠି ନଜର ଆସିବେ। ଫିଲ୍ମର ସୁଟିଂ ଜୁନ୍ ମାସ ପରେ ଆରମ୍ଭ ହୋଇପାରେ ବୋଲି କୁହାଯାଇଛି। ଏହା ୨୦୨୭ ରେ ପରଦାକୁ ଆସିବ।

## ଓଡ଼ିଆ ନୂଆବର୍ଷ



ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ । ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତିଠାରୁ ନୂତନ ବର୍ଷର ଆରମ୍ଭ ହୋଇଥାଏ । ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। ପଣା ସଂକ୍ରାନ୍ତି ଅବସରରେ ନୂତନ ପଞ୍ଜିକା ଓଡ଼ିଶାରେ ଲାଗୁ ହେଉଥିବାରୁ ଏହାକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଉଛି। ଏହିଦିନ ଠାରୁ ସୂର୍ଯ୍ୟଙ୍କ ବିଷୁବରେଖା ଆଡ଼କୁ ଉତ୍ତରାୟଣ ଗତି ଆରମ୍ଭ ହୁଏ। ସୂର୍ଯ୍ୟଙ୍କର ରୌଦ୍ରତାପର ପ୍ରଚଣ୍ଡ ପ୍ରଭାବକୁ ପ୍ରଶମିତ କରିବା ପାଇଁ ଓଡ଼ିଆ ଘରଗୁଡ଼ିକରେ ମା' ବୃନ୍ଦାବତୀ (ତୁଳସୀ)ଙ୍କ ଉପରେ ଛାମୁଡ଼ିଆ କରାହୁଏ। ଏକ ଛୋଟ ଘଡ଼ା ବା ଠେକିରେ ପଣା ରଖି ଚଉରାରେ ବାନ୍ଧି ଦିଆଯାଏ। ଏଥିରେ ଛୋଟ କଣାଟିଏ କରାଯାଇ ବୃନ୍ଦାବତୀଙ୍କ ପାଖରେ ପାଣି ଲଗାଯାଏ । ଏହାକୁ ବସୁନ୍ଧରା ଠେକି କୁହାଯାଏ । ଚଉରା ମୂଳେ ଛତୁଆ ଓ ପଣା ଭୋଗ ହୋଇଥାଏ। ଏହି ଦିନର ଆଉ ଏକ ବିଶେଷତ୍ୱ ହେଉଛି, ଏହି ଦିନ ପ୍ରଭୁ ହନୁମାନ ଜନ୍ମ ହୋଇଥିଲେ। ତେଣୁ ଏହି ଦିନକୁ ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଏ। ହନୁମାନଙ୍କ ଉପାସନା ସହ ଭକ୍ତମାନେ ହନୁମାନ ଚାଳିଶା ପାଠ କରନ୍ତି। ପଣା ସଂକ୍ରାନ୍ତି ଦିନ ପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ। ବେଲ, ଆମ୍ବ, ଗୁଡ଼, ନଡ଼ିଆ ତଥା ବିଭିନ୍ନ ଫଳ ଆଦି ପକାଇ ପଣା ପ୍ରସ୍ତୁତ କରାଯାଏ। ଠାକୁରଙ୍କଠାରେ ପଣା ଭୋଗ ଲାଗିବା ପରେ ସମସ୍ତେ ଏହାକୁ ପିଇଥାନ୍ତି। ପୁରୀରେ ମଧ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀର ବିଶେଷ ମହତ୍ତ୍ୱ ରହିଛି। ସହରରେ ପାରମ୍ପରିକ ଜାଗା ଆଖଡ଼ାରେ ହନୁମାନ ଇଷ୍ଟଦେବ ରୂପେ ପୂଜା ପାଉଥିବାରୁ ଏଠାରେ ହନୁମାନ ଜୟନ୍ତୀକୁ ବେଶ୍ ଉତ୍ସାହର ସହ ପାଳନ କରାଯାଏ। ଜାଗା ଆଖଡ଼ାଗୁଡ଼ିକରେ କ୍ଷୀର, ଖୁଆ, ରାବିଡ଼ି ଓ ପଣା ସହ ଛତୁଆକୁ ଭୋଗ କରାଯାଇ ସମସ୍ତଙ୍କୁ ବଣ୍ଟନ କରାଯାଏ। ଓଡ଼ିଶାର ବିଭିନ୍ନ ସ୍ଥାନ ଓ ଦେବାଳୟରେ ମଧ୍ୟ ଏହିଦିନ ପଣା ବଣ୍ଟନ କରାଯାଇଥାଏ । ଦକ୍ଷିଣ ଓଡ଼ିଶାରେ ଏକ ମାସ ଧରି ଚାଲିଥିବା ଦଣ୍ଡ ନାଚର ଅନ୍ତ ଭାବେ ଏହି ଦିନ ମେରୁ ଯାତ ପାଳନ କରାଯାଏ । ପଣା ସଂକ୍ରାନ୍ତି ପାଇଁ ପୁରୀର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଦକ୍ଷିଣ ଘରେ ଥିବା ଶ୍ରୀ ହନୁମାନଙ୍କୁ ରତ୍ନ ସିଂହାସନକୁ ଅଣାଯାଇଥାଏ। ତା'ପରେ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ଆଜ୍ଞାମାଳ ପ୍ରଦାନ କରାଯାଏ। ମହାବିଷୁବ ସଂକ୍ରାନ୍ତିରେ ଘଟଗାଁ ମା' ତାରିଣୀଙ୍କ ଚଇତି ପର୍ବ ପାଳିତ ହୁଏ । ପଣା ସଂକ୍ରାନ୍ତି ପରଠାରୁ ବୃକ୍ଷଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି । ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇ ଲୋକଙ୍କୁ ମାଗଣାରେ ଥଣ୍ଡା ପାଣି ଯୋଗାଇ ଦିଆଯାଏ। ଏହି ଦିନଠାରୁ ଗଛରେ ଜଳଦାନ କରାଯିବା ସହ ପୂର୍ବଜଙ୍କ ସମାଧି ଉପରେ ମଧ୍ୟ ଜଳଦାନ କରାଯାଏ। ଆଉ କେତେକ ଘର ସାମ୍ନାରେ ଜୀବଜନ୍ତୁଙ୍କ ପାଇଁ ଜଳଦାନର ବ୍ୟବସ୍ଥା କରିଥାନ୍ତି। ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ । ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ । ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି । ମହା ବିଷୁବ ସଂକ୍ରାନ୍ତି ଓଡ଼ିଶାର ବିଶିଷ୍ଟ ଗଣ ପର୍ବ। ପ୍ରଚଣ୍ଡ ରୌଦ୍ର ତାପରୁ ଜନଜୀବନକୁ ଚଳଚଞ୍ଚଳ ରଖିବା ସହିତ ଆମୋଦ ପ୍ରଦାନ କରିବାରେ ଏହାର ସ୍ୱତନ୍ତ୍ରତା ରହିଛି।

## ଗଛର ସ୍ମାର୍ଟ ସୁରକ୍ଷା



**ବର୍ତ୍ତମାନ ଦିନକୁ ଦିନ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରଚଣ୍ଡ ସୂର୍ଯ୍ୟକିରଣ, ଉତ୍ତପ୍ତ ବାୟୁ ପ୍ରବାହ ଯୋଗୁଁ ମାଟି ଶୁଷ୍କ ହେବା ସହ ଏହାର ପ୍ରଭାବ ଗଛ ଉପରେ ପଡ଼ିଥାଏ। ଗଛ ଲତା ଝାଉଁଳି ପଡ଼ନ୍ତି। ଅଧିକାଂଶ ଫସଲରେ ଅଧିକ ଜଳସେଚନ କରିବାକୁ ଗୁରୁତ୍ୱ ଦିଅନ୍ତି। ତେବେ ଫସଲରେ ଜଳସେଚନ ସହିତ ସ୍ମାର୍ଟ ଉପାୟରେ ଗଛକୁ ସୁରକ୍ଷା ଦେଇ ପାରିବେ।**

ସର୍ବଦା ସକାଳ କିମ୍ବା ସନ୍ଧ୍ୟାରେ ଫସଲରେ ପାଣି ଦେବା ଉଚିତ। ଗଛକୁ ସୁରକ୍ଷା ଦେବାକୁ ସେଡନେଟ୍ କିମ୍ବା କପଡ଼ା ବ୍ୟବହାର କରି ପାରିବେ। ଏହା ଗଛକୁ ସିଧାସଳଖ ସୂର୍ଯ୍ୟକିରଣ ପଡ଼ିବାକୁ ଦିଏ ନାହିଁ। ସେହିପରି ମାଟିର ଆର୍ଦ୍ରତା ଓ ଜଳଧାରଣ କ୍ଷମତା ବଜାୟ ରଖିବା ପାଇଁ ସଢ଼ା ଗୋବର ଖତ/କମ୍ପୋଷ୍ଟ ଖତ/କୋକୋପିଟ୍, ଶୁଖିଲା ପତ୍ର କିମ୍ବା ଜିଆଖତ ପ୍ରୟୋଗ କରି ଗଛ ମୂଳକୁ ଥଣ୍ଡା ପ୍ରଦାନ କରିପାରିବେ। ସପ୍ତାହକୁ ଥରେ ହାଲୁକା ଖତ ପ୍ରୟୋଗ ଜରୁରି । ଫସଲର ଦୁଇ ଧାଡ଼ି ମଝିରେ ଜୈବ ଆଚ୍ଛାଦନ କରନ୍ତୁ। ଡ୍ରିପ୍ ଇରିଗେସନ ପଦ୍ଧତିରେ ଜଳସେଚନ କରିବା ଭଲ। ଫସଲରେ କୌଣସି କୀଟନାଶକ ଓ ତୃଣନାଶକ ଉପର ଓଳି ଟାଣଖରାରେ ପ୍ରୟୋଗ କରନ୍ତୁ ନାହିଁ। କୁଣ୍ଡରେ ଦୈନିକ ଦୁଇ ଥର ଜଳସେଚନ କରିବା ଭଲ। କୁଣ୍ଡକୁ ସିମେଣ୍ଟ ଚଟାଣରେ ନ ଥୋଇ ଥରମୋକୁଲ, ବାଉଁଶ ତାଟି ଆଦି ଉପରେ ରଖିବା ଆବଶ୍ୟକ।

## ଖରାଦିନିଆ ଫୁଲ ଚାଷ

ଗ୍ରୀଷ୍ମ ଋତୁରେ ବଗିଚାରେ ରଙ୍ଗ ବେରଙ୍ଗର ଫୁଲ ଫୁଟିବା କାଠିକର ପାଠ। ହେଲେ ଏମିତି କିଛି ଫୁଲ ଗଛ ରହିଛି ଯାହା ଅଧିକ ତାପମାତ୍ରା ବି ସହିପାରେ। ଏହି ଗଛର ଠିକ୍ ଭାବେ ଯତ୍ନ ନେଲେ ଅଧିକ ଫୁଲ ଫୁଟିପାରେ।

ମଧୁମାଳତୀ ଗଛ ବୃଦ୍ଧି ପାଇଁ ସୂର୍ଯ୍ୟକିରଣ ଅତ୍ୟନ୍ତ ଜରୁରି। କାନ୍ଥ, ଗେଟ୍ କିମ୍ବା ଉଚ୍ଚାସ୍ଥାନରେ ମଧୁମାଳତୀ ଗଛ ଲଗାଇ ନିୟମିତ ହାଲୁକା ଜଳସେଚନ କରି ପାରିବେ। ମନ୍ଦାର ଗଛ ଲଗାଇବା ପାଇଁ ଏବେ ଉପଯୁକ୍ତ ସମୟ। ଗଛକୁ ସୁରକ୍ଷା ଦେବାକୁ ଗଛ ମୂଳରେ ଅଳ୍ପ ଜୈବିକ ଖତ ଦେବା ସହ ମଲଚିଂ କରି ପାରିବେ। ମଲଚିଂ ପାଇଁ ଶୁଖିଲା ପତ୍ର, ଫୁଲ, କୁଟା ଆଦିକୁ ମୋଟା ପରସ୍ତ କରି ବିଛାଇବା ଦ୍ୱାରା ଏହା ମାଟିର ତାପମାତ୍ରାକୁ ସ୍ଥିର ରଖେ। ଅନାବନା ଘାସ ଉଠିବାକୁ ଦିଏ ନାହିଁ। ଫୁଲ ଫୁଟିଥାଏ। ସେହିପରି ଅପରାଜିତା ଗଛରେ ହାଲୁକା ଜଳ ସେଚନ ଦ୍ୱାରା ଅଧିକ ଫୁଲ ଫୁଟିଥାଏ। ଏହା ସହ ଏବେ ଗେଣ୍ଡୁ, କନିଅର, ମଲ୍ଲୀ, ଜିନିଆ, ସୂର୍ଯ୍ୟମୁଖୀ, ସଦାବାହର ଆଦି ଫୁଲ ଗଛ ଲଗାଇ ପାରିବେ। ଖରାଦିନେ ଫୁଲ ଗଛରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅଧିକ ସୂର୍ଯ୍ୟକିରଣ ସହି ପାରୁ ନ ଥିବା ଗଛ ପାଇଁ ଅସ୍ଥାୟୀ ଛାଇର ବନ୍ଦୋବସ୍ତ କରିବା ଆବଶ୍ୟକ। ଗଛରୁ ସମୟେ ସମୟେ ଶୁଖିଲା ଫୁଲ ଓ ପତ୍ରକୁ ହଟାଇବା ଦ୍ୱାରା ନୂଆ ଫୁଲ ଫୁଟିଥାଏ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ



- ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଭେଣ୍ଡିଫସଲରେ ଜଉପୋକ, ପତ୍ରଡିଆଁ ପୋକ ଆଦି ଲାଗିବାର ସମ୍ଭାବନା ରହିଛି। ଏହି ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ପିପିଏମ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କଖାରୁଜାତୀୟ ପରିବାରେ ଫଳମାଛିର ପରିଚାଳନା ପାଇଁ ୪ ଲିଟର ପାଣିରେ ୪୦୦ ଗ୍ରାମ ଗୁଡ଼ ଓ ୮ ମିଲି ମାଲାଥିଅନ ମିଶାଇ ବିଷ ଥୋପ ପ୍ରସ୍ତୁତ କରି ଏହାକୁ ଏକ ଏକର ଫସଲରେ ୮୦ଟି ସ୍ଥାନରେ ଛୋଟ ସଢେଇରେ ରଖି ଗଛ ମୂଳରେ ରଖନ୍ତୁ। ଏହାଦ୍ୱାରା ଫଳମାଛିଗୁଡ଼ିକ ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡ଼ି ମରିଯିବେ ।

## ସୁବର୍ଣ୍ଣା

## ସବୁଜ ଗୃହରେ କାକୁଡ଼ି ଚାଷ



**ଅଧୁନା ଚାଷୀ ପାରମ୍ପରିକ ଚାଷ ବଦଳରେ ଆଧୁନିକ ପ୍ରଣାଳୀର ଚାଷକାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି। ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରି ରାଜସ୍ଥାନ, ଉଦୟପୁର ଜିଲ୍ଲା ଅନ୍ତର୍ଗତ ଖେଡ଼ା ଗାଁର ଲକ୍ଷ୍ମୀ ଲାଲ୍ ଜନୱା ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି । ଲକ୍ଷ୍ମୀ ସବୁଜ ଗୃହ (ଗ୍ରୀନ୍ ହାଉସ୍)ରେ କାକୁଡ଼ି ଚାଷ କରି ଲାଭାନ୍ୱିତ ହେବା ସହ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**

ପ୍ରଥମେ ଲକ୍ଷ୍ମୀ ପାରମ୍ପରିକ ପ୍ରଣାଳୀରେ ଚାଷ କରୁଥିଲେ। ଏଥିରେ ଅଧିକ ଶ୍ରମ ସାଙ୍ଗକୁ ଖର୍ଚ୍ଚ ବଢୁଥିଲା। ଅମଳ କମ୍ ହେଉଥିଲା। ପ୍ରାୟତଃ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷକାର୍ଯ୍ୟରେ ତାଙ୍କୁ ଅଧିକ କ୍ଷତି ମଧ୍ୟ ସହିବାକୁ ପଡୁଥିଲା। ତେଣୁ ସେ ଜାତୀୟ ଉଦ୍ୟାନ କୃଷି ମିଶନ ଅଧୀନରେ ସବୁଜ ଗୃହ ସେଟ୍‌ଅପ୍ କରି କାକୁଡ଼ି ଚାଷ ଆରମ୍ଭ କଲେ। କୃଷି ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଚାଷକାମକୁ ସଠିକ୍ ପରିଚାଳନା କରିଥିଲେ। ସାଧାରଣତଃ ସବୁଜ ଗୃହରେ ନିୟନ୍ତ୍ରିତ ବାତାବରଣ ସହ ଆଧୁନିକ ପଦ୍ଧତିରେ ଚାଷ କରାଯାଇଥାଏ। ଏହାଦ୍ୱାରା ତାପମାତ୍ରା, ଆର୍ଦ୍ରତା ଏବଂ ଆଲୋକକୁ ନିୟନ୍ତ୍ରଣ କରି ଉତ୍ତମ ଅମଳ ମିଳିଥାଏ। ଏହି କୌଶଳରେ ସୂକ୍ଷ୍ମ ଜଳ ସେଚନ ପଦ୍ଧତିରେ ବୁନ୍ଦା ବୁନ୍ଦା ପାଣି ଉପଯୋଗ ହେଉଥିବାରୁ ଅଧିକ ପାଣି ଅପଚୟ ହୁଏ ନାହିଁ। ରୋଗ ପୋକ ଲାଗିବାର ଆଶଙ୍କା ମଧ୍ୟ ଖୁବ୍ କମ୍ ଥାଏ। ଏହି କୌଶଳରେ ଚାଷ କରିବା ଦ୍ୱାରା ଅଧିକ ଅମଳ ମିଳିପାରେ ବୋଲି ଲକ୍ଷ୍ମୀ କୁହନ୍ତି। ଏହି କାକୁଡ଼ି ଚାଷରୁ ଲକ୍ଷ୍ମୀଙ୍କୁ ପୂର୍ବ ତୁଳନାରେ ଚାରିଗୁଣା ଲାଭ ମିଳୁଛି। ବର୍ତ୍ତମାନ ଲକ୍ଷ୍ମୀ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ସବୁଜଗୃହରେ ଚାଷ କରିବାକୁ ପ୍ରେରଣା ଦେଉଛନ୍ତି।



## ସାଇଜ୍ ଗ୍ରେଡର୍ ମେସିନ୍

ଭାରତ ଏକ କୃଷି ପ୍ରଧାନ ଦେଶ। ଏଠାରେ ଅଧିକାଂଶ ଲୋକ ବିଭିନ୍ନ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେବେ ଚାଷକାର୍ଯ୍ୟରେ ଚାଷୀଙ୍କ ଶ୍ରମ ଲାଘବ କରିବାକୁ ଏବେ ବଜାରରେ ଅନେକ ଆଧୁନିକ କୃଷି ଉପକରଣ ମିଳୁଛି। ଏହି କ୍ରମରେ ଫସଲ ଅମଳ ପରେ ଭଲ ଫଳ ଓ ପରିବାକୁ ଅଲଗା କରିବାକୁ ଏକ କୃଷି ଯନ୍ତ୍ର ରହିଛି। ଏହି କୃଷି ଯନ୍ତ୍ରପାତିର ନାଁ ସାଇଜ୍ ଗ୍ରେଡର୍ ମେସିନ୍। କମ୍ ସମୟ ମଧ୍ୟରେ ଏହା ଛୋଟ, ମଧ୍ୟମ ଏବଂ ବଡ଼ଆକାର ଫଳ ଓ ପରିବାକୁ ଚିହ୍ନଟ କରେ। ଚାଷୀମାନେ ଉତ୍ପାଦିତ ଫଳ ଓ ପରିବାକୁ ଏହି ମେସିନ୍‌ରେ ଭର୍ତ୍ତି କରନ୍ତି। ଏହି ମେସିନ୍ ସ୍ୱୟଂଚାଳିତ ଭାବେ ଛୋଟ, ମଧ୍ୟମ ଏବଂ ବଡ଼ ଫଳ ଓ ପରିବାକୁ ସେମାନଙ୍କ ଆକାର ଅନୁସାରେ ସଜାଇ ପୃଥକ୍ କରିଥାଏ। ଏହି ମେସିନ୍‌ରେ ସ୍ୱତନ୍ତ୍ର ସେଟ୍‌ଅପ୍ ଥିବାରୁ ଫଳ ଓ ପରିବାରେ ଆଦୌ ଦାଗ ହୁଏନି। ଯାହାଫଳରେ ଚାଷୀଙ୍କୁ ବଜାରରେ ଉଚିତ ଦରଦାମ ମିଳିପାରେ। ଏହି ମେସିନ୍‌ଟି ଟମାଟୋ, ଆଳୁ, ପିଆଜ, ରସୁଣ, ସେଓ, କମଳା, ଅଁଳା, ପିଜୁଳି, ଲେମ୍ବୁ ଆଦି ଗୋଲାକାର ଫଳ ବା ପନିପରିବା ପାଇଁ ଫଳପ୍ରଦ।



### ଇଶାନଙ୍କ ଅର୍ଦ୍ଧଶତକ, ପ୍ରଫୁଲ୍ଲ ଓ ସାକିବଙ୍କ ଘାତକ ବୋଲିଂ

# ହାଇଦରାବାଦ୍ ନିକଟରୁ ରାଜସ୍ଥାନର ପରାଜୟ

**ହାଇଦରାବାଦ୍,୧୩।୪(ଏଜେନ୍ସି):** ଡେବ୍ୟୁଟାଣ୍ଟ ଫାଷ୍ଟ ବୋଲର ପ୍ରଫୁଲ୍ଲ ହିଙ୍ଗେ (୪/୩୪) ଓ ସାକିବ ହୁସେନ (୪/୨୪)ଙ୍କ ଘାତକ ବୋଲିଂ ସାଙ୍ଗକୁ ଅଧିନାୟକ ଇଶାନ କିଶାନ (୪୪ବଲ୍‌ରେ ୯୧ରନ୍)ଙ୍କ ଉପଯୋଗୀ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୨୧ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୫୭ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ରାଜସ୍ଥାନର ବିଜୟ ଧାରାରେ ବ୍ରେକ୍ ଲଗାଇଛି ହାଇଦରାବାଦ୍। ଚଳିତ ସିଜନରେ କ୍ରମାଗତ ୪ର୍ଥ ମ୍ୟାଚ୍ ଜିତିବା ପରେ ରାଜସ୍ଥାନ ଏଠାରେ ପ୍ରଥମ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ସଂଘର୍ଷରତ ହାଇଦରାବାଦ୍ ୫ମ ମୁକାବିଲାରୁ ଦ୍ୱିତୀୟ ବିଜୟ ହାସଲ କରିଛି।



ଏହି ମ୍ୟାଚ୍‌ରେ ଇଶାନଙ୍କ ୯୧(୪୪ବଲ୍, ୮ଚୌକା, ୬ଛକା), ହେନ୍‌ରିକ୍ କ୍ଲାସେନଙ୍କ ୨୬ବଲ୍‌ରେ ୪୦, ନୀତୀଶ କୁମାର ରେଡ୍ଡୀଙ୍କ ୧୩ ବଲ୍‌ରେ ୨୮ ଓ ସଲିଲ ଅରୋରାଙ୍କ ୧୩ ବଲ୍‌ରେ ଅପରାଜିତ ୨୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୬ ରନ୍ କରିଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚରର ସର୍ବାଧିକ ୨ଟି ୱିକେଟ ପାଇଥିଲେ। ଜବାବରେ ୨୧୭ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ ଆରମ୍ଭ କରିବା ପରେ ରାଜସ୍ଥାନ ପ୍ରଥମ ଓଭରରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ହାଇଦରାବାଦ୍ ପକ୍ଷରୁ ଡେବ୍ୟୁ କରିଥିବା ଦୁଇ ଯୁବ ମିଡିୟମ୍ ପେସ୍ ବୋଲର ବିଦର୍ଭର ପ୍ରଫୁଲ୍ଲ ହିଙ୍ଗେ ପ୍ରଥମ ଓଭରରେ ୩ଟି ସମେତ ୪ଟି ଓ ବିହାରର ସାକିବ ପ୍ରଥମ ଓଭରରେ ଗୋଟିଏ ୱିକେଟ ନେବା ପରେ ରାଜସ୍ଥାନ ୩ ଓଭର ଖେଳ ଶେଷ ସୁଦ୍ଧା ୯ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଦକ୍ଷିଣ ଆଫ୍ରିକୀୟ ଡୋନୋଭାନ ଫେରେରାଙ୍କ ଅର୍ଦ୍ଧଶତକ ଓ ରବୀନ୍ଦ୍ର ଜାଡେଜାଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ଦଳ ୨୦ ଓଭରରେ ୧୫୯ ରନ୍ କରିଥିଲା। ଫେରେରା ଦଳ ପକ୍ଷରୁ ୪୪ ବଲ୍‌ରେ ସର୍ବାଧିକ ୬୯ ଓ ଜାଡେଜା ୩୨ବଲ୍‌ରେ ୪୫ ରନ୍ କରିଥିଲେ। ରାଜସ୍ଥାନ ପକ୍ଷରୁ ପ୍ରଥମ ଓଭରରେ ବୈଭବ ସୂର୍ଯ୍ୟବଂଶୀ, ଧ୍ରୁବ ଜୁରେଲ ଓ ଲୁହାନ-ଡ୍ରେ ପ୍ରିଟୋରିଅସ ଆଉଟ ହୋଇଥିଲେ। ପ୍ରଫୁଲ୍ଲ ହିଙ୍ଗେ ବୋଲିଂ କରିଥିବା ପ୍ରଥମ ଓଭରରେ ଏମାନେ କେହି ଖାତା ଖୋଲି ପାରି ନ ଥିଲେ। ଦ୍ୱିତୀୟ ଓଭରରେ ଅନ୍ୟତମ ଡେବ୍ୟୁଟାଣ୍ଟ ରାଜସ୍ଥାନର ଓପନର ଯଶସ୍ୱୀ ଜୟସ୍ୱାଲ(୧)ଙ୍କୁ ଆଉଟ କରି ଶକ୍ତ ଝଟକା ଦେଇଥିଲେ। ଇନିଂସ ତୃତୀୟ ଓଭର ବୋଲିଂ କରିଥିବା ପ୍ରଫୁଲ୍ଲ ରାଜସ୍ଥାନ ଅଧିନାୟକ ରିୟାନ ପରାଗ (୪)ଙ୍କୁ ଆଉଟ କରିଦେଇଥିଲେ। ଭ୍ରମଣକାରୀ ଦଳ ୯ ରନ୍ ମଧ୍ୟରେ ୫ଟି ୱିକେଟ ହରାଇବା ପରେ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଯାଇଥିଲା। କିନ୍ତୁ ୬ଷ୍ଠ ୱିକେଟ ଯୋଡ଼ିରୁ ଫେରେରା ଓ ଜାଡେଜା ୧୧୮ ରନ୍ ଉଠାଇ ଦଳର ପରାଜୟକୁ ବିଳମ୍ବିତ କରାଇଥିଲେ। ହାଇଦରାବାଦ୍ ପକ୍ଷରୁ ପ୍ରଫୁଲ୍ଲ ଓ ସାକିବ ୪ଟି ଲେଖାଏଁ ୱିକେଟ ପାଇଥିଲେ।



| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ଚେନ୍ନାଇ ବନାମ କୋଲକାତା |
| ଭେନ୍ୟୁ - ଚେନ୍ନାଇ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ରାଜସ୍ଥାନ* | ୪ | ୪ | ୦ | ୦ | ୮ | +୨.୦୫୫ |
| ପଞ୍ଜାବ | ୪ | ୩ | ୦ | ୧ | ୭ | +୦.୭୨୦ |
| ବେଙ୍ଗାଲୁରୁ | ୪ | ୩ | ୧ | ୦ | ୬ | +୧.୧୪୮ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ | ୪ | ୨ | ୨ | ୦ | ୪ | -୦.୪୨୭ |
| ହାଇଦରାବାଦ* | ୪ | ୧ | ୩ | ୦ | ୨ | -୦.୦୨୪ |
| ମୁମ୍ବଇ | ୪ | ୧ | ୩ | ୦ | ୨ | -୦.୭୭୨ |
| ଚେନ୍ନାଇ | ୪ | ୧ | ୩ | ୦ | ୨ | -୧.୫୩୨ |
| କୋଲକାତା | ୪ | ୦ | ୩ | ୧ | ୧ | -୧.୩୧୫ |

## ମୁମ୍ବଇ ପାଇଁ ୬୦୦୦ ରନ୍ କଲେ ରୋହିତ



**ମୁମ୍ବଇ, ୧୩।୪ (ଏଜେନ୍ସି):** ମୁମ୍ବଇ ଇଣ୍ଡିଆନ୍ସର ଭେଟେରାନ ବ୍ୟାଟର୍ ରୋହିତ୍ ଶର୍ମା ତାଙ୍କ ଆଇପିଏଲ୍ କ୍ୟାରିୟରରେ ଆଉ ଏକ କୀର୍ତ୍ତିମାନ ଯୋଡ଼ିଛନ୍ତି। ପ୍ରଥମ ବ୍ୟାଟର୍ ଭାବେ ସେ ମୁମ୍ବଇ ଫ୍ରାଞ୍ଚାଇଜ ପାଇଁ ୬ ହଜାର ରନ ସ୍କୋର କରିଛନ୍ତି। ଗତକାଲି ୱାଙ୍ଖେଡେ ଷ୍ଟାଡିୟମରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ରୋହିତ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ଏହି ମ୍ୟାଚରେ ରୋହିତ ୧୩ ବଲରେ ୧୯ ରନ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଫଳରେ ମୁମ୍ବଇ ଇଣ୍ଡିଆନ୍ସ ପାଇଁ ତାଙ୍କ ମୋଟ୍ ରନ ୬,୦୧୩ରେ ପହଞ୍ଚିଛି। ୨୩୧ତମ ମ୍ୟାଚରୁ ୨୯.୭୬ ଆଭରେଜରେ ସେ ଏହି ସ୍କୋର କରିଛନ୍ତି। ଯେଉଁଥିରେ ୨ଟି ଶତକ ଓ ୪୦ଟି ଅର୍ଦ୍ଧଶତକ ସାମିଲ ରହିଛି। ମୁମ୍ବଇ ଫ୍ରାଞ୍ଚାଇଜ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର ସୂର୍ଯ୍ୟକୁମାର ଯାଦବଙ୍କ ନାମରେ ରହିଛି। ସୂର୍ଯ୍ୟକୁମାର ବର୍ତ୍ତମାନ ସୁଦ୍ଧା ମୁମ୍ବଇ ପାଇଁ ୩,୮୦୯ ରନ କରିଛନ୍ତି। ପ୍ରକାଶଯୋଗ୍ୟ, ଆଇପିଏଲ୍‌ରେ ରୋହିତ୍‌ଙ୍କ ମୋଟ୍ ସ୍କୋର ୭,୧୮୩ ରନରେ ପହଞ୍ଚିଛି। ଆଇପିଏଲ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାରେ ବିରାଟ କୋହଲି (୮୮୪୦ ରନ)ଙ୍କ ପଛକୁ ରୋହିତ ରହିଛନ୍ତି।

## ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ୨୫ ଲକ୍ଷ ଟଙ୍କା ପୁରସ୍କାର ଦେଲା ଏସିଏ

**ଗୌହାଟୀ, ୧୩।୪ (ଏଜେନ୍ସି):** ବର୍ଷା ଓ ଖରାପ ପାଣିପାଗ ସତ୍ତ୍ୱେ ଚଳିତ ଆଇପିଏଲ୍‌ର ୩ଟି ମ୍ୟାଚ ଆସାମର ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ସଫଳତାର ସହ ଆୟୋଜିତ ହୋଇଛି। ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ଏଥିଲାଗି ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା। ଚ୍ୟାଲେଞ୍ଜପୂର୍ଣ୍ଣ ପାଣିପାଗ ସତ୍ତ୍ୱେ ସୁରୁଖୁରରେ ମ୍ୟାଚ ଆୟୋଜନ କରିବାରେ ସହାୟତା କରିଥିବାରୁ ଘରୋଇ ଆସାମ କ୍ରିକେଟ୍ ସଂଘ (ଏସିଏ) ଗ୍ରାଉଣ୍ଡ ଷ୍ଟାଫଙ୍କୁ ପୁରସ୍କୃତ କରିଛି। ଏସିଏ ୨୫ ଲକ୍ଷ ଟଙ୍କାର ନଗଦ ପୁରାସ୍କାର ରାଶି ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ଲାଗି ଘୋଷଣା କରାଯାଇଛି। ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇ କ୍ୟୁରେଟର ଓ ଗ୍ରାଉଣ୍ଡ୍‌ସ ଷ୍ଟାଫ୍‌ଙ୍କ ଲାଗି ଏହି ପୁରସ୍କାର ରାଶି ଘୋଷଣା କରିଛି ବୋଲି ଏସିଏ ସମ୍ପାଦକ ସନାତନ ଦାସ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନ ରୟାଲ୍ସ ଦଳ ଏହାର ଦ୍ୱିତୀୟ ଘରୋଇ ଭେନ୍ୟୁ ଭାବେ ବର୍ଷାପରା ଷ୍ଟାଡିୟମକୁ ଚୟନ କରିଥିଲା। ଏଠାରେ ଏପ୍ରିଲ ୭ ତାରିଖରେ ମୁମ୍ବଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷା ଲାଗି ୧୧ ଓଭରବିଶିଷ୍ଟ ହୋଇଥିଲା। ସେହିଭଳି ଏପ୍ରିଲ ୧୦ରେ ରାଜସ୍ଥାନ ଓ ଆର୍‌ସିବି ମ୍ୟାଚ୍ ମଧ୍ୟ ବର୍ଷା ଓ ଖରାପ ପାଗ ଲାଗି ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

### ଡଗ୍‌ଆଉଟରେ ମୋବାଇଲ୍ ଫୋନ୍ ବ୍ୟବହାର

## ରାଜସ୍ଥାନର ମ୍ୟାନେଜରଙ୍କୁ ବିସିସିଆଇର ନୋଟିସ୍

**ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି):** ଗୌହାଟରେ ଆଇପିଏଲ୍‌ର ଲିଗ୍ ମ୍ୟାଚ୍‌ରେ ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚ୍‌ରେ ରାଜସ୍ଥାନର ପ୍ରବନ୍ଧକ ବା ମ୍ୟାନେଜର ରୋମି ଭିନ୍ଦର ଦଳର ଡଗ୍‌ଆଉଟ୍‌ରେ ବସି ମୋବାଇଲ୍ ଫୋନ୍ ବ୍ୟବହାର କରିବାର ଫଟୋ ଓ ଭିଡିଓ ଭାଇରାଲ ହୋଇଥିଲା। ଭିନ୍ଦର ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବା ବେଳେ ତାଙ୍କ ପାଖରେ ବସିଥିବା ଦଳର ଓପ୍‌ନର ବୈଭବ ସୂର୍ଯ୍ୟବଂଶୀ ଏହାକୁ ଦେଖୁଥିଲେ। ଏପରି ଗୁରୁତର ତ୍ରୁଟି କରିଥିବାରୁ ଭିନ୍ଦରଙ୍କୁ ବିସିସିଆଇର ଦୁର୍ନୀତି ନିବାରଣ ସଂସ୍ଥା (ଏସିଏସ୍‌ୟୁ) କାରଣ ଦର୍ଶାଅ ନୋଟସ୍ ଜାରିକରିଛି। ୪୮ ଘଣ୍ଟା ମଧ୍ୟରେ ନୋଟିସ୍‌ର ଜବାବ ଦେବା ପାଇଁ ଭିନ୍ଦରଙ୍କୁ କୁହାଯାଇଛି। ନିୟମ ଅନୁସାରେ, ଖେଳାଳି ମ୍ୟାଚ୍ ଖେଳିବାକୁ ଷ୍ଟାଡିୟମ୍‌ରେ ପ୍ରବେଶ କରିବା ପୂର୍ବରୁ ଫାଟକ ପାଖରେ ଫୋନ୍ ନିରାପତ୍ତାରକ୍ଷୀଙ୍କୁ ଦେବାକୁ ପଡ଼ିଥାଏ। କେବଳ ଦଳର ମ୍ୟାନେଜର ମୋବାଇଲ୍ ଫୋନ୍ ସାଙ୍ଗରେ ନେଇପାରିବେ । ଦଳର ଡ୍ରେସିଂରୁମ୍‌ରେ ସେ ଫୋନ୍ ବ୍ୟବହାର କରିପାରିବେ। ହେଲେ କେହି ପିଏମ୍‌ଓଏ (ଖେଳାଳି ଓ ମ୍ୟାଚ୍ ଅଧିକାରୀ ଅଞ୍ଚଳ) ରେ ଫୋନ୍ ବ୍ୟବହାର କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। ତେଣୁ ପଡ଼ିଆରେ ଡଗ୍‌ଆଉଟରେ ଫୋନ୍‌ର ବ୍ୟବହାର କେହି କରିପାରିବେ ନାହିଁ। ଅନ୍ୟ କାହା ସହ ଯୋଗାଯୋଗ କରିବା ପାଇଁ ଉଦ୍ଦିଷ୍ଟ ସମସ୍ତ ଯନ୍ତ୍ର ଷ୍ଟାଡିୟମ୍ ମଧ୍ୟକୁ ଯାଇପାରିବ ନାହିଁ। ଏପରିକି ଦଳର ଆନାଲିଷ୍ଟଙ୍କ ଲ୍ୟାପ୍‌ଟପ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥାଏ। ବିସିସିଆଇ ମଧ୍ୟସ୍ଥ ସୂତ୍ରରୁ ପ୍ରକାଶ, ଆଇପିଏଲ୍ ଆରମ୍ଭର ତିନି ସପ୍ତାହ ପୂର୍ବରୁ ରୋମି ଭିନ୍ଦର ଗୁରୁତର ଭାବେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଥିଲେ। ତେଣୁ ତାଙ୍କ ପାଖରେ ମୋବାଇଲ୍ ଫୋନ୍ ରହିବା ଜରୁରୀ ଦର୍ଶାଇ ଭିନ୍ଦର ଏସିଏସ୍‌ୟୁଠାରୁ ପ୍ରାକ୍ ଅନୁମତି ଆଣିଥିଲେ। ଭିନ୍ଦର ଡଗ୍‌ଆଉଟ୍‌କୁ ଫୋନ୍ ନେବା ମାମଲାର ତଦନ୍ତ ବିସିସିଆଇ କରୁଛି।

## ଡକାୟତଙ୍କ ଗୁଳିରେ ଘାନା ଫୁଟ୍‌ବଲର ମୃତ

**ଆକ୍ରା (ଘାନା), ୧୩।୪ (ଏଜେନ୍ସି):** ଘାନା ପ୍ରିମିୟର ଲିଗ୍ ଖେଳୁଥିବା ଏକ କ୍ଲବ୍‌ର ବସ୍ ଉପରେ ରବିବାର ରାତିରେ ଡକାୟତ ଆକ୍ରମଣ କରିଛନ୍ତି। ଡକାୟତମାନେ ବସ୍ ଉପରେ ଆଖିବୁଜା ଗୁଳି ଚଳାଇବା ଯୋଗୁଁ ଡମିନିକ୍ ଫ୍ରିମ୍‌ପଙ୍ଗ୍ ନାମକ ୨୦ ବର୍ଷ ବୟସ୍କ ଫୁଟ୍‌ବଲଙ୍କର ମୃତ୍ୟୁ ଘଟିଛି। ବେରିକମ୍ ଚେଲ୍‌ସି ଏଫ୍‌ସି ଦଳର ଖେଳାଳି ରବିବାର ସାମ୍ରେବୋଲ ସହରରେ ମ୍ୟାଚ୍ ଖେଳି ଏକ ବସ୍‌ରେ ତାଙ୍କ ସହରକୁ ଫେରୁଥିଲା। ହଠାତ୍ ମୁହଁ ଢାଙ୍କିଥିବା ଡକାୟତମାନେ ବସ୍‌କୁ ରୋକିଥିଲେ। ହେଲେ ଡ୍ରାଇଭର ବସ୍‌କୁ ପଛକୁ ନେବାର ପ୍ରୟାସ କରିବାରୁ ଅତ୍ୟାଧୁନିକ ବନ୍ଧୁକ ଧରି ଡକାୟତ ବସ୍ ଉପରକୁ ଗୁଳି ଚଳାଇଥିଲେ। ଖେଳାଳି ଓ ସପୋର୍ଟ ଷ୍ଟାଫ୍ ପ୍ରାଣ ବଞ୍ଚାଇବା ପାଇଁ ମୁଣ୍ଡ ତଳକୁ କରି ବସ୍ ମଧ୍ୟରେ ଶୋଇ ଯାଇଥିଲେ। ହେଲେ ଫ୍ରିମ୍‌ପଙ୍ଗ୍‌ଙ୍କ ଶରୀରରେ ଗୁଳି ବାଜିଥିଲା ଏବଂ ହସ୍‌ପିଟାଲରେ ତାଙ୍କୁ ମୃତ ଘୋଷଣା କରା ଯାଇଥିଲା। ଡକାୟତମାନେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କଠାରୁ ଟଙ୍କା, ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଓ ଅନ୍ୟ ମୂଲ୍ୟବାନ ଜିନିଷ ନେଇ ଚାଲି ଯାଇଥିଲେ।

### ମହିଳା ଟି-୨୦ ବିଶ୍ୱକପ୍‌ରେ ରେକର୍ଡ ପୁରସ୍କାର

## ଚାମ୍ପିଅନ ଦଳକୁ ମିଳିବ ୨୧.୮ କୋଟି ଟଙ୍କା




**ଦୁବାଇ, ୧୩।୪ (ଏଜେନ୍ସି):** ଆଇସିସି ମହିଳା ଟି-୨୦ ବିଶ୍ୱକପର ଆଗାମୀ ଦଶମ ସଂସ୍କରଣ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏଥିଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ରେକର୍ଡ ପରିମାଣର ପୁରସ୍କାର ରାଶି ଘୋଷଣା କରିଛି। ଏଥର ବିଶ୍ୱକପ୍‌ରେ ମୋଟ୍ ୮୭ ଲକ୍ଷ ୬୪ ହଜାର ୬୧୫ ଡଲାର (ଭାରତୀୟ ମୁଦ୍ରାରେ ୮୧.୮ କୋଟି) ପୁରସ୍କାର ରାଶି ପ୍ରଦାନ କରାଯିବ। ଗତ ୨୦୨୪ ସଂସ୍କରଣଠାରୁ ଏହା ୧୦ ପ୍ରତିଶତ ଅଧିକ। ଯେଉଁଥିରେ ଅଂଶଗ୍ରହଣକାରୀ ୧୦ଟି ଦଳକୁ ପୁରସ୍କାର ବାବଦରେ ମୋଟ୍ ୭୯ ଲକ୍ଷ ୫୮ ହଜାର ଡଲାର ପ୍ରଦାନ କରାଯାଇଥିଲା। ଏଥର ଯେଉଁ ଦଳ ବିଶ୍ୱକପ୍‌ରେ ଚାମ୍ପିଅନ ହେବ ୨୩.୪୦ ଲକ୍ଷ ଡଲାର ସାଥୀରେ ଘରକୁ ନେବ। ଯାହାକି ଭାରତୀୟ ମୁଦ୍ରାରେ ୨୧.୮ କୋଟି ଟଙ୍କା ହେବ। ନିକଟରେ ପୁରୁଷ ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳ ୨.୪୫ ମିଲିୟନ ଡଲାର (ପ୍ରାୟ ୨୨.୮୭ କୋଟି) ଟଙ୍କା ପାଇଥିଲା। ଅପରପକ୍ଷରେ ମହିଳା ବିଶ୍ୱକପ୍‌ର ଉପବିଜେତା ଦଳକୁ ପାଖାପାଖି ୧୦ କୋଟି ଟଙ୍କା (୧୧.୭୦ ଲକ୍ଷ ଡଲାର) ପୁରସ୍କାର ଦିଆଯିବ। ସେମିଫାଇନାଲରେ ପରାଜିତ ଦଳ ୬.୨୯ କୋଟି (୬.୭୫ ଲକ୍ଷ ଡଲାର) ଲେଖାଏ ପାଇବେ। ଏହାବାଦ୍ ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ମ୍ୟାଚ୍ ଜିତିଥିବା ଦଳକୁ ୨୯ ଲକ୍ଷ ଟଙ୍କା (୩୧,୧୫୪ ଡଲାର) ମିଳିବ। ସେହିଭଳି ଏଥର ଅଂଶଗ୍ରହଣ କରୁଥିବା ୧୨ଟି ଦଳକୁ ୨.୩୧ କୋଟି ଟଙ୍କା ଆଇସିସି ପ୍ରଦାନ କରିବ। ଜୁନ ୧୨ରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ମହିଳା ଟି-୨୦ ବିଶ୍ୱକପର ଉଦଘାଟନୀ ମ୍ୟାଚ୍ ଖେଳାଯିବ। ୨୪ ଦିନ ଧରି ୭ଟି ଭେନ୍ୟୁରେ ମୋଟ୍ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ।

### ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## କ୍ରିକେଟ୍, ହକି ସାମିଲ ହେବ: କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି):** ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୪ତମ ସଂସ୍କରଣ ୨୦୩୦ରେ ଭାରତର ଅହମ୍ମଦାବାଦରେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟରେ ଭାରତର ଦୁଇ ଲୋକପ୍ରିୟ କ୍ରୀଡ଼ା କ୍ରିକେଟ୍ ଓ ହକିକୁ ସାମିଲ କରାଯିବ। ସେହିଭଳି କବାଡ଼ି, ମାଲଖମ୍ବ, ଖୋ-ଖୋ ଓ ଯୋଗ କ୍ରୀଡ଼ାକୁ ନେଇ ବିଚାର ଚାଲିଛି। ଏଥିରୁ ଦୁଇଟି କ୍ରୀଡ଼ାକୁ ମଧ୍ୟ ସାମିଲ କରାଯିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ସୋମବାର ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରତିନିଧି ମଣ୍ଡଳୀ ଗତ ସପ୍ତାହରେ ଭାରତ ଗସ୍ତରେ ଆସି କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସଭାପତି ଡୋନାଲ୍ଡ ରୁକାରେ, ସିଇଓ କେଟି ସାଲଲେର୍, ନିର୍ଦ୍ଦେଶକ ଡାରେନ ହଲ୍, କ୍ରୀଡ଼ା ନିର୍ଦ୍ଦେଶକ ଆନ୍ନ-ଲୁଇସ ମୋର୍ଗାନ ଓ ଇଭେଣ୍ଟ ଏକ୍ସପର୍ଟ ନେଲ୍ କାର୍ନେ ସାମିଲ ଥିଲେ। ଏହି ସାକ୍ଷାତ୍‌କାରରେ ୨୦୩୦ ସଂସ୍କରଣରେ କେଉଁ ୧୭ଟି କ୍ରୀଡ଼ାକୁ ସାମିଲ କରାଯିବ ତାହାକୁ ନେଇ ଆଲୋଚନା ହୋଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଗ୍ଲାସଗୋରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୦ଟି କ୍ରୀଡ଼ାକୁ ନେଇ ଅନୁଷ୍ଠିତ ହେବ। ଯେଉଁଥିରେ କ୍ରିକେଟ୍, ହକି ସାମିଲ ନାହିଁ। କିନ୍ତୁ ଭାରତରେ ହେବାକୁ ଥିବା ପରବର୍ତ୍ତୀ ସଂସ୍କରଣରେ ଆଉ ୭ଟି ଅଧିକ କ୍ରୀଡ଼ାକୁ ସାମିଲ କରାଯିବ।

### ■ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ

## ଲୌରାଙ୍କୁ ଦଳର ନେତୃତ୍ୱ

**ଜୋହାନ୍ସବର୍ଗ, ୧୩।୪ (ଏଜେନ୍ସି):** ଭାରତ ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ସୋମବାର ଘରୋଇ ଦକ୍ଷିଣ ଆଫ୍ରିକା ମହିଳା ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ବ୍ୟାଟର୍ ଲୌରା ୱଲଭାର୍ଡ୍‌ଟ୍‌ଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଆଘାତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବା ବରିଷ୍ଠ ଅଲରାଉଣ୍ଡର ମାରିଜାନେ କାପ୍ପଙ୍କୁ ପୁଣି ବିଶ୍ରାମ ଦିଆଯାଇଛି। ଏଥିପୂର୍ବରୁ ସେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ମଧ୍ୟ ମିସ୍ କରିଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ଟି-୨୦ ସିରିଜ ଏପ୍ରିଲ ୧୭ରୁ ଡର୍ବାନରେ ଆରମ୍ଭ ହେବ। ଏହାପରେ ପରବର୍ତ୍ତୀ ୪ଟି ମ୍ୟାଚ୍ ଯଥାକ୍ରମେ ଏପ୍ରିଲ ୧୯, ୨୨, ୨୫ ଓ ୨୭ ତାରିଖରେ ଖେଳାଯିବ। ମହିଳା ଟି-୨୦ ବିଶ୍ୱକପ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳର ଏହା ଶେଷ ସିରିଜ ହେବ।



ଘୋଷିତ ଦକ୍ଷିଣ ଆଫ୍ରିକା ଦଳ: ଲୌରା ୱଲଭାର୍ଡ୍‌ଟ (ଅଧିନାୟିକା), ଆନ୍ନେକେ ବୋଷ୍ଟ, ତାଜମିନ ବ୍ରିଟ୍ସ, ନାଦିନେ କ୍ଲର୍କ, ଆନେରି ଡେର୍କସେନ, ଆୟାଣ୍ଡା ଲୁବି, ସିନାଲୋ କାଫତା, ଆୟାବୋଙ୍ଗା ଖାକା, ସୁନେ ଲସ୍, ତେବୋଗୋ ମାକେକେ, ଏଲିଜ-ମାରି ମାକ୍ସ, ନୋନକୁଲୁଲେକୋ ମାଲବା, କାଖ୍ୟା ରେନେକେ, ତୁମି ସେଖୁଖୁନେ ଓ କ୍ଲୋଏ ଟ୍ରିୟନ।

### ● ଭାରତୀୟ ଭଲିବଲ୍‌ରେ ସଙ୍କଟ

## ଏକାଧିକ ସମସ୍ୟା ଦର୍ଶାଇ ଶିବିର ଛାଡ଼ି ପଳାଇଲେ ୨ ଖେଳାଳି

**ଅହମ୍ମଦାବାଦ, ୧୩।୪ (ଏଜେନ୍ସି):** ଭାରତୀୟ ଭଲିବଲ୍‌ରେ ବଡ଼ ସଙ୍କଟ ଦେଖିବାକୁ ମିଳିଛି। ଏକାଧିକ ସମସ୍ୟା ଦର୍ଶାଇ ଅହମ୍ମଦାବାଦରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ଦଳର ଶିବିର ଅଧାରୁ ଦୁଇଜଣ ଖେଳାଳି ଛାଡ଼ି ପଳାଇଛନ୍ତି। ଏହି ଦୁଇଜଣ ଖେଳାଳି ହେଲେ ବରିଷ୍ଠ ଲିବେରୋ କେ. ଆନନ୍ଦ ଓ ବ୍ଲକର ଜନ୍ ଜୋସେଫ। ବୈଜ୍ଞାନିକ ତାଲିମର ଅଭାବ, ଶକ୍ତି ଓ କଣ୍ଡିସନିଂ ସମର୍ଥନର ଅଭାବ, ପ୍ରଦର୍ଶନର ବିଶ୍ଳେଷଣ କିମ୍ବା ସ୍କାଉଟିଂ ହେଉ ନ ଥିବା, ପର୍ଯ୍ୟାପ୍ତ ଚିକିତ୍ସା ଓ ପୁନରୁଦ୍ଧାର ସହାୟତାର ଅଭାବ, ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରୁ ନ ଥିବା ନିମ୍ନମାନର ଭିତ୍ତିଭୂମି ଦର୍ଶାଇ ଆନନ୍ଦ ଓ ଜୋସେଫ ଏଭଳି ବଡ଼ ନିଷ୍ପତ୍ତି ନେଇଛନ୍ତି। ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଏହି ଦୁଇଜଣ ଖେଳାଳି କହିଛନ୍ତି 'ଆମେ ଅନୁଭବ କରୁଛୁ ଧିରେ ଧିରେ ପୁରୁଣା ବ୍ୟବସ୍ଥାକୁ ଫେରିଯାଉଛୁ। ପ୍ରଶିକ୍ଷକମାନେ କିଛି ଜାଣନ୍ତି ନାହିଁ। ସେମାନେ ୧୯୫୦ ଦଶକରେ ବଞ୍ଚୁଛନ୍ତି। ବର୍ତ୍ତମାନର ପରିସ୍ଥିତି ସହିତ ଅନ୍ତର୍ଜାତୀୟସ୍ତରରେ ସଫଳତା ହାସଲ କରିବା କଷ୍ଟକର ହୋଇପଡ଼ିଛି।' ଏହି ସମସ୍ୟାକୁ ନେଇ ଉଭୟ ଭାରତୀୟ ଭଲିବଲ୍ ମହାସଂଘ (ଭିଏଫ୍‌ଆଇ)କୁ ୭ରୁ ୮ଟି ମେଲ୍ କରିଥିଲେ। ଯେଉଁଥି ପାଇଁ ଉଭୟଙ୍କୁ କ୍ଷମା ମାଗିବାକୁ ଓ ମେଲ୍ ପ୍ରତ୍ୟାହାର କରିନେବାକୁ ଚାପ ପକାଯାଇଥିଲା। ଭିଏଫଆଇ ଦ୍ୱାରା ବାସନ୍ଦ ହେବାର ଆସନ୍ନ ବିପଦ ସତ୍ତ୍ୱେ ଉଭୟ କ୍ଷମା ମାଗିବାକୁ ମନା କରି ଶିବିର ଛାଡ଼ି ଚାଲିଯାଇଛନ୍ତି। ଅପରପକ୍ଷରେ 'ବର୍ତ୍ତମାନ ବହୁତ ରାଜନୀତି ଚାଲିଛି' ବୋଲି ଭିଏଫ୍‌ଆଇ ପକ୍ଷରୁ କୁହାଯାଇଛି।

### ପ୍ରଥମ ୨୦ଟି ମ୍ୟାଚ୍‌ରେ ଆଇପିଏଲ୍ ରେକର୍ଡ

## ୨୦ଥର ହୋଇଛି ୨୦୦ରୁ ଅଧିକ ସ୍କୋର୍

**ନୂଆଦିଲ୍ଲୀ,୧୩।୪(ଏଜେନ୍ସି):** ୨୦୨୬ରେ ଅନୁଷ୍ଠିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣରେ ଖେଳାଯାଇଥିବା ପ୍ରଥମ ୨୦ଟି ମ୍ୟାଚ୍‌ରେ ପୂର୍ବର ସମସ୍ତ ରେକର୍ଡ ଅତିକ୍ରମ ହୋଇଛି। ଏହା ଫଳରେ ଚଳିତ ଆଇପିଏଲ୍‌କୁ ସବୁଠାରୁ ବିସ୍ଫୋରକ ଟୁର୍ଣ୍ଣାମେଣ୍ଟ ଭାବେ ବର୍ଣ୍ଣନା କରାଯାଉଛି। ଏହି ସିଜନର ପ୍ରଥମ ୨୦ଟି ମ୍ୟାଚ୍‌ର ଗୋଟିଏ ଇନିଂସରେ ୨୦ଥର ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଛି। ମ୍ୟାଚ୍‌ରେ ଓଭର ପ୍ରତି ୧୦ ହାର, ପାୱାର ପ୍ଲେ'ରେ ୧୦.୪୪ ହାର, ୧୨୪ ଛକା, ପ୍ରତି ୧୧.୧ ବଲ୍‌ରେ ଛକା, ପ୍ରତି ୫.୪ ବଲ୍‌ରେ ଚୌକା ଓ ପ୍ରତି ୩.୬ ବଲ୍‌ରେ ବାଉଣ୍ଡାରୀ ସ୍କୋର ହୋଇଛି। ବ୍ୟାଟିଂ ଟେକ୍ନିକ୍‌ରେ ଉନ୍ନତି, ବ୍ୟାଟରଙ୍କ ଭୟଶୂନ୍ୟ ଖେଳ ଏବଂ ଇମ୍ପାକ୍ଟ ସବ୍ ଯୋଗୁଁ ଏହା ସମ୍ଭବ ହୋଇଛି।

ପ୍ରଥମ ୨୦ଟି ମ୍ୟାଚ୍‌ର ପରିସଂଖ୍ୟାନକୁ ଦେଖିଲେ ୨୦୨୫ରେ ଓଭର ପ୍ରତି ୯.୫୨ ରନ୍ ଓ ୧୨.୭୮ ବଲ୍‌ରେ ଗୋଟିଏ ଛକା ହୋଇଥିଲା। ୨୦୨୬ରେ ଏଥିରେ ଉନ୍ନତି ହୋଇଛି। ଚଳିତ ସିଜନର ପ୍ରଥମ ୨୦ଟି ମ୍ୟାଚ୍‌ରେ ଓଭରପ୍ରତି ୧୦ରନ୍ ଓ ପ୍ରତି ୧୨.୨୪ ବଲ୍‌ରେ ଗୋଟିଏ ଛକା ମରାଯାଇଛି। ଏହା ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ସେହିପରି ପାୱାର ପ୍ଲେ' ପ୍ରଦର୍ଶନକୁ ଦେଖିଲେ ଗତ ସିଜନରେ ଓଭର ପ୍ରତି ୯.୫୨ ହାରରେ ରନ୍ ସ୍କୋର ହୋଇଥିଲା। ଏଥର ଏହି ସଂଖ୍ୟା ୧୦.୪୪କୁ ବୃଦ୍ଧି ପାଇଛି। ଏହା କେବଳ ଏହି ବର୍ଷ ହୋଇନାହିଁ। ଗତ ୫ ବର୍ଷରେ ଏହା କ୍ରମାଗତ ପରିବର୍ତ୍ତନ ହୋଇଆସୁଛି। ପାୱାର ପ୍ଲେ'ରେ ଓଭର ପ୍ରତି ରନ୍ ସଂଗ୍ରହ ହାରକୁ ଦେଖିଲେ ଏହା ୨୦୨୨ରେ ୭.୪୯ ଥିଲା। ଏବେ ୨୦୨୬ରେ ୩୯ ଶତକଡ଼ା ବୃଦ୍ଧି ପାଇଛି। ମିଡଲ ଓଭରରେ ରନ୍ ହାର ସାମାନ୍ୟ ବୃଦ୍ଧି ପାଇଥିଲା ବେଳେ ଡେଥ ଓଭରରେ ଏହା କମିଯାଇଛି। ପାୱାର ପ୍ଲେ'ରେ ଗତବର୍ଷ ୧୪.୪୮ ବଲ୍‌ରେ ଗୋଟିଏ ଛକା ହୋଇଥିଲା। ଏଥର ଏହି ସଂଖ୍ୟା ୧୧.୦୫କୁ କମିଆସିଛି। ଏଥର ପ୍ରଥମ ୨୦ଟି ମ୍ୟାଚ୍‌ରେ ୧୨୪ଟି ଛକା ଓ ୨୫୫ଟି ଚୌକା ମରାଯାଇଛି। ଏହାର ଅର୍ଥ ପ୍ରତି ୧୧.୧ ବଲ୍‌ରେ ଗୋଟିଏ ଛକା ଓ ପ୍ରତି ୫.୪ ବଲ୍‌ରେ ଗୋଟିଏ ଚୌକା ମରାଯାଇଛି। ପ୍ରତି ୩.୬ ବଲରେ ଗୋଟିଏ ବାଉଣ୍ଡରୀ ମରାଯାଇଛି।



ଏହି ୨୦ଟି ମ୍ୟାଚ୍‌ରେ ଏଥର ୨୦ଥର ଗୋଟିଏ ଇନିଂସରେ ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଛି। ଆଇପିଏଲ୍‌ରେ ଏହା ସବୁଠାରୁ ଅଧିକ। ଗତବର୍ଷ ଏହା ୧୧ଥର ସ୍କୋର ହୋଇଥିଲା। କୋଲକାତାରେ ବାତିଲ ହୋଇଥିବା ଓ ଗୌହାଟୀରେ ୧୧ ଓଭର ବିଶିଷ୍ଟ ବ୍ୟାଚ୍‌କୁ ବାଦ୍ ଦେଲେ ପ୍ରଥମେ ବ୍ୟାଟିଂ କରିଥିବା ୧୮ଟି ଇନିଂସ ମଧ୍ୟରୁ ୧୧ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ହୋଇଛି। ଏହି ସମୟରେ ୧୧ଥର ୨୦୦ରୁ ଅଧିକ ରନ୍ ଚେଜ୍ କରିବାକୁ ଟାର୍ଗେଟ ଥିଲା। ଏହା ମଧ୍ୟରୁ ୫ଥର ସଫଳତାର ସହ ୨୦୦ରୁ ଅଧିକ ରନ୍ ଚେଜ୍ ହୋଇଛି। କୋଲକାତା ପ୍ରଦତ୍ତ ୨୨୦ ରନ୍‌ର ଟାର୍ଗେଟକୁ ମୁମ୍ବଇ ୫ଟି ବଲ ବାକିଥାଇ ହାସଲ କରିବା ପ୍ରଥମ ୨୦ଟି ମ୍ୟାଚ୍‌ରେ ଥିଲା ସର୍ବାଧିକ ରନ୍ ଚେଜ୍। ଏହି ୨୦ଟି ମ୍ୟାଚ୍‌ରେ ହାରିଥିବା ଦଳ ଟାର୍ଗେଟର ନିକଟରେ ପହଞ୍ଚିଥିଲା। ଏହା ମଧ୍ୟରୁ ରାଜସ୍ଥାନ ରୟାଲ୍ସଠାରୁ ଗୁଜରାଟ ଟାଇଟାନ୍ସ ୬ରନ୍‌ରେ ଓ ଗୁଜରାଟଠାରୁ ୧ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ରୋମାଞ୍ଚକ ମୁକାବିଲାରେ ପରାଜିତ ହୋଇଛି।

ଏହି ସମୟରେ ବ୍ୟକ୍ତିଗତ ଭାବେ ୪୮ଟି ଅର୍ଦ୍ଧଶତକ ସ୍କୋର ହୋଇଛି। ଏହା ମଧ୍ୟରୁ ୨୦ରୁ କମ୍ ବଲ୍‌ରେ ୫ଥର ଓ ୨୫ରୁ କମ୍ ବଲ୍‌ରେ ୧୪ଥର ଅର୍ଦ୍ଧଶତକ ହୋଇଛି। ଗତବର୍ଷ ଏହି ସମୟରେ ୪୪ଟି ଅର୍ଦ୍ଧଶତକ ହୋଇଥିଲାବେଳେ ମାତ୍ର ଥରେ ୨୦ରୁ କମ୍ ବଲ୍‌ରେ ଅର୍ଦ୍ଧଶତକ ପୂରଣ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS